
ଦରଶ-50

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

୫୦

# ଚରମ

ଦଶମ ପୁଷ୍ପ ❋ ପ୍ରଥମ ପାଖୁଡ଼ା ❋ ପଞ୍ଚାଶତ୍ ସଂଖ୍ୟା ❋ ୫୦ ❋


ସମ୍ପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ
ସାଧାରଣ ସମ୍ପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୦୬୭୧-୨୩୧୧୪୩୧ ।


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ।
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୬୧୦୧, ୨୭୬୭୬୭୭



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ ।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତିଖଣ୍ଡ - ଏକବିଂଶ ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ : ଏକଷଷ୍ଟିତମ (୬୧) ❋ ମର୍ତ୍ତ୍ୟାବତରଣ ମାସ ❋ ରାହାସ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଦଶମ ପୁଷ୍ପ ❋
ପ୍ରଥମ ପାଖୁଡ଼ା
ପଞ୍ଚାଶତ୍ ସଂଖ୍ୟା (୫୦)

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଜୟଜୟ ଗୁରୁସ୍ୱାମୀ | ୧ |
| **ସିଂହଦ୍ୱାର** | |
| ଭଜନ | ୨ |
| **ମୁଖଶାଳା** | |
| ସମ୍ପାଦକୀୟ | ୩ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ 'ବିବାହ' | ୫ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୯ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୩ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୮ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୨୧ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୪ |
| ଜିଜ୍ଞାସା : ଜିଜ୍ଞାସୁ : | ୨୮ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୪ |
| କଲ୍ୟାଣ ଦେଖି ତୋତେ | ୩୬ |
| କେଶବ କୈବଲ୍ୟ କଣିକା | ୩୯ |
| **ନୀଳଚକ୍ର** | |
| ଚରମର ସଂକେତ (ଉତ୍ସବ ପରିଚିତି) | ୪୫ |
| ଆଶ୍ରମ ସନ୍ଦେଶ | ୬୨ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସମ୍ପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



ଜ୍ୟୋତି ସ୍ୱରୂପ ହୃଦୟେ ପ୍ରକାଶ
ଘଟେ ଘଟେ ସର୍ବଦା ବିରାଜିତ
ଅଜ୍ଞାନ ଜୀବୋଦ୍ଧାର ହେତବ ହେ
ପାତୁ ନ ସର୍ବ ବିମୂଢ଼ାଷ୍ଟଭକ୍ତା ॥

## ମଙ୍ଗଳାଚରଣ

## ଜୟଜୟ ଗୁରୁସ୍ୱାମୀ

ଓଁ

ଜୟ ଜୟ ଗୁରୁସ୍ୱାମୀ ପଙ୍କଜ ଚରଣ ।
ଲକ୍ଷ୍ମୀ ପଦ୍ମାଳୟା ତୋତେ କରିଛି ବରଣ ॥
ଜୟଜୟ ଗୁରୁସ୍ୱାମୀ ପ୍ରଭୁ ଆଦିକନ୍ଦ ।
ସଚ୍ଚିଦାନନ୍ଦ ବିଗ୍ରହ ସଦା ପ୍ରେମାନନ୍ଦ ॥
ଜୟ ଜୟ ଗୁରୁସ୍ୱାମୀ ହେ ପରମପିତା ।
ଆଜ୍ଞା ତୋ'ର କେବେ ହେଲେ ନହୁଏ ଅନ୍ୟଥା ॥
ଜୟ ଜୟ ଗୁରୁସ୍ୱାମୀ ଭକତର ବନ୍ଧୁ ।
ସକଳ ତତ୍ତ୍ୱର ମୂଳ ତୁ ହିଁ ଜ୍ଞାନସିନ୍ଧୁ ॥
ଜୟ ଜୟ ଗୁରୁସ୍ୱାମୀ ଶ୍ରୀପାଦେ ବନ୍ଦନା ।
ଭକତି ଭରେ କରୁଛି ମୁଁ ଯେ ଦୀନାହୀନା ॥
ଜୟ ଜୟ ଗୁରୁସ୍ୱାମୀ ଖିଳ ବିଶ୍ୱପତି ।
ଶ୍ରୀପାଦ ପଦ୍ମରେ ତୋର ସାଷ୍ଟାଙ୍ଗ ପ୍ରଣତି ॥
ଜୟ ଜୟ ଗୁରୁସ୍ୱାମୀ ବ୍ରହ୍ମାଣ୍ଡ ବିଧାତା ।
ସୃଷ୍ଟି ସ୍ଥିତି ପ୍ରଳୟର ଏକ ହିଁ କରତା ॥
ଜୟଜୟ ଗୁରୁସ୍ୱାମୀ ସର୍ବମୟ କର୍ତ୍ତା ।
ତୁ ନାଥ ଏ ଜଗତରେ ତ୍ରିତାପର ହର୍ତ୍ତା ॥
ଜୟ ଜୟ ଗୁରୁସ୍ୱାମୀ ଚରମ ପୁରୁଷ ।
ତୋ' ପାଖରେ ରହିନାହିଁ କା'ର ପଉରୁଷ ॥
ପ୍ରକୃତିକୁ ଅଙ୍ଗେ ଧରି ପୁରୁଷ ବୋଲାଉ ।
ଜୟ ଜୟ ଗୁରୁସ୍ୱାମୀ ତୋ'ର ଜୟହେଉ ॥




ଜୟ ଜୟ ଗୁରୁସ୍ୱାମୀ ପ୍ରଭୁ ନାରାୟଣ ।
କ୍ଷୀରାବ୍ଧି ତନୟା ମାତା କରିଛି ବରଣ ॥
ଜୟ ଜୟ ଗୁରୁସ୍ୱାମୀ ସର୍ବ ଦୁଃଖହର ।
ସକଳ ହରଣ କରି ନାମ ହରିହର ॥
ଜୟ ଜୟ ଗୁରୁସ୍ୱାମୀ ତୁ ଶୂନ୍ୟବିହାରୀ ।
ଗର୍ବ ଅହଂକାର କେବେ ନରଖୁ କାହାରି ॥
ଜୟ ଜୟ ଗୁରୁସ୍ୱାମୀ ଶ୍ରୀପାଦେ ଜୁହାର ।
ଏ ସାରା ସୃଷ୍ଟିରେ ଅବା ତୁ ନୋହୁ କାହାର ॥
ଜୟ ଜୟ ଗୁରୁସ୍ୱାମୀ ଚୈତନ୍ୟ ସ୍ୱରୂପ ।
ଘଟେ ଘଟେ ଜାଳିଅଛୁ ଚେତନା ପ୍ରଦୀପ ॥
ଜୟ ଜୟ ଗୁରୁସ୍ୱାମୀ ସଦା ଶାନ୍ତମୂର୍ତ୍ତି ।
ଅଖିଳ ସୃଷ୍ଟିରେ ଧନ୍ୟ ତୋ'ର ଲୀଳା କୀର୍ତ୍ତି ॥
ଜୟ ଜୟ ଗୁରୁସ୍ୱାମୀ ଦେବ ପ୍ରଭୁପାଦ ।
ଶ୍ରୀପାଦ ସ୍ମରଣ ମାତ୍ରେ ନାଶୁ ତୁ ବିପଦ ॥
ଜୟ ଜୟ ଗୁରୁସ୍ୱାମୀ ଅନାଦି ଅନନ୍ତ ।
ତୋ' ଦୟାରୁ ଜୀବକୁଳ ସିନା ପ୍ରାଣବନ୍ତ ॥
ଜୟ ଜୟ ଗୁରୁସ୍ୱାମୀ ପ୍ରଭୁ ଭାବଗ୍ରାହୀ ।
ସକଳ ଗୁରୁଙ୍କ ସ୍ୱାମୀ ଧନ୍ୟ ଶୂନ୍ୟଦେହୀ ॥
ତୋ' ମହିମା ବଖାଣିବ କା'ର ଏତେ ଶକ୍ତି ।
ଜୟ ଜୟ ଗୁରୁସ୍ୱାମୀ ନିବେଦୁଛି ଭକ୍ତି ॥

ଜୟ ଜୟ ଗୁରୁସ୍ୱାମୀ ଗୁରୁସ୍ୱାମୀ ଜୟ ।
କରୁଣା କଲ୍ୟାଣ ଦେଇ ହର ସର୍ବଭୟ ॥



ସିଂହଦ୍ୱାରୁ

# ଭଜନ



ଜଗି ରହିଲେ ଜୀବ ଦେଖିବୁ ତୁହି
ଜାଗିଥିବା ଜନ କିଛି ଦେଖିବେ ନାହିଁ ........... ।। ୦।।

| | |
|---|---|
| କେ ଅବା ବୋଲିବେ ଜୀବ | ଆଖି ବାଟେ ଗଲା |
| ଆଉ କେହି କହୁଥିବେ | ପାଟି ଦେଇ ଗଲା |
| ଆସିଥିଲା ଯେଉଁ ପଥେ | ଚାଲିଗଲା ସେହି ...........।। ୧।। |
| ଏ ଘଟରୁ ଯାଇ ଜୀବ | ସେ ଘଟେ ପଶିଲା |
| ମାଟିଘଟ ପୋଷାକକୁ | ଓହ୍ଲାଇ ରଖିଲା |
| ଏ ଜନମ ସୁଖଦୁଃଖ | ଗଲା ରଖିଦେଇ ........... ।। ୨।। |
| ଶରଧାରେ ଗଢ଼ିଥିଲା | ଯେଉଁ ସଂସାରକୁ |
| ଛାରଖାର କରିଗଲା | ଅନ୍ୟ ରାଇଜକୁ |
| ଭୁଲିଗଲା ପୁତ୍ରବନ୍ଧୁ | ବାନ୍ଧବ ଭାଇ ........... ।। ୩।। |
| ଜୀବରେ ପରମ ବାସ | କରି ରହିଥିଲା |
| ମୋହେ ପଡ଼ି ସେହି ଜୀବ | ପରମ ଭୁଲିଲା |
| ସଦଗୁରୁ କୃପାହେଲେ | ଏ ଭାବକୁ ପାଇ ........... ।। ୪।। |

# ମୁଖଶାଳା

## ସଂପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!**

ଇନ୍ଦ୍ରିୟଗ୍ରାହ୍ୟ ସୁଖ (ଆଖି, କାନ, ନାକ, ଜିହ୍ୱା, ଚର୍ମ ଇତ୍ୟାଦି ପାଞ୍ଚଇନ୍ଦ୍ରିୟ ପାଇଁ ପାଞ୍ଚଗୋଟି ବିଷୟ - ଯଥା : ଭଲ ରୂପ ବା ଦୃଶ୍ୟ, ମିଠା କଥା ବା ମଧୁର ସ୍ୱର, ଭଲ ଗନ୍ଧ, ଭଲ ଖାଦ୍ୟ ବା ମଧୁର ରସ, କଅଁଳ ପରଶ ବା ନରମ ସ୍ପର୍ଶ ଆଦି) ପଶୁମାନେ ମଧ ଉପଭୋଗ କରୁଛନ୍ତି । ମାତ୍ର ଏପରି ଇନ୍ଦ୍ରିୟ ସୁଖପ୍ରାପ୍ତି ଓ ଉପଭୋଗ ପାଇଁ ମଣିଷ ଏ ପୃଥିବୀ ପୃଷ୍ଠରେ ଜନ୍ମ ହୋଇ ନାହିଁ । ଇନ୍ଦ୍ରିୟ ସୁଖ ଭୋଗରେ ଲିପ୍ତ ଓ ମଗ୍ନ ମଣିଷ ପଶୁତୁଲ୍ୟ । ଆମେ ବହୁ ପୂର୍ବ ଜନ୍ମ ଜନ୍ମାନ୍ତରରୁ ପଶୁଶରୀର ତ୍ୟାଗ କରି ନରଶରୀର-ଦୁର୍ଲ୍ଲଭମାନବ ଶରୀର ଧାରଣ କରି ସାରିଛୁ । ଏବେ ସୁଖ ଦୁଃଖର ଉର୍ଦ୍ଧ୍ୱକୁ ଉଠିବା ହିଁ ଆମ ଜୀବନର ଏକମାତ୍ର ଲକ୍ଷ୍ୟ । ଏହାହିଁ ଚରମପ୍ରାପ୍ତ ଅବସ୍ଥା । ଏହି ଅବସ୍ଥା ପ୍ରାପ୍ତ କରିବା ଆଶାରେ ଆମେ ସମସ୍ତେ ସ୍ୱତଃ ଭଗବାନ ଠାକୁରଙ୍କ ପଦ୍ମପାଦ ପୀଠରେ ଏକତ୍ର ହୋଇ ସାରିଛୁ । ତେବେ ପୁଣି ଆମେ କାହିଁକି ଇନ୍ଦ୍ରିୟଗ୍ରାହ୍ୟ ସୁଖଭୋଗ ଲାଳସା ମନ ମଧ୍ୟରେ ଗୋପନରେ ସାଇତି ସଜାଇ ରଖିଛୁ ? ଏହା ନିଛକ୍ କପଟାଚାର ନୁହେଁ କି ? ଏହାଦ୍ୱାରା ପ୍ରତିଦିନ ପ୍ରତିମୁହୂର୍ତ୍ତରେ ଆମେ ମହାଘୋର ପାପକର୍ମ କରୁନାହୁଁ କି ?

ସାଧନା ମାର୍ଗ ଠାକୁରେ ଆମ ପାଇଁ ନିର୍ଦ୍ଦିଷ୍ଟ ଭାବରେ ବତାଇ ଦେଇଅଛନ୍ତି । କ'ଣ କରିବାକୁ ହେବ ସେ ଦୟାକରି ଆମକୁ ଜଣାଇ ଦେଇଅଛନ୍ତି । ତାଙ୍କ ଆଦେଶକୁ ଲଙ୍ଘନ କରିବା ଆମ ପାଇଁ ଆଦୌ ଶୁଭଙ୍କର ନୁହେଁ । ସାଧନା ଚଳାଇ ରଖିବାକୁ ହେବ । ସାଧନାରେ ସିଦ୍ଧି ହୋଇଯିବା ପରେ ବଞ୍ଚିବାର ଇଚ୍ଛା, ମୃତ୍ୟୁଭୟ, କାମ, କ୍ରୋଧ, ଲୋଭ, ମୋହାଦି ଓ କର୍ମର ଆସକ୍ତି ସକଳ ନଷ୍ଟ ହୋଇଯାଏ, ହୋଇଯିବ । ସିଦ୍ଧିଲାଭ ନହେବା ପର୍ଯ୍ୟନ୍ତ ଦୟାମୟ ଠାକୁରଙ୍କର ପ୍ରତିଟି ଆଦେଶ ଓ ନିର୍ଦ୍ଦେଶ ଏବଂ ଉପଦେଶକୁ ପାଳନ କରିବାକୁ ହେବ ହିଁ ହେବ ।

ମନେରଖ- ଶରୀର କି ଇନ୍ଦ୍ରିୟ କେବେ ତୁମକୁ କହନ୍ତି ନାହିଁ ଯେ - ଆମେ ତୁମର କିମ୍ବା ତୁମେ ଆମର । ଆମ୍ଭେମାନେ ନିଜନିଜର ପ୍ରକୃତିରୁ ଏଗୁଡ଼ିକୁ ନିଜର ମନେକରି ଆପଣାର କରି ନେଇଅଛୁ । କିନ୍ତୁ ଏଗୁଡ଼ିକୁ ଆପଣାର ଏକାନ୍ତ ନିଜର ମନେକରିବା ଦ୍ୱାରା ଆମର ଚିତ୍ତ ଅଶୁଦ୍ଧ ଓ ଅପବିତ୍ର ହୋଇଯାଉଛି । ଅପବିତ୍ର, ଅସ୍ୱଚ୍ଛ ଓ ଅଶୁଦ୍ଧ ଚିତ୍ତ କିମ୍ବା ହୃଦୟରେ ପ୍ରଭୁପାଦ ଠାକୁରଙ୍କର ଦିବ୍ୟଜ୍ୟୋତିଃ ଅନୁଭବ ବା ଦର୍ଶନ କରିବା ସମ୍ଭବ ହୁଏ ନାହିଁ, ହେଉନାହିଁ ।

ସିଦ୍ଧି ଆଉ କାହାକୁ କୁହାଯାଏ କି ? ଏ ସ୍ଥୂଳଜଗତର, ଏ ସ୍ଥୂଳ ପ୍ରକୃତିକୋଳର ସମସ୍ତ ଜଡ଼ ପଦାର୍ଥ ଠାରୁ ଆସକ୍ତି ଓ ମୋହ ତୁଟିଯିବାକୁ ହିଁ ସିଦ୍ଧି କୁହାଯାଏ ।

କାମନାବାସନା, ଆଶାଆକାଙ୍କ୍ଷା ଦ୍ୱାରା ତୁମେ ଇଚ୍ଛା କରୁଥିବା ବସ୍ତୁକୁ ସବୁବେଳେ କଦାପି ପାଇପାରିବ ନାହିଁ । **ଆମର ଲକ୍ଷ୍ୟ : ଚରମପ୍ରାପ୍ତି** । ଏହି ପ୍ରାପ୍ତି କାମନାରେ ଚରମ ଅବସ୍ଥା ମନକୁ ମନ ମିଳିଯିବ ନାହିଁ । ମିଳିଲେ ମଧ୍ୟ ସ୍ଥାୟୀ ହୋଇ ରହିବ ନାହିଁ । ଏଥିପାଇଁ କଠୋର ସାଧନା ଓ ଅଭ୍ୟାସଯୋଗ ହିଁ ଲୋଡ଼ା । ଏହା ଜାଣିଶୁଣି ମଧ୍ୟ ଅନେକେ ବିଷୟକାମନା ଛାଡ଼ି ପାରୁନାହାନ୍ତି । ଏହାହିଁ ଅବିଦ୍ୟା ଓ ମାୟା ।

ଶରୀର ଇତ୍ୟାଦି ସବୁକିଛି ଏ ସୃଷ୍ଟିରେ ପରିବର୍ତ୍ତନଶୀଳ । ଏକମାତ୍ର ପରବ୍ରହ୍ମ ପରମାତ୍ମା ହିଁ ସ୍ଥାୟୀ, ସ୍ଥିର ଓ ଅପରିବର୍ତ୍ତନୀୟ । ତେଣୁ ଏ ଜୀବନକାଳରେ ସବୁକିଛିର ମାୟାମୋହ ଆସକ୍ତିକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରି ତାଙ୍କୁ ପାଇବା ପାଇଁ ସାଧନା ପଥରେ ଆଗେଇଯିବାକୁ ପଡ଼ିବ ହିଁ ପଡ଼ିବ । ଏହାଛଡ଼ା ଅନ୍ୟ ପଥରେ ଚରମପ୍ରାପ୍ତି ଆଦୌ ସମ୍ଭବ ନୁହେଁ ।

ମଣିଷ ପ୍ରକୃତରେ ସକଳ ଅବିଦ୍ୟା, ଅଜ୍ଞାନତା, ମାୟା, ମୋହ, ସୁଖ, ଦୁଃଖାଦିର ବହୁ ଊର୍ଦ୍ଧ୍ୱରେ । କିନ୍ତୁ ଏ ଧରାପୃଷ୍ଠରେ ଦୁର୍ଲ୍ଲଭ ମାନବ ଶରୀର ଧାରଣ କରି ଉପରୁ ତଳକୁତଳକୁ ଖସି ଆସି ଅଜ୍ଞାନ ଅନ୍ଧକାରରେ ପଥଭଣା ହୋଇ ନିଜକୁ କର୍ତ୍ତା ମନେକରି କର୍ମଫଳ ସହିତ ଘନିଷ୍ଠ ସମ୍ପର୍କ ଯୋଡ଼ି ସୁଖ ବା ଦୁଃଖ ଭୋଗ କରିଚାଲିଛି । ଅସହିଷ୍ଣୁତାରୁ ଦୁଃଖରେ କାତର ଓ ସୁଖରେ ଆତ୍ମହରା ହୋଇଯାଉଛି ।

**ଅଳମତି ବିସ୍ତରେଣ !**

ସମ୍ପାଦକ
'ଚରମ' ।

**ଶ୍ରୀ କେଶବ ସମର୍ପଣ ମସ୍ତୁ !!**
**ଓମିତି ନମସ୍କାରାନ୍ତେ ବିନୀତ**
**କେଶବ ଦାସ ।।**

## ଦିବ୍ୟବାଣୀ

**ଯେପରି କୌଣସି ରଙ୍ଗ ଧଳା କନା ଉପରେ ଭଲ ଭାବରେ ଲାଗିଯାଏ, ସେହିପରି ଶିଷ୍ଟାଚାର ପାଳନ କରୁଥିବା ପୁରୁଷ ଠାରେ କ୍ରମଶଃ ସଞ୍ଚିତ ହେଉଥିବା ବୁଦ୍ଧି ଯୋଗମୟ ହୋଇ ମହାନ୍ ଧର୍ମ ଭାବରେ ପ୍ରକାଶିତ ହୁଏ ।**

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## 'ବିବାହ'

ଅଗ୍ନିକୁ ସାକ୍ଷୀ ରଖି ବରକନ୍ୟା ପରସ୍ପରକୁ ବେଦୋକ୍ତ ମନ୍ତ୍ର ଉଚ୍ଚାରଣ କରି ପରସ୍ପର ସହିତ ବିବାହବ୍ରତରେ ଗ୍ରଥିତ ହୋଇଥାଆନ୍ତି । ବିବାହ ମୁହୂର୍ତ୍ତରୁ ବରକନ୍ୟା ଏକମନ, ଏକପ୍ରାଣ, ଏକ ହୃଦୟ ଓ ଏକାତ୍ମା ହୋଇ ଜୀବନଯାପନ କରିବାର ଶପଥ ନିଅନ୍ତି । ବୈଦିକ ବିବାହ ମହତ୍ତ୍ୱପୂର୍ଣ୍ଣ ଅଟେ । ଯୁଗଯୁଗ ଧରି ହିନ୍ଦୁଧର୍ମ ମତରେ ବୈଦିକ ବିବାହକୁ ଏକ ବ୍ରତ ବୋଲି ସ୍ୱୀକାର କରାଯାଇଛି । ଏହା ଭାରତର ଦାମ୍ପତ୍ୟ, ପାରିବାରିକ ଓ ସାମାଜିକ ଜୀବନକୁ ସୁଶୃଙ୍ଖଳିତ, ପବିତ୍ର ଓ ସୁନିୟନ୍ତ୍ରିତ କରିଥାଏ । ବେଦୋକ୍ତ ବିଭିନ୍ନ ମନ୍ତ୍ରରେ ବରକନ୍ୟାଙ୍କର ବିବାହୋତ୍ତର ଜୀବନଦର୍ଶନର ସୁନ୍ଦର ପ୍ରତିଫଳନ ଦୃଷ୍ଟିଗୋଚର ହୁଏ । ବିବାହ ପରେ ବରକନ୍ୟା ସ୍ୱାମୀ-ସ୍ତ୍ରୀ ଭାବରେ ପରସ୍ପରର ଜୀବନସ୍ରୋତକୁ ଗୋଟିଏ ସ୍ରୋତରେ ପରିଣତ କରିବା ଲକ୍ଷ୍ୟରେ ବିବାହବ୍ରତାନୁଷ୍ଠାନ ସମୟରେ ମନ୍ତ୍ର ସକଳ ଉଚ୍ଚାରଣ କରାଯାଏ । ଏ ସକଳ ମନ୍ତ୍ରରେ ବିବାହର ଉଦ୍ଦେଶ୍ୟ, ବିବାହ ପରେ ଜୀବନଯାପନ ପଦ୍ଧତି, ବୈବାହିକ ଜୀବନର ଆଦର୍ଶ, ସ୍ୱାମୀ-ସ୍ତ୍ରୀଙ୍କର ପରସ୍ପର ପ୍ରତି କର୍ତ୍ତବ୍ୟ ଇତ୍ୟାଦି ବହୁ ଆବଶ୍ୟକୀୟ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ସୂଚନା ସ୍ପଷ୍ଟତଃ ପ୍ରତିଫଳିତ । ତନ୍ମଧ୍ୟରୁ ଅଳ୍ପ କେତୋଟି ସୁନିର୍ବାଚିତ ମନ୍ତ୍ରର ଭାବାର୍ଥ ନିମ୍ନରେ ପ୍ରଦାନ କରାଯାଉଛି । ନବଦମ୍ପତି ଏସବୁ ହୃଦୟଙ୍ଗମ କରି ବୈବାହିକ ଜୀବନର ଚଲାପଥରେ ସରଳ, ସହଜ ଓ ସ୍ୱାଭାବିକ ଗତିରେ ଆଗେଇ ଯାଇ ପାରିଲେ, ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ ଓ ସାମାଜିକ ଜୀବନର ମହତ୍ତ୍ୱ ପ୍ରକାଶ ପାଇପାରିବ ଓ ଦାମ୍ପତ୍ୟଜୀବନ ମଧ୍ୟ ମଧୁମୟ ଓ ମନୋରମ ହେବ ।

**ବୈଦିକ ବିବାହରେ ସ୍ୱାମୀ ସ୍ତ୍ରୀକୁ ସମ୍ବୋଧନ କରି କହେ - ତୁମ ହୃଦୟ ମୋ ହୃଦୟ ହେଉ, ମୋ ହୃଦୟ ତୁମ ହୃଦୟ ହେଉ ।**

**ପୁଣି, ଏହି ବ୍ରତରେ ତୁମ ହୃଦୟ ମୋର ହେଉ, ତୁମ ଚିତ୍ତ ମୋ ଚିତ୍ତାନୁଯାୟୀ ହେଉ । ଆମ ବାକ୍ୟ ମନ ଏକ ହେଉ । ଭଗବାନ ପ୍ରଜାପତି ତୁମକୁ ମୋତେ ଯୁକ୍ତ କରନ୍ତୁ । ଆମ ପ୍ରାଣରେ ପ୍ରାଣ, ଅସ୍ଥିରେ ଅସ୍ଥି, ମାଂସରେ ମାଂସ, ଶୋଣିତରେ ଶୋଣିତ, ତ୍ୱକ୍‌ରେ ତ୍ୱକ୍‌ଯୁକ୍ତ ହେଉ ।** (ସାମବେଦ)

ଋକ୍ ବେଦର ମନ୍ତ୍ରରେ ସ୍ୱାମୀ ସ୍ତ୍ରୀଙ୍କୁ କହନ୍ତି - ହେ ସ୍ତ୍ରୀ! ମୁଁ ଗାର୍ହସ୍ଥ୍ୟ ଆଶ୍ରମ ରୂପକ ଆନନ୍ଦ ଲାଭ ପାଇଁ ତୁମ ପାଣି ଗ୍ରହଣ କରି ପ୍ରତିଜ୍ଞା କରୁଛି, ଯେଉଁସବୁ କାର୍ଯ୍ୟ ତୁମର ଅପ୍ରିୟ, କଦାପି ସେପରି କାର୍ଯ୍ୟ କରିବି ନାହିଁ । ସ୍ୱାମୀଙ୍କର ଏପରି ଶପଥ ବାକ୍ୟ ଶୁଣି ସ୍ତ୍ରୀ ସ୍ୱାମୀଙ୍କୁ କହନ୍ତି - ହେ ସ୍ୱାମୀ ! ଯେଉଁ ବ୍ୟବହାର ଓ କାର୍ଯ୍ୟ ଆପଣଙ୍କର ଅପ୍ରିୟ, ମୁଁ ତାହା କଦାପି କରିବି ନାହିଁ । ଆମେ ଉଭୟେ ଆଜୀବନ ପରସ୍ପର ଆନନ୍ଦରେ ଓ ଶାନ୍ତିରେ କାଳଯାପନ କରିବା ।

ସ୍ୱାମୀ ଆହୁରି ମଧ୍ୟ ପ୍ରତିଜ୍ଞାବଦ୍ଧ ହୋଇ ସ୍ତ୍ରୀଙ୍କୁ କହନ୍ତି - ମୁଁ ତୁମର ଭରଣପୋଷଣ ଓ ତୁମକୁ ଆମରଣ ସୁଖୀ କରବା ପାଇଁ ପ୍ରାଣପଣେ ଚେଷ୍ଟା କରିବି । ତୁମର ଅପ୍ରିୟ କାର୍ଯ୍ୟ କରିବି ନାହିଁ । ତୁମର ସକଳ ଅପରାଧ କ୍ଷମା କରିବି । କାୟମନୋବାକ୍ୟରେ ତୁମକୁ ମୁଁ ମୋର ଚିତ୍ତ ଦେଲି । ବର୍ତ୍ତମାନ ଠାରୁ ତୁମେ ମୋର ଧର୍ମ-ପତ୍ନୀ, ତୁମେ ମୋତେ ସ୍ୱାମୀ ଭାବରେ ପାଇଲ । (ଋଗ୍‌ବେଦ : ସୂତ୍ର)

ସ୍ତ୍ରୀ ମଧ୍ୟ ଅନୁରୂପ ପ୍ରତିଜ୍ଞା କରି କହନ୍ତି - ଆଜିଠାରୁ ଏହି ମୁହୂର୍ତ୍ତରୁ ଆପଣ ମୋର ସ୍ୱାମୀ ଏବଂ ମୁଁ ଆପଣଙ୍କର ଧର୍ମ-ପତ୍ନୀ । ଆପଣଙ୍କୁ ସର୍ବସୁଖରେ ସୁଖୀ କରିବାପାଇଁ ମୁଁ ଆମରଣ ପ୍ରାଣପଣେ ଚେଷ୍ଟା କରିବି । ମୋର ଯେ କୌଣସି ବ୍ୟବହାର ଓ କାର୍ଯ୍ୟ ଯଦି କେବେ ଆପଣଙ୍କର ଅପ୍ରିୟ ହେବ, ତେବେ ମୁଁ ପୁଣିଥରେ ସେପରି ବ୍ୟବହାର ଓ କାର୍ଯ୍ୟ କରିବି ନାହିଁ । ସବୁପ୍ରକାର ବ୍ୟଭିଚାରକୁ ବର୍ଜନ କରି, ସମସ୍ତ ଅବଶିଷ୍ଟ ଜୀବନକାଳ ଆପଣଙ୍କର ସୁଖଦୁଃଖରେ ସମଭାଗୀ ହୋଇ ଆପଣଙ୍କୁ ପ୍ରେମ ଓ ଆନନ୍ଦ ଦାନରେ ତୃପ୍ତ ଓ ସନ୍ତୁଷ୍ଟ କରି ଆମେ ଦୁଇଜଣ ଏକମନ, ଏକପ୍ରାଣ ଓ ଏକଆତ୍ମା ହୋଇ ଜୀବନ ଅତିବାହିତ କରିବା ପାଇଁ, ଚିତ୍ତ, ମନ, ପ୍ରାଣ ଓ ଇଚ୍ଛା ଆଦି ସବୁ ଆପଣଙ୍କୁ ଅର୍ପଣ କରି ଆଜିଠାରୁ ଏହି ମୁହୂର୍ତ୍ତରୁ ମୁଁ ଆପଣଙ୍କର ହିଁ କେବଳ ହେଲି ।

ବେଦୋକ୍ତ ଏ ସକଳ ମନ୍ତ୍ରରେ ସ୍ୱାମୀଙ୍କୁ ତା'ର ଯାହା ଇଚ୍ଛା ତାହା କରିବା ପାଇଁ କିମ୍ବା ସ୍ତ୍ରୀଙ୍କୁ ତାଙ୍କର ଯାହା ଖୁସି ତାହା କରିବା ପାଇଁ ଆଦୌ ସ୍ୱାଧୀନତା ଦିଆଯାଇ ନାହିଁ । ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ପରସ୍ପର ନିକଟରେ ପ୍ରତିଜ୍ଞାବଦ୍ଧ । ବେଦ ନିର୍ଦ୍ଧାରିତ ଦାମ୍ପତ୍ୟଜୀବନର ଏକମାତ୍ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେଉଛି ଉଭୟ ସ୍ୱାମୀ ଓ ସ୍ତ୍ରୀ ବିବାହୋତ୍ତର ଜୀବନରେ ଆମରଣ ଯୁଗଳ ରୂପରେ ପରିପୂର୍ଣ୍ଣ ହୋଇ ବିମଳପ୍ରେମ ଓ ନିର୍ମଳ ଆନନ୍ଦ ଉପଭୋଗ କରିବା । ଏଥି ନିମନ୍ତେ ସ୍ୱାମୀଙ୍କୁ ବୀର୍ଯ୍ୟବାନ, ଉପାର୍ଜନକ୍ଷମ, ସତ୍ୟାନୁସାରୀ ଏବଂ ସ୍ତ୍ରୀଙ୍କୁ ସୁସ୍ୱାସ୍ଥ୍ୟବତୀ, ସତୀ ସାଧ୍ୱୀ, ମିତବ୍ୟୟୀ, ପ୍ରେମଶୀଳା, ମଧୁରବଚନଶାଳିନୀ, କର୍ତ୍ତବ୍ୟ କର୍ମତତ୍ପରା ହେବାକୁ ହେବ ହିଁ ହେବ । ଉଭୟେ ଉଭୟଙ୍କ ପ୍ରତି ଅନୁରକ୍ତ ନହୋଇ ବିରକ୍ତ ହେଲେ, ଦୁଇ ମନ, ଦୁଇ ପ୍ରାଣ, ଦୁଇ ଚିତ୍ତ, ଦୁଇ ଆତ୍ମା ଏକ ହୋଇ ପାରେ ନାହିଁ, ପାରିବ ନାହିଁ । ଫଳତଃ ଅଳ୍ପଦିନ ମଧ୍ୟରେ ପବିତ୍ର ବୈବାହିକ ଜୀବନ ଅପବିତ୍ର ଓ କଳୁଷିତ ହୋଇ ଦାମ୍ପତ୍ୟଜୀବନ ଦୁଃଖମୟ ଓ ବିଫଳ ହେବ ହିଁ ହେବ ।

ତେଣୁ ଯୁଗଳ ରୂପେ ହିଁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ପ୍ରେମ ସାଧନ କରିବାକୁ-ହୁଏ, କରିବାକୁ ହେବ । ସଂସାର, ସମାଜ ଓ ପରିବାରରେ ଅନାସକ୍ତ ହୋଇ ବେଦ ଓ ବେଦପୁରୁଷଙ୍କ ପ୍ରତି ନିବିଡ଼ ଓ ଘନିଷ୍ଠ ଭାବରେ ଆସକ୍ତ ହୋଇ ତ୍ୟାଗ ଉଦ୍ଦେଶ୍ୟରେ ହିଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଭୋଗ କରିବେ । ଫଳରେ ବୟସ ଯେତେ ବଢ଼ିବଢ଼ି ଯାଉଥିବ, ତ୍ୟାଗର ମାତ୍ରା ମଧ୍ୟ ସେତିକି ପରିମାଣରେ ଅଧିକରୁ ଅଧିକତର ହେବା ଉଚିତ । ତତ୍‌ସହିତ ପରସ୍ପରର ପରସ୍ପର ପ୍ରତି ପ୍ରେମ ମଧ୍ୟ ଅଧିକରୁ ଅଧିକ ନିବିଡ଼ ଓ ଘନୀଭୂତ ହେବ । ଦାମ୍ପତ୍ୟ ପ୍ରେମକୁ ସର୍ବଥା ଓ ସର୍ବଦା ନିର୍ମଳ, ପବିତ୍ର ଓ ଶୁଦ୍ଧ ରଖି ପ୍ରଭୁପାଦଙ୍କ ପବିତ୍ର ପାଦପଦ୍ମରେ ସତତ

ସମର୍ପଣ କରିବା ହିଁ ଗାର୍ହସ୍ଥ୍ୟ ଜୀବନରେ ଦମ୍ପତିଙ୍କର ଶ୍ରେଷ୍ଠ ସାଧନା । କାଳକ୍ରମେ ଏପରି ସମୟ ଦାମ୍ପତ୍ୟ ଜୀବନରେ ଉପଗତ ହୁଏ ଏବଂ ହେବା ଅନିବାର୍ଯ୍ୟ-ଯେତେବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରତିଷ୍ଠିତ ଦାମ୍ପତ୍ୟପ୍ରେମରେ ଶାରୀରିକ ସମ୍ପର୍କ ଆଦୌ ରହେ ନାହିଁ, ରହିବ ନାହିଁ । ସେତେବେଳେ ସେ ପ୍ରେମ ଶରୀର, ମନ, ଚିତ୍ତ ଓ ପ୍ରାଣର ଊର୍ଦ୍ଧ୍ୱକୁ ଉଠିଯାଇ ହୃଦୟ ଏବଂ ତତ୍ପରେ ଆତ୍ମା ଠାରେ ନିବିଷ୍ଟ ଓ ନିବଦ୍ଧ ହୋଇଯିବ । ଦାମ୍ପତ୍ୟ ପ୍ରେମ ସେହି ମହତ୍ତର ଅବସ୍ଥାରେ ବିଶ୍ୱପ୍ରେମରେ ରୂପାନ୍ତରିତ ହୋଇଯାଇଥିବ । ସେ ଅବସ୍ଥାରେ ସ୍ୱାମୀ ଓ ସ୍ତ୍ରୀ ଦୁଇ ଜଣଙ୍କର ଆତ୍ମିକ ବନ୍ଧନ ଯଥେଷ୍ଟ ଦୃଢ଼ ଓ ନିବିଡ଼ ହୋଇଯିବ । କ୍ରମଶଃ ପ୍ରେମବନ୍ଧନ ବୟସ ବୃଦ୍ଧି ସଙ୍ଗେ ତାଳଦେଇ କମିକମି ଶେଷରେ ଶୂନ୍ୟ ହୋଇଯିବ । ଅବଶେଷରେ ଦୁଇ ଆତ୍ମା ଏକାଙ୍ଗୀଭୂତ ହୋଇ ଏକାତ୍ମା ଅବସ୍ଥା ପ୍ରାପ୍ତ ହେବେ । ଯୁଗଳ ରୂପରେ ସ୍ତ୍ରୀ ଆଦ୍ୟାଶକ୍ତି ଏବଂ ସ୍ୱାମୀ ବିଶ୍ୱପତି । ସ୍ତ୍ରୀ ସ୍ୱୟଂ ଲକ୍ଷ୍ମୀ ନାରାୟଣୀ ଏବଂ ସ୍ୱାମୀ କୃଷ୍ଣକେଶବ ନାରାୟଣ । ସ୍ତ୍ରୀ ଓ ସ୍ୱାମୀଙ୍କର ଏପରି ଲକ୍ଷ୍ମୀ-ନାରାୟଣର ଯୁଗଳ ରୂପରେ ପର୍ଯ୍ୟବସିତ ହେବାହିଁ ହିନ୍ଦୁ ଧର୍ମମତାନୁସାରେ ମୋକ୍ଷଲାଭ ବୋଲି ବେଦରେ କଥିତ ହୋଇଅଛି । ଏହାହିଁ ବୈଦିକ ହିନ୍ଦୁ ବିବାହର ଚରମ ଲକ୍ଷ୍ୟ ଓ ପରମ ଉଦ୍ଦେଶ୍ୟ ।

ନାରୀ ଓ ପୁରୁଷ - ଏ ଦୁଇଶକ୍ତିର ମିଳନରେ ହିଁ ବିଶ୍ୱ । ଉଭୟ ଏକ ସତ୍ୟ, ଏକ ଲୀଳାର ଅର୍ଦ୍ଧ-ଅର୍ଦ୍ଧ ଅଂଶ । ଉଭୟଙ୍କର ଶୁଦ୍ଧ ପବିତ୍ର ଆତ୍ମାର ମିଳନରେ ହିଁ ପୂର୍ଣ୍ଣସତ୍ୟ ଓ ପୂର୍ଣ୍ଣଲୀଳା ସମ୍ଭବ ହୋଇଥାଏ । ସଂସାରରେ ପୁରୁଷ ଓ ନାରୀର ସମାନ ପ୍ରୟୋଜନ ରହିଛି । ସ୍ୱାମୀ-ସ୍ତ୍ରୀଙ୍କର ସଂସାରରେ ଅଜ୍ଞତା, ଅବିଦ୍ୟା, ଅସ୍ମିତା ହେତୁ ସୁଖ, ଶାନ୍ତି, ପ୍ରେମ ଓ ଆନନ୍ଦ ପରିବର୍ତ୍ତେ ବିଭେଦ ସୃଷ୍ଟିକରି ଦୁଃଖ, ଅଶାନ୍ତି, ଘୃଣା, ବିଷାଦ, ଅବସାଦ, ଅବିଶ୍ୱାସ, କପଟତା, ଅସତ୍ୟ, ଛଳନା, ମିଥ୍ୟାଚାର ଓ ଭ୍ରଷ୍ଟାଚାର ପ୍ରବେଶ କଲେ, ସୁଖର ସଂସାର ନିମିଷକ ମଧ୍ୟରେ ଧ୍ୱଂସ ହୋଇଯାଏ । ବୈଦିକ ବିବାହ ବନ୍ଧନ ଦୁଇକୁ ଏକ କରେ । ତେଣୁ ଏକ ହୋଇହିଁ ସ୍ୱାମୀ-ସ୍ତ୍ରୀକୁ ଚଳିବାକୁ ହୁଏ । ଏକ ହିଁ ସାଧନ, ଭଜନ, ଉପାସନା, ଏକ ହିଁ ସୁଖ, ଶାନ୍ତି, ପ୍ରେମ, ଆନନ୍ଦ, ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମ ଲାଭ। ଦୁଇ ମିଳିମିଶି ଏକ ନହେଲେ କିଛି ହିଁ ହୁଏ ନାହିଁ, ସବୁ ଖଣ୍ଡିତ, ଅପୂର୍ଣ୍ଣ, ସବୁ ଅଧାପନ୍ତୁରିଆ ହୋଇ ରହିଯାଏ ଓ ତହିଁରୁ ସୃଷ୍ଟି ହୁଏ ସକଳ ଦୁଃଖ, ଅଶାନ୍ତି, ବିଶୃଙ୍ଖଳା, ଶେଷରେ ଅକାଳରେ ଧ୍ୱଂସ । ତେଣୁ ସାଧନା ପଥରେ ସ୍ୱାମୀ-ସ୍ତ୍ରୀଙ୍କୁ ଯୁଗଳ ହୋଇ ଅଗ୍ରସର ହେବାକୁ ହୁଏ । ତହିଁରୁ ମିଳେ ଅପାର ଆନନ୍ଦ, ବିମଳ ପ୍ରେମ, ଶାନ୍ତି, ସୁଖ, ସବୁକିଛି । ଧର୍ମ, ଅର୍ଥ, କାମ ଓ ମୋକ୍ଷ ଲାଭ ନିମନ୍ତେ ଅନାବିଳ ପ୍ରେମପ୍ରୀତିର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ । ଏପରି ପ୍ରେମ କେବଳ ବୈଦିକ ବୈବାହିକ ସମ୍ପର୍କରୁ ହିଁ ପ୍ରାପ୍ତ ହୋଇଥାଏ । ବୈଦିକ ଋଷିମାନେ ଏହି କାରଣରୁ କହିଯାଇଅଛନ୍ତି - **'ସସ୍ତ୍ରୀକ ଧର୍ମାଚରେତ୍ ।'** ଅର୍ଥାତ୍ ସ୍ୱାମୀ-ସ୍ତ୍ରୀ ଏକମନପ୍ରାଣରେ ପରସ୍ପରକୁ ସହଯୋଗ କରି ସବୁପ୍ରକାର ଧର୍ମ ଓ କର୍ମ କରିବା ଏକାନ୍ତ ଉଚିତ ।

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!


ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!**

## ଅଚ୍ୟୁତଙ୍କ ଲେଖନୀରୁ

# ହରିନାମେ ତତ୍ତ୍ୱ ରହିଛି

ହରିନାମେ ତତ୍ତ୍ୱ ରହିଛି
ଦେଖ-ଯନ୍ତ୍ର ମନ୍ତ୍ର ତନ୍ତ୍ର ହୋଇଛି ।।୦।।
ପ୍ରଥମ ଶବଦ ଅନାହତ ନାଦ
ବିନ୍ଦୁ ମହାଶୂନ୍ୟ ରେହ ହୋଇଛି ।୧।
ତହିଁ ପାଶେ ଦଣ୍ଡ ତଥି ପାଶେ ବିନ୍ଦୁ
ତାହାରି ପାଶରେ ଶୋଭା ପାଉଛି ।୨।
ତହିଁ ପାଶେ ପ୍ରେମ ଶୂନ୍ୟରୁ ଖସନ୍ତେ
ଅନନ୍ତ ଶକତି ତନୁ ଧରିଛି ।୩।
ପଞ୍ଚ ଆତ୍ମା ପଞ୍ଚ ଭୂତକୁ ଘେନିଣ
ଲୀଳା କରି ନାନା ରୂପ ହୋଇଛି ।୪।
ସତ୍ତ୍ୱ ବିନ୍ଦୁ ବ୍ରହ୍ମ ରଜ ଯେ ଅକାର
ତମ ପ୍ରେମଗାର ନାମ ଧରିଛି ।୫।
ସେହୁ ତ୍ରିୟ ନାମ ତ୍ରିୟ ବିନ୍ଦୁ ଜନ୍ମ
ପରା ରମା କାମ ବୀଜ ହୋଇଛି ।୬।
ଆକାର ଯେ ହରେ ହ୍ରୀୟଂବୀଜ ଘରେ
ଜନବେନି ମନ୍ତ୍ରରାଜ ସାଜିଛି ।୭।
ଉକାର ଯେ ଶ୍ରୀୟଂ ଗୋପୀ ବେନିକ୍ଷର
ରାମ ନାମ ଘେନି ପୃଥ୍ୱୀ କରିଛି ।୮।
ଏକାରଟି ଜନ ବଲ୍ଲଭାୟ ଘେନି
କୃଷ୍ଣନାମ କାମବୀଜ ହୋଇଛି ।୯।
ଇକାର ଇଂ ଅଗ୍ନି ଧ୍ଲୀଂବୀଜ ଘେନି
ଶ୍ୟାମ ସ୍ୱାହା ମହାମନ୍ତ୍ରରେ ଅଛି ।୧୦।
ଅଂକାର ଯେ ପ୍ଲୀଂ ମନ୍ତ୍ରରାଜ ସାହା
ପରମ ବ୍ରହ୍ମର ନାମ ଜପୁଛି ।୧୧।
ସେହି ମହାମନ୍ତ୍ର ରୂପେ ମନ୍ତ୍ରରାଜ
ଅନାଦି ଅଙ୍ଗରେ ପ୍ରକାଶୁ ଅଛି ।୧୨।
ସେହି ତ୍ରିୟ ନାମ ଅନାଦି ଅକ୍ଷର
ଗୁରୁଙ୍କ ସଙ୍ଖାଳି ପାଣ୍ଠି ହୋଇଛି ।୧୩।
ସେହୁ ପଞ୍ଚ ଆତ୍ମା ପଞ୍ଚଭୂତ ରୂପେ
ଜଡ଼ ଆତ୍ମା ଛଡ଼ ଅକ୍ଷରେ ଅଛି ।୧୪।
ମନ୍ତ୍ର ଯନ୍ତ୍ର ତନ୍ତ୍ର ତ୍ରିବିଧ ପ୍ରକାର
ସତ୍ତ୍ୱ ରଜ ତମ ତିନି ହୋଇଛି ।୧୫।
ଯେହି ତ୍ରିଗୁଣରେ ଶୂନ୍ୟପୁରୁଷକୁ
ଯନ୍ତ୍ରେଧରି ତନ୍ତ୍ରେ ଚଳାଉ ଅଛି ।୧୬।
ଗୁରୁଙ୍କର ଦୟା ପ୍ରଭୁଙ୍କ ସୁଦୟା
କର୍ମକୁ ଡେଙ୍ଗିଣ ଅକର୍ମେ ଅଛି ।୧୭।
ସାଧନ ଭଜନ ମନ କରେ ଟାଣ
ଏକ ଧ୍ୟାନେ ଯେବେ ଲୟ ରହିଛି ।୧୮।
କହଇଂ ଅଚ୍ୟୁତ ଏହୁ ଗ୍ୟାଂନ ପଥ
ଯା'ର ଭାବେ ଅଛି ସେହୁ ଲଭୁଛି ।୧୯।




## ଗଳ୍ପାଂଶ

## ଭାଗବତ କଥା : ପୂର୍ବଲୀଳା

ପୂର୍ବଜନ୍ମର କର୍ମଫଳ ସମସ୍ତଙ୍କୁ ଗୋଡ଼ାଇଥାଏ । ରାଜା ଅଙ୍ଗ ସୁନୀଥାଙ୍କୁ ବିବାହ କଲେ । ସେ ଯମଙ୍କ ଝିଅ । ଧର୍ମ କାର୍ଯ୍ୟରେ ମନ ରହିଥାଏ । ଦେବତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜା ଯଜ୍ଞ କଲେ । କିନ୍ତୁ ଯଜ୍ଞ ଆହୁତି ଦେବତାମାନେ ଗ୍ରହଣ କଲେ ନାହିଁ । ଋଷି ଓ ପଣ୍ଡିତମାନେ ବିଚାର କରି ଜାଣିଲେ ରାଜା ଅପୁତ୍ରିକ । ତେଣୁ ତାଙ୍କ ଆହୁତି ଦେବତାମାନେ ଗ୍ରହଣ କରୁନାହାନ୍ତି । ସେମାନଙ୍କ ପରାମର୍ଶରେ ରାଜା ପୁତ୍ରପ୍ରାପ୍ତି ଯଜ୍ଞ କରି ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ବିଷ୍ଣୁ ପ୍ରସନ୍ନ ହେଲେ । ପୁତ୍ର ଜନ୍ମ ହେଲା । ନାମ ଦିଆଗଲା ବେଣୁ । ପୁତ୍ରର ଦୁଷ୍ଟାମି ବଢ଼ି ଚାଲିଲା । ପିତାଙ୍କ ଧର୍ମ ଉପଦେଶ ଶୁଣିଲେ ନାହିଁ । ପୂର୍ବ ଜନ୍ମଦୋଷରୁ ପୁତ୍ରସୁଖ ତାଙ୍କର ନଥିବା ସେ ଜାଣିଲେ । ସେ ରାଜ୍ୟଛାଡ଼ି ଚାଲିଗଲେ । ପୁତ୍ରର ମନ୍ଦ ପ୍ରକୃତି ବଢ଼ିବାକୁ ଲାଗିଲା । ସେ ଈଶ୍ୱରଙ୍କୁ ମାନିଲେ ନାହିଁ । ଋଷିମାନଙ୍କୁ ବେଖାତିର କଲେ । ପ୍ରଜାଙ୍କ ଅଭିଯୋଗ ଶୁଣିଲେ ନାହିଁ । ଋଷି, ବ୍ରାହ୍ମଣ ଓ ପ୍ରଜାଙ୍କ ଅସନ୍ତୋଷ ତାଙ୍କ ମୃତ୍ୟୁର କାରଣ ହେଲା । ବେଣୁଙ୍କ ପରେ ରାଜା ହେଲେ ପୃଥୁ । ବିଷ୍ଣୁପୂଜା ପାଇଁ ଯଜ୍ଞ କଲେ । ଇନ୍ଦ୍ର ତାଙ୍କର ଯଜ୍ଞ ଅଶ୍ୱକୁ ଧରିନେଲେ । ମାତ୍ର ପୃଥୁଙ୍କ ଅଶ୍ୱ ବୋଲି ଜାଣି ଭୟରେ ଛାଡ଼ିଦେଲେ । ରାଗରେ ସେ ଇନ୍ଦ୍ରଙ୍କୁ ଆହୁତି ଦେଇ ଜାଳି ଦେଇଥାଆନ୍ତେ । ଦେବତାଙ୍କ ଅନୁରୋଧ ରଖି ତାହା କଲେ ନାହିଁ । ତାଙ୍କ ଭକ୍ତି ଓ ନିଷ୍ଠାରେ ଯଜ୍ଞ କୁଣ୍ଡରୁ ବିଷ୍ଣୁ ଆବିର୍ଭୂତ ହେଲେ । ବିଷ୍ଣୁଙ୍କୁ ଦର୍ଶନ କରି ସେ ସଂସାର ତ୍ୟାଗୀ ହୋଇ ବିଷ୍ଣୁପୂଜା କଲେ । ରାଜ୍ୟ, ସିଂହାସନ ତାଙ୍କୁ ଭଲ ଲାଗିଲା ନାହିଁ । ଅତିଥି ବ୍ରାହ୍ମଣଙ୍କ ସେବାରେ ଆନନ୍ଦ ପାଇଲେ । ପୁତ୍ର ବିଦିତଅଶ୍ୱଙ୍କୁ ସିଂହାସନରେ ବସାଇ ସେ ବନକୁ ଚାଲିଗଲେ । ସେଠାରେ ବିଷ୍ଣୁଙ୍କୁ ଧ୍ୟାନ କରି ବିଷ୍ଣୁଙ୍କଠାରେ ଲୀନ ହେଲେ ।

ପୁରଞ୍ଜନ ନାମକ ରାଜା ସ୍ତ୍ରୀ ମୋହରେ ଦିନ କଟାଇଲେ । ସୁନ୍ଦରୀ ସ୍ତ୍ରୀ ଛଡ଼ା ଅନ୍ୟ କିଛି ତାଙ୍କୁ ଆନନ୍ଦ ଦେଉ ନଥିଲା । ନାନା ରୋଗ ଯନ୍ତ୍ରଣା ଭୋଗି ଭୋଗି ସେ ମରିଗଲେ । ପରଜନ୍ମରେ ସେ ସ୍ତ୍ରୀ ହୋଇ ଜନ୍ମହେଲେ । ଯିଏ ଯାହା ଭଲପାଏ, ମୃତ୍ୟୁ ପରେ ତା' ପାଖକୁ ତା'ର ଗତି ହୁଏ । ବିଦୂରଙ୍କ ହସ୍ତିନା ମୋହ କଟି ନଥିଲା । ଏ ସବୁ ଶୁଣିବା ପରେ ସେ ମୈତ୍ରେୟଙ୍କଠାରୁ ବିଦାୟ ନେଲେ । ହସ୍ତିନା ଗଲେ । ପରେ ବୈକୁଣ୍ଠ ପ୍ରାପ୍ତି ପାଇଁ ଯୁଧିଷ୍ଠିରଙ୍କ ଶରୀରରେ ଆତ୍ମାକୁ ରଖିଲେ । ଶୁକମୁନି ଏକଥା

ପରୀକ୍ଷିତଙ୍କୁ ଶୁଣାଇବାରୁ ପରୀକ୍ଷିତ କହିଲେ - ଏପରି ଅସମ୍ଭବ ଘଟିଲା କାହିଁକି ? ବିଷ୍ଣୁଭକ୍ତ ଜ୍ଞାନୀ ବିଦୂର ଫେରିଲେ କିପରି ? **ଶୁକ କହିଲେ- ସଙ୍ଗ ସଂସର୍ଗରୁ ଏପରି ହୁଏ ।**

ରାଜର୍ଷି ଭରତ ଥିଲେ ବିଷ୍ଣୁଭକ୍ତ । ଗହନବନରେ ରହି ବିଷ୍ଣୁଙ୍କୁ ଭଜୁଥାଆନ୍ତି । ଦିନେ ସେ ମୃଗଟିଏ ନଦୀକୂଳରେ ପାଣି ପିଉଥିବାର ଦେଖିଲେ । ଏ ସମୟରେ ସିଂହଗର୍ଜନ ଶୁଣାଗଲା । ମୃଗୀ ଭୟରେ ନଦୀକୁ ଡେଇଁ ପଡ଼ିଲା । ସେ ଗର୍ଭବତୀ ଥିଲା । ନଦୀଜଳରେ ମୃଗଶିଶୁଟିଏ ପ୍ରସବ କରି ସେ ମଲା । ଭରତଙ୍କର ଦୟାହେଲା । ସେ ମାତୃହୀନା ମୃଗଶିଶୁଟିକୁ ତତ୍‌କ୍ଷଣାତ୍ ଆଣିଲେ । ସ୍ନେହରେ ପାଖରେ ରଖି ପାଳୁଥାଆନ୍ତି । ମୃଗ ସ୍ନେହରେ ସେ ହରିଭଜନ ଭୁଲିଗଲେ । ଦିନେ ମୃଗଟି ବୁଲିବାକୁ ଯାଇ ଆଉ ଫେରିଲା ନାହିଁ । ମୃଗକୁ ନ ପାଇ ମୃଗ ଦୁଃଖରେ ଭରତ ପ୍ରାଣ ଛାଡ଼ିଲେ । ପରଜନ୍ମରେ ସେ ମୃଗଟିଏ ହୋଇ ଜନ୍ମହେଲେ । ତାଙ୍କର ପୂର୍ବଜନ୍ମ କଥା ମନେପଡ଼ିଲା । ହରିଙ୍କୁ ଛାଡ଼ି ମୃଗକୁ ଭଲପାଇଥିବାର ଫଳକଥା ଜାଣିଲେ । ପରଜନ୍ମରେ ହରିଭଜନ କରିବାକୁ ଦୃଢ଼ ସଂକଳ୍ପ କଲେ । ତୀର୍ଥସ୍ଥଳରେ ହରିଙ୍କୁ ସ୍ମରଣ କରି ମୃଗଶରୀର ତ୍ୟାଗ କରି ମୃତ୍ୟୁବରଣ କଲେ । ପରବର୍ତ୍ତୀ ଜନ୍ମରେ ସେ ବ୍ରାହ୍ମଣ-ପରିବାରରେ ଜନ୍ମନେଲେ । ବାପାମା'ଙ୍କ ମୃତ୍ୟୁ ହେବାରୁ ସେ ଅନାଥ ହୋଇଗଲେ । ଜଡ଼ପରି ସର୍ବଦା ରହୁଥିଲେ । ପୂର୍ବ କୁସଙ୍ଗର ଫଳ ଭୁଲିନଥିଲେ । ସେମାନେ ଥିଲେ  ନଅ ଭାଇ । ବାହାରକୁ ସିନା ଜଡ଼, ହେଲେ ଭିତରେ ଭିତରେ ମନ ତାଙ୍କର ଥିଲା ଗୋବିନ୍ଦଙ୍କ ପାଦପଦ୍ମରେ । ବଡ଼ଭାଇ ଦେଖିଲେ ଏ ଜଡ଼ କିଛି କାମକୁ ନୁହେଁ । କାମରେ ମଧ ମନ ନାହିଁ । ବଡ଼ଭାଇ ତ ଘରର ମୁରବୀ । ସେ ତାଙ୍କୁ ଫସଲ ଜଗିବା କାମ ଦେଲେ । ଜଡ଼ ହେଲେ ମଧ ତାଙ୍କ ଶରୀର ସୁସ୍ଥ ଓ ତେଜୀୟାନ । ଫସଲ କିଆରି ମୁଣ୍ଡରେ ବସି ରହିଥାଆନ୍ତି । ଖାଇବା, ଶୋଇବା, ଖରା, ବର୍ଷା, ଶୀତ ସେ ଅନୁଭବ କରନ୍ତି ନାହିଁ ।

ସେ ଦେଶର ରାଜା ଚଣ୍ଡୀପୂଜା କରୁଥିଲେ । ଚଣ୍ଡୀଙ୍କ ପୂଜା ପାଇଁ ନରବଳି ଦରକାର ହେଲା । ଜଡ଼କୁ ଦେଖି ରାଜାଙ୍କ ଲୋକେ ଧରି ନେଇଗଲେ । ପୂଜା ଶେଷହେଲା । ଜଡ଼ ବେକରେ ଫୁଲମାଳ ଦିଆଗଲା । ଚଣ୍ଡୀଙ୍କ ସମ୍ମୁଖରେ ସେ ଆଣ୍ଠୁ ମାଡ଼ି ବସିଲେ । ରାଜା ଖଣ୍ଡାଧରି ହାଣିବାବେଳକୁ ଖଣ୍ଡା ରାଜାଙ୍କ ହାତରୁ ଚଣ୍ଡୀଙ୍କ ହାତକୁ ଚାଲିଗଲା । ଦେବୀ ବିଷ୍ଣୁଭକ୍ତକୁ ଚିହ୍ନିଲେ ଓ ଖଣ୍ଡାରେ ରାଜାଙ୍କୁ ହାଣିଦେଲେ ।

ଦିନେ ରାଜା ରହୁଗଣ ବିମାନରେ ଯାଉଥାଆନ୍ତି । ବିମାନ ବୁହାଳିମାନେ ବୋହି ପାରୁ ନଥା'ନ୍ତି । ସେମାନେ ଆଉ ଜଣକୁ ଖୋଜୁଥା'ନ୍ତି । ବାଟରେ ଜଡ଼କୁ ଦେଖିଲେ । ବଳବାନ ଲୋକଟାଏ ତ ! ତା'କୁ ପସନ୍ଦ କରି ଧରିନେଇ ବିମାନ ବୁହାଇଲେ । ଜଡ଼ ବିମାନ ବୋହି ପାଦ ପକାଇବାରେ ଏପଟସେପଟ ହୋଇ ପାଦ ପଡ଼ିଯାଉଥାଏ । ତେଣୁ ବିମାନ ଦୋହଲୁ ଥାଏ । ରାଜା ରହୁଗଣ ବିମାନ ଦୋହଲିବାର କାରଣ ପଚାରିଲେ । ଅନ୍ୟ ବୁହାଳିମାନେ ଜଡ଼ ଠିକ୍ ପାଦ ପକାଉ ନାହିଁ ବୋଲି ଜଣାଇଲେ । ଜଡ଼କୁ ଠିକ୍‌ଭାବରେ ପାଦପକାଇ ଚାଲିବାକୁ ରାଜା କହିଲେ । ଜଡ଼ ଉତ୍ତରରେ କହିଲେ - ବାଟଘାଟରେ ପୋକଜୋକ ଅଛନ୍ତି । ତାଙ୍କ ଉପରେ ପାଦ ପଡ଼ିଲେ ସେମାନେ ମରିଯିବେ । ତେଣୁ ମୁଁ ପାଦ ବୁଲାଇ ପକାଉଛି । ରାଜା

ଏକଥା ନଶୁଣି, ଠିକ୍ ଭାବରେ ପାଦ ପକାଇ ଚାଲିବାକୁ ସାବଧାନ କରିଦେଲେ । ମାତ୍ର ଜଡ଼ଙ୍କ ପାଦ ପକାଇବା ଢଙ୍ଗ ବଦଳିଲା ନାହିଁ । ରାଜା ବିରକ୍ତହୋଇ ବିମାନରୁ ଓହ୍ଲାଇ ପଡ଼ିଲେ । ଜଡ଼କୁ ଦେଖି କହିଲେ - ଦେଖିବାକୁ ତୁ ଖୁବ୍ ତ ମୋଟା, ସୁସ୍ଥ ଶରୀର, ଦେହରେ ବି କାଠିଏ ବଳ । ଅନ୍ୟମାନେ ତୋ'ଠାରୁ ଦୁର୍ବଳହୋଇ ପାଦ ଠିକ୍‌ରେ ପକାଉଛନ୍ତି, ଅଥଚ୍ ତୁ ପାରୁନାହୁଁ ? ତୋତେ କ'ଣ ଓଜନ ଅଧିକା ବାଧୁଛି ?

ଜଡ଼ ନମ୍ର ସ୍ୱରରେ କହିଲେ - ରାଜା, ମୋତେ ଓଜନ ବାଧୁ ନାହିଁ । ମୋର ଓଜନିଆ କି ହାଲୁକା ସେ ଜ୍ଞାନ ଆଦୌ ନାହିଁ । ମୁଁ କାହାକୁ ବୋହୁଥିବା ମଧ୍ଯ ଅନୁଭବ କରୁନାହିଁ । ମୋର ମାନ, ଅଭିମାନ, ଅହଂକାର ମଧ୍ୟ ନାହିଁ । ମୋର ନିଦ୍ରା,ବ୍ୟାଧି ମଧ୍ୟ ନାହିଁ । ମୋର ଶରୀର ଅଛି, ମାତ୍ର ଜୀବନ ନାହିଁ । ତୁମେ ରାଜା, ମୁଁ ଜଡ଼, ଏକଥା ମଧ୍ୟ ମୁଁ ଜାଣୁନାହିଁ । ମୁଁ, ତୁମେ, ଆଉ କୀଟମାନେ-ସମସ୍ତେ ମୋତେ ସମାନ ଦିଶୁଛନ୍ତି । ସମସ୍ତଙ୍କ ଠାରେ ବ୍ରହ୍ମ ଅଛି । ସମସ୍ତଙ୍କ ଠାରେ ଈଶ୍ୱର ବିରାଜମାନ । କୀଟମାନେ ମୋ ପାଦରେ ଦଳିହୋଇ ମରିଯିବା ଭୟରେ ମୋର ପାଦ ବଙ୍କା ତେଡ଼ା ହୋଇ ଅଢ଼ଙ୍ଗରେ ପଡୁଅଛି । ଜଡ଼ ମୁହଁରୁ ଏକଥା ଶୁଣି ରାଜା ଅବାକ୍ ହେଲେ । ସେ ଜଡ଼ର ପାଦତଳେ ପଡ଼ିଗଲେ । ହାତଯୋଡ଼ି ଅନୁନୟ କରି କହିଲେ - ହେ ବ୍ରାହ୍ମଣରୂପୀ ଭଗବାନ ! ତୁମେ ବ୍ରାହ୍ମଣ, ମୋତେ କ୍ଷମାକର । ତୁମର ବ୍ରହ୍ମଜ୍ଞାନ ଅଛି । ତୁମକୁ ନଚିହ୍ନି ଅପମାନ କରିଥିବାରୁ ମୋର ଭୟ ହେଉଅଛି । ଜଡ଼ କହିଲେ - ଭୟ ନାହିଁ ରାଜା । କେହି କାହାକୁ ବୋହୁ ନାହିଁ କି ବୁହାଉ ନାହିଁ । ଏସବୁ ପାର୍ଥିବ ବିକାର । ମୁଁ କୁସଙ୍ଗ ଦୋଷରୁ ମୃଗ ଜନ୍ମ ପାଇଥିଲି । ତୁମେ ସତ୍‌ସଙ୍ଗ ଲାଭ କଲ । ଚକ୍ରଧରଙ୍କୁ ଭଜନ କର । ସେ କ୍ଷମାଦେବେ । ରାଜା ରହୂରାଣ ସଂସାର ମାୟା ଛାଡ଼ି ହରିପାଦକୁ ଆଶ୍ରୟ କଲେ ।

ରାଜା ରହୂରାଣଙ୍କୁ ଜଡ଼ ଉପଦେଶ ଦେଇ କହିଲେ -

'ଜ୍ଞାନ ବୈରାଗ୍ୟ ଆଦି କରି ।
ସକଳ ଏଥି ଅଛି ପୂରି ।।
ଗୋବିନ୍ଦ ପାଦପଦ୍ମ ତଳେ ।
ମନ ତୁ ରଖ ସୁନିଶ୍ଚଳେ ।।''

x x x x x x x x

'ଅଖିଳ ପ୍ରାଣୀଙ୍କର ଗୁରୁ ।
ଯା'ର ମହିମା ମହାମେରୁ ।।
ତାହାର ଚ଼ରଣାରବିନ୍ଦେ ।
ମନ ନିବେଶି ଅପ୍ରମାଦେ ।।
ମାୟା କପଟ ଏ ସଂସାର ।
ତୁ ଏହା ଶୀଘ୍ର ପରିହର ।।'

- ଶ୍ରୀମଦ୍‌ଭାଗବତ ।। (ଜଗନ୍ନାଥ ଦାସ)

ଶୁକଦେବ ବ୍ୟାସଙ୍କଠାରୁ ଶଣିଥିବା ଏହିପରି ବହୁକଥା କହିଲେ । ସାଧୁ, ଯୋଗୀ, ସତ୍‌ସଙ୍ଗ, ପାପ, ପୁଣ୍ୟ, ଯମଦଣ୍ଡ କଥାମାନ ଶୁଣାଇଲେ । ଶୁକ କହିଲେ - ନାମଠାରୁ ବଡ଼ ଧନ ନାହିଁ । ବଡ଼ ଭଜନ ନାହିଁ । ସେ ନାମ ତୁଣ୍ଡରେ ଥିଲେ ସବୁଅଛି । ଜଗତରେ ତାଙ୍କ ନାମ ହେଉଛି ସାର । ସେ ନାମକୁ ପାପ ଓ ଯମଦଣ୍ଡ ଭୟକରେ ।

ଅଜାମିଳ ନାମରେ ଜଣେ ବ୍ରାହ୍ମଣ ଥିଲା । ସେ ଥିଲା ମହାପାପୀ । ସାରା ଜୀବନ ତା'ର ଅପକର୍ମରେ କଟିଥାଏ । ହରି କଥା ବୁଝେ ନାହିଁ କିମ୍ବା ହରିନାମ ତୁଣ୍ଡରେ ଧରେ ନାହିଁ । ତା'ର ପାଞ୍ଚ ପୁଅ । ପାଞ୍ଚ ପୁଅଙ୍କର ନାମ ଦେଇଥାଏ ରାମ, ଗୋବିନ୍ଦ, କୃଷ୍ଣ, କେଶବ ଓ ନାରାୟଣ । ପୁଅମାନଙ୍କୁ ନାମ ଧରି ଡାକେ । ଡାକିଲେ ଭାବଗ୍ରାହୀ ପ୍ରଭୁଙ୍କ ନାମ ତୁଣ୍ଡକୁ ଆସେ । ଜୀବନର ଶେଷ ସମୟରେ ହିଁ ଭଲମନ୍ଦ ଘଟେ । ସେଥିପାଇଁ ସାଧୁସନ୍ୟାସୀମାନେ ପ୍ରଭୁନାମ ଭଜନର ଅଭ୍ୟାସ ରଖିଥାଆନ୍ତି । କବି କଣ୍ଠରେ ଝଂକୃତ ହୋଇଛି -

'ହେ ରସନା, ଦଧି ଦୁଗ୍ଧ ଘୃତ ସୀତା ସର
ତୋ' ତୃପ୍ତିପାଇଁ ମୁଁ ଦେଉଅଛି ନିରନ୍ତର ।
ଏତିକି ପ୍ରାର୍ଥନା ମୋ'ର ମରଣ କାଳରେ
ପରମ ପୁରୁଷ ନାମ ଉଚ୍ଚାରିବୁ ଥରେ ।'

ମଣିଷ ତା' ଜୀବନସାରା ଜିହ୍ୱାଲାଳସା ପୂରଣ କରିବା ପାଇଁ ଜିହ୍ୱାକୁ ନାନାପ୍ରକାର ସ୍ୱାଦିଷ୍ଟ ରସଯୁକ୍ତ ଆହାର ଦିଏ । ସେ ଜିହ୍ୱା ସବୁ ରସଯୁକ୍ତ ଆହାର ଲାଳସାରେ ମଜ୍ଜିରହେ ସିନା ଥରେ ମାତ୍ର ହରି ନାମ, କୃଷ୍ଣ କେଶବ, ଗୋବିନ୍ଦ, ଗୋପାଳଆଦି ନାମ ଉଚ୍ଚାରଣ କରେ ନାହିଁ । କିନ୍ତୁ, ଏ ନାମ ଉଚ୍ଚାରଣର ଅଭ୍ୟାସ ଜିହ୍ୱାକୁ କରାଇବା ପ୍ରତ୍ୟେକ ମଣିଷର ନିତିଦିନର ନିତ୍ୟକର୍ମ ହେବା ଉଚିତ । ଦେଖ, ଅଜାମିଳର ଭଗବାନଙ୍କ ଠାରେ ଧାରଣା କି ଧ୍ୟାନ ନଥିଲା । କିନ୍ତୁ, ପୁଅମାନଙ୍କ ନାମଧରି ଡାକିବାବେଳେ ଭଗବାନଙ୍କର ପୁଣ୍ୟ ଶୁଭନାମ ତା'ତୁଣ୍ଡ ଉଚ୍ଚାରଣ କରୁଥିଲା । ଶେଷବେଳକୁ ରୋଗରେ ପଡ଼ି ଯନ୍ତ୍ରଣା ଭୋଗୁଥାଏ । ରୋଗଶଯ୍ୟାରେ ପଡ଼ି ସେ ପୁଅ ନାରାୟଣକୁ ଡାକୁଥିଲା । ଶେଷରେ ନାରାୟଣ ନାମ ଉଚ୍ଚାରଣ କରିବା ବେଳେ ହିଁ ପିଣ୍ଡରୁ ତା' ପ୍ରାଣ ଛାଡ଼ିଗଲା । ପାପୀ ଅଜାମିଳକୁ ଯମଦୂତମାନେ ନେବାକୁ ଆସି ଦେଖିଲେ ବିଷ୍ଣୁଦୂତମାନେ ସେଠାରେ ଜଗିରହିଛନ୍ତି । ବିଷ୍ଣୁଦୂତମାନେ ଯମଦୂତମାନଙ୍କୁ ବାହୁଡ଼ାଇ ଦେଲେ । ଅଜାମିଳ ବୈକୁଣ୍ଠକୁ ଯାଇ ଯମଦଣ୍ଡ ଯନ୍ତ୍ରଣାରୁ ରକ୍ଷା ପାଇଲା । ତେଣୁ -

'ପ୍ରାଣୀର ଭଲ ମନ୍ଦ ବାଣୀ ।
ମରଣ କାଳେ ତାହା ଜାଣି ।।'

-ଶ୍ରୀମଦ୍ ଭାଗବତ । (ଜଗନ୍ନାଥ ଦାସ)

ବିଷ୍ଣୁ ଭକ୍ତିର ଫଳ ବହୁ ଜନ୍ମ ଜନ୍ମାନ୍ତରକୁ ରହିଥାଏ । ଏହି ଫଳରୁ ମଣିଷର ଅଶେଷ କଲ୍ୟାଣ ସାଧନ ହୋଇଥାଏ । ଭାଗବତ କଥାମୃତ ଓ ବିଷ୍ଣୁ ଲୀଳାମୃତ ବିଶ୍ୱ ମାନବକୁ ଏହି ଶିକ୍ଷା ପ୍ରଦାନ କରେ ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ



*ମାତୃ ଗର୍ଭରୁ ଭୂମିଷ୍ଠ ହେବା ମାତ୍ରେ ଜୀବ ପ୍ରକୃତି ସୃଷ୍ଟ ମୋହ, ମାୟାରେ ବନ୍ଦୀ ହୋଇଯାଏ । ଏହି ବନ୍ଧନର ରଜ୍ଜୁ ଏତେ ଶକ୍ତ ତଥା କଠିନ ହୋଇଥାଏ ଯେ, ଜୀବ ସେଥିରୁ ନିଜକୁ ରକ୍ଷା କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ, ଅସହାୟ ହୋଇପଡ଼େ । ନିଜ କୃତକର୍ମକୁ ସଠିକ୍ ଭାବରେ ପରିଚାଳନା କରିବାର ଉପାୟ ପାଏନାହିଁ । ଫଳସ୍ୱରୂପ ପ୍ରତି ମୁହୂର୍ତ୍ତରେ ମନ ଚଞ୍ଚଳ, ଅସ୍ଥିର ତଥା ଅସଂଯମ ହୋଇ କୁକର୍ମ କରିବାକୁ ଏକପ୍ରକାର ବାଧ୍ୟ ହୋଇଯାଏ । କିନ୍ତୁ ସେତେବେଳେ ସେ ବ୍ୟକ୍ତି ଚିନ୍ତା କରିପାରେ ନାହିଁ, କେଉଁ କାରଣରୁ ଅଥବା କେଉଁ ଅଜଣା ଶକ୍ତିର ପ୍ରଭାବରୁ ସେ ଏପରି ନିନ୍ଦିତ କାର୍ଯ୍ୟ କରିଯାଉଛି । ମାତ୍ର ପିଣ୍ଡତତ୍ତ୍ୱର ସୂତ୍ର ଅପରିବର୍ତ୍ତନୀୟ । ଯେଉଁ କର୍ମ ଯେତେବେଳେ କରାଯାଉଛି, ସେହି ସମୟରେ କାରଣ ତତ୍ତ୍ୱରେ ତାହାର ଏକ ବୃକ୍ଷ ଉପସ୍ଥିତ ହୋଇଯାଉଛି ଏବଂ ପର୍ଯ୍ୟାୟକ୍ରମେ ଉକ୍ତ ବୃକ୍ଷଟି ତ୍ରିଗୁଣ ସୂତ୍ରରେ ଫଳପ୍ରଦାନ କରିଚାଲୁଛି । ଏହାକୁ ହିଁ "କର୍ମଫଳ" ବୋଲି ବିବେଚନା କରାଯାଉଛି । ଗଛରେ ଗୋଟିଏ ପର୍ଯ୍ୟାୟ ଫଳ ଫଳିଲେ, ସେ ଫଳ ପରିପକ୍ୱ ହୋଇ ଶେଷ ନହେବାଯାଏ, ଆଉ ନୂତନ ଫଳ ଫଳେନାହିଁ । ଠିକ୍ ସେହିପରି ଗୋଟିଏ ପ୍ରକାର ଗଛରେ ଅନ୍ୟପ୍ରଜାତିର ଫଳ ଫଳେ ନାହିଁ । ଯଥା : ଆମ୍ବ ଗଛରେ କେବେମଧ୍ୟ ପଣସ ଫଳିନଥାଏ । ତେଣୁ ଜୀବନଚକ୍ରରେ କରାଯାଇଥିବା 'କର୍ମ'ର କର୍ମଫଳ ଅବଶ୍ୟ ଭୋଗକରିବାକୁ ହେବ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତଥାପି ଯଦି ମନୁଷ୍ୟ ଉପରୋକ୍ତ କ୍ରିୟାଶୈଳୀ ସଂମ୍ପର୍କରେ ଅବଗତ ହେବ, ତେବେ ନିଜେ ନିଜକୁ ସଂଯମ କରାଇବାର ପଥ ଅନ୍ୱେଷଣ ନିଶ୍ଚୟ କରିବ । ସେଇଥିପାଇଁ କଲ୍ୟାଣମୟ ଗୁରୁସ୍ୱାମୀ ଉପରବର୍ଣ୍ଣିତ କର୍ମର କାରଣ ନିରୂପିତ କରି ଧାରାବାହିକ ଭାବରେ ଏହି ସ୍ତମ୍ଭରେ "ମୋହ"ର ପ୍ରକରଣ, ପ୍ରଭାବ ଓ ସେଥିରୁ ନିସ୍ତାର ପାଇବାର କୌଶଳ ବର୍ଣ୍ଣନା କରି ଚାଲିଛନ୍ତି । ଆଶା ଆଉ ବିଶ୍ୱାସ, ମୋହ ଦ୍ୱାରା ଆଚ୍ଛାଦିତ ଜୀବ ତାଙ୍କର ଉକ୍ତ କୈବଲ୍ୟ କଣିକାକୁ ଗ୍ରହଣ କରି ନିଜକୁ ମୋହାବସ୍ଥାରୁ ଅପସାରିତ କରାଇବାରେ ସମର୍ଥ ହେବ ।*

ପୂର୍ବସଂଖ୍ୟା (୪୯ତମ)ରେ ପିଣ୍ଡ ମଣ୍ଡଳରେ ଖେଳୁଥିବା "ବକ୍ରଶୂଳକ କ୍ରିୟା" ସମ୍ପର୍କରେ ସମ୍ୟକ୍ ସୂଚନା ଦିଆଯାଇଥିଲା । କିନ୍ତୁ ତାହାର ବିସ୍ତୃତ ଆଲୋଚନା କରାଯାଇ ନଥିଲା । ସେଥିପାଇଁ ଏହି ସଂଖ୍ୟାରେ ସେ ସମ୍ପର୍କରେ ସାମାନ୍ୟ ଅଧିକ ବିବରଣୀ ପ୍ରଦାନ କରାଯାଉଅଛି । "ବକ୍ରଶୂଳକ କ୍ରିୟା" ଦ୍ୱାରା ପିଣ୍ଡ ମଧ୍ୟରେ ପର୍ଯ୍ୟାୟକ୍ରମେ ୬(ଛଅ) ପ୍ରକାରର ମୋହ ସୃଷ୍ଟି ହୋଇଥାଏ । ସେଗୁଡ଼ିକ ହେଲା -

୧-ଗୁଞ୍ଜନ୍ ମୋହ,

୨- ସନ୍ଧିଧ୍ମୋହ,

୩. ଲୟିକାମୋହ,

୪. ସୃଶାଧି ମୋହ,

### ୫. ପ୍ରବୃଧୀତା ମୋହ
### ଓ ୬. କୁଧରାମୋହ ।

ସୃଷ୍ଟିର ସଂଖ୍ୟାଧିକ ବ୍ୟକ୍ତି ମୁଖ୍ୟତଃ ଉକ୍ତ ଷଡ଼ବିଧ ମୋହରେ ପତିତ ହୋଇ ନିଜର ଜନ୍ମ, ଜୀବନ ବ୍ୟର୍ଥ କରି ଦେଇଥାଆନ୍ତି । ମାତ୍ର ଯେଉଁମାନେ ଉକ୍ତ ମୋହଗୁଡ଼ିକର ସ୍ୱରୂପ, ପ୍ରକରଣ ଏବଂ ଶରୀରରେ ସୃଷ୍ଟି ହେଉଥିବା ଲକ୍ଷଣ ସମ୍ପର୍କରେ ଅବଗତ ହୋଇ ଜାଗ୍ରତ ହୋଇଯାଆନ୍ତି, ସେମାନେ ପତନ ଅବସ୍ଥାକୁ ସହଜରେ ଅତିକ୍ରମ କରି ଉତ୍‌ଥାନ ପଥରେ ଅଗ୍ରସର ହୁଅନ୍ତି ଏବଂ ଶେଷରେ ଅମୃତର ସନ୍ଧାନୀ ହୋଇ ଅତିମାନସ ପଥର ଯାତ୍ରୀ ହୋଇଯାଆନ୍ତି । ଉପରବର୍ଣ୍ଣିତ ଷଡ଼ବିଧ ମୋହର ଅବସ୍ଥା, ଲକ୍ଷଣ ଓ ଫଳାଫଳ ସମ୍ପର୍କିତ ଆଧାରଶିଳା ନିମ୍ନରେ ପ୍ରଦତ୍ତ ହେଲା ।

**ଗୁଞ୍ଜନ୍ ମୋହ :-** ନାଭିକେନ୍ଦ୍ରରେ ଥିବା **''ଶବ୍ଦ, ନାଦବ୍ରହ୍ମ''** ପଦ୍ମରୁ **''ଗୁଞ୍ଜନ୍ ମୋହ''** ସୃଷ୍ଟି ହୋଇଥାଏ । **''ମୋହିନୀ'' ମାୟା** (ମୋ=ମୋର; ହି = ହିତ; ନୀ = ନୀତି) ସହିତ ଏହି ମୋହର ନିବିଡ଼ ସମ୍ପର୍କ ରହିଅଛି । ନିଜର ପାର୍ଥିବ ହିତ ପାଇଁ ମନୁଷ୍ୟ ଯେତେବେଳେ ଗଭୀର ଭାବରେ ଚିନ୍ତା କରିଦିଏ, ସେତେବେଳେ ଏହି ମୋହ ତାହାର ପ୍ରବୃତ୍ତି, ପ୍ରକୃତି ସହିତ ମିଶ୍ରିତ ହୋଇଯାଏ । ପ୍ରକୃତି ଏବଂ ପ୍ରବୃତ୍ତି ଏକତ୍ର ହୋଇ ସେହି ଜିଜ୍ଞାସାକୁ ଅତି ନିଖୁଣ ଭାବରେ **'ମନ'** ସହିତ ଏକାକାର କରିବାପାଇଁ **''ନାଦଗର୍ଦ୍ଦଣ''** କୋଷକୁ ପ୍ରଭାବିତ କରିଦିଏ । ନାଦଗର୍ଦ୍ଦଣ କୋଷରୁ ପଞ୍ଚଭୂତ ଅନ୍ତର୍ଗତ **''ବାୟୁ ତତ୍ତ୍ୱ''** ମାଧମରେ ସେହି ସେହି ଭାବନା ମନରେ ପ୍ରତିବିମ୍ବିତ ହୋଇଯାଏ । ଫଳରେ ମନୁଷ୍ୟ ଯେଉଁ ଚିନ୍ତା କରିଥାଏ, ତାହାକୁ ସାକାର କରିବାକୁ ମନ ଅତ୍ୟନ୍ତ ଚତୁର ଭାବରେ ପଥ ଖୋଜିବାକୁ ଲାଗେ । ସେତିକିବେଳେ କାୟ, ମନ, ବାକ୍ୟରେ ବ୍ୟକ୍ତିର ମନରେ ସେହି ଚିନ୍ତା ସର୍ବଦା **''ଗୁଞ୍ଜରିତ''** ହେଉଥାଏ । ସୁଯୋଗ ପାଇବା ମାତ୍ରେ ତାହା ପ୍ରାପ୍ତି ହେବାକୁ ବା ମନର ବାସନା ପୂର୍ଣ୍ଣ କରିବାକୁ ସେ ଯତ୍ନଶୀଳ ହୋଇ ତତ୍‌ସଂଲଗ୍ନ କର୍ମ କରିବା ପାଇଁ ବ୍ୟାକୁଳ ହୋଇଉଠେ । ଏହି ସମୟରେ ବ୍ୟକ୍ତିର ମନରେ କୌଣସି ସୁଚିନ୍ତା, ସୁଉପଦେଶ, ଧର୍ମଭୟ, କର୍ମଭୟ ବା ସେହି କର୍ମର **'କର୍ମଫଳ'** ଆଦିର ପରିଣାମ ସମ୍ପର୍କରେ ଚେତନା ରହେ ନାହିଁ । ତେଣୁ ସେ ସ୍ୱଭାବନାରୁ ମୁକ୍ତ ହେବା ପରିବର୍ତ୍ତେ ମୋହ ଫାଶରେ ବନ୍ଦୀ ହୋଇଯାଏ । ଉକ୍ତ **''ଗୁଞ୍ଜନ୍ ମୋହ''** ବିଶେଷ ଭାବରେ ଜୀବର ପିଣ୍ଡରେ ଧନ ଅର୍ଜନର ପ୍ରବୃତ୍ତି ସୃଷ୍ଟି କରିଦିଏ । ଏହି ପରିସ୍ଥିତିରେ ଦୁଇପ୍ରକାରର ଅବସ୍ଥା ସୃଷ୍ଟିହୁଏ । ପିଣ୍ଡରେ ନାଦଗର୍ଦ୍ଦଣ କୋଷ ଜୀବର ମନକୁ ଦୁଇପ୍ରକାରର ଭାବ ବିଚ୍ଛୁରିତ କରାଇଦିଏ -

***୧. କଷ୍ଟଦ୍ୱାରା, ଶ୍ରମଦ୍ୱାରା ଏବଂ ସତ୍‌ମାର୍ଗରେ ରହି ନିଜର ଭରଣ ପୋଷଣ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଉପାର୍ଜନ କରିବା ଏବଂ ସତ୍‌ଚିନ୍ତନରେ ମୋହିତ ହୋଇ ଉତ୍ପନ୍ନ ହୋଇଥିବା ''ଗୁଞ୍ଜନମୋହ''କୁ ସଦାଚାର ସହିତ ଯୁକ୍ତ କରାଇଦେବା ।*** ଯଦି ମନ ସଂଯମପ୍ରାପ୍ତ ହୋଇ ନାଦଗର୍ଦ୍ଦଣ କୋଷର ଉକ୍ତ ଚେତାବନୀକୁ ଗ୍ରହଣ କରିବାପାଇଁ କଠୋର ହୋଇଯାଏ, ତେବେ 'ଗୁଞ୍ଜନ୍‌ମୋହ' ତାହାର ଗତିପଥ ପରିବର୍ତ୍ତନ କରିବାକୁ ବାଧ୍ୟହୁଏ ଏବଂ ବ୍ୟକ୍ତିର ସତ୍‌ମାର୍ଗ ଯାତ୍ରାକୁ ଅତି ତୀବ୍ର, କ୍ଷିପ୍ର ଓ ଶକ୍ତିଶାଳୀ

କରିଦିଏ । ଫଳସ୍ୱରୂପ ମନୁଷ୍ୟର ମନରେ ଅସତ୍, ଅନ୍ୟାୟ, ଅନୀତି ଜନିତ **'ମୋହ'**ର ଦ୍ୱାର ରୁଦ୍ଧ ହୋଇ **ସତ୍, ନ୍ୟାୟ,** ସୁନୀତିର ଗତି **ସ୍ପଷ୍ଟ** ହୋଇଯାଏ । ଏହି ଅବସ୍ଥାରେ **'ଗୁଞ୍ଜନ୍‌ମୋହ'** ଅତି ଅନ୍ତରଙ୍ଗ ଭାବରେ **ସୁସାଥି** ହୋଇ ଜୀବନଦର୍ଶନରେ ସହାୟକ ହୁଏ । ମନକୁ ତଥା ଦୃଷ୍ଟିକୁ ମୋହିତ ଅବସ୍ଥାରୁ ଦୂରେଇ ନେଇ କେବଳ ସଦ୍‌ମାର୍ଗରେ ପ୍ରେରିତ କରିଦିଏ । ଯେଉଁମାନଙ୍କର **'ଗୁଞ୍ଜନ୍‌ମୋହ'** ସୁସାଥି ହୋଇଯାଏ, ସେମାନେ ପ୍ରତିମୁହୂର୍ତ୍ତରେ ନିଜ ଆତ୍ମାର ଧ୍ୱନି ଏବଂ ସେଠାରେ ପ୍ରତିବିମ୍ବିତ ହେଉଥିବା ଦିବ୍ୟବାଣୀକୁ ଅତି ସହଜରେ ଗ୍ରହଣ କରିପାରନ୍ତି । ଫଳରେ ସେମାନଙ୍କୁ ମୋହଜନିତ ଦୋଷ ଲାଗିପାରେ ନାହିଁ । ସଦ୍‌ମାର୍ଗରେ ରହି ମଧ୍ୟ ସେମାନେ ଆବଶ୍ୟକ ଧନ ସମ୍ପଦ, ଐଶ୍ୱର୍ଯ୍ୟାଦି ପ୍ରାପ୍ତ ହୋଇ ଅତି ସୁଖରେ କାଳାତିପାତ କରନ୍ତି ।

***୨. ବିନାଶ୍ରମରେ, ବିନାକଷ୍ଟରେ ତଥା ଆବଶ୍ୟକ ସ୍ଥଳେ ଅସତ୍, ଅନୀତିକୁ ଅପ୍ରଜକରି ଯେନତେନ ପ୍ରକାରେଣ ଅର୍ଥ ଉପାର୍ଜ୍ଜନ କରିବାର ଆକାଂକ୍ଷା ।*** ନାଦଗର୍ଦ୍ଦଣ କୋଷର ଏହି ସଙ୍କେତ ଯଦି ପ୍ରବୃତ୍ତି ଗ୍ରହଣ କରିନିଏ, ତେବେ **'ଗୁଞ୍ଜନ୍‌ମୋହ'** ସମ୍ପୂର୍ଣ୍ଣ କବଳିତ କରିଦିଏ । ସେ ଅବସ୍ଥାରେ ଜୀବ ଚେତନାହୀନ ହୋଇ ଅସଂଯତ୍ ମନ ଦ୍ୱାରା ପରିଚାଳିତ ହୁଏ । ପାପ, ପୁଣ୍ୟ, ଭଲ, ମନ୍ଦ, ଧର୍ମ-ଅଧର୍ମ, 'ସୁ' ଅବା 'କୁ' ଜ୍ଞାନ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଏ । ପ୍ରତିବଦଳରେ ଶଠତା, ଛଳନା, ଆତ୍ମ ପ୍ରବଞ୍ଚନା, ମିଥ୍ୟା, କପଟପୂର୍ଣ୍ଣ ଆଚରଣଗୁଡ଼ିକ ମନରେ ପ୍ରତିବିମ୍ବିତ ହୋଇଯାଏ । ସେତେବେଳେ ପ୍ରଭାବିତ ସେହି ବ୍ୟକ୍ତି ତା'ର ନିଜସ୍ୱ, ସ୍ୱରଚିତ କ୍ରିୟା, କର୍ମ ଶୈଳୀରେ ଅନ୍ୟକୁ ବଶୀଭୂତ କରି ଅସତ୍‌ଧନ ଉପାର୍ଜ୍ଜନରେ ବ୍ରତୀ ହୋଇଯାଏ । ମନ ଯେତେବେଳେ ଏହି ଅବସ୍ଥା ପ୍ରାପ୍ତ ହୁଏ, ସେତେବେଳେ **'ଗୁଞ୍ଜନ୍ ମୋହ'** ସମସ୍ତ ପ୍ରକାର ଅସତ୍‌କର୍ମର ପ୍ରତିଛବି ତାହାର ସମ୍ମୁଖରେ ଉପସ୍ଥାପନ କରିଦିଏ । ଫଳରେ ତାହାର ପ୍ରତିବିମ୍ବ ମନକୁ ଆକର୍ଷିତ କରାଇ ଏବଂ ପିଣ୍ଡର ଅନ୍ୟ ଇନ୍ଦ୍ରିୟମାନଙ୍କୁ ପ୍ରଭାବିତ କରି ସେହି ଅନୁସାରେ ପରିଚାଳିତ ହେବାକୁ ବାଧ୍ୟ କରେ । **'ଗୁଞ୍ଜନ୍ ମୋହ'** ଅତ୍ୟନ୍ତ ଶକ୍ତିଶାଳୀ ହୋଇଯାଏ, ଯେଉଁଥିରୁ କି ଜୀବ ରକ୍ଷାପାଇବାର ସମସ୍ତ ପଥ ଅବରୁଦ୍ଧ ହୋଇଯାଏ । ସେହି ସମୟରେ ଜୀବ ଯେଉଁ ପରିବେଶରେ ଅବସ୍ଥାନ କରୁଥାଏ, ସେହି ପରିବେଶକୁ ଅତ୍ୟନ୍ତ କଳୁଷିତ କରିଦିଏ ଏବଂ ସେହି କଳୁଷିତ ଅବସ୍ଥାରୁ ନିଜର କୁମନସ୍କାମନା ପୂର୍ଣ୍ଣ କରିବାକୁ ତଥା ନିଜର ସ୍ୱାର୍ଥରକ୍ଷା କରି ଧନ ଉପାର୍ଜ୍ଜନରେ ସମସ୍ତ ଶକ୍ତି, କୌଶଳ ଉପଯୋଗ କରିଦିଏ ।

ବର୍ତ୍ତମାନ ସମାଜରେ ଏହି ଶ୍ରେଣୀର ବହୁଳ ଉପସ୍ଥିତି ସମାଜକୁ କଳୁଷିତ କରି ଦେଇସାରିଲାଣି । 'ଧର୍ମ', 'ଗୁରୁ', 'ସତ୍‌ସଙ୍ଗ', ଯଜ୍ଞ ଆଦି ବିଭିନ୍ନ ମାଧ୍ୟମର ସାହାରା ନେଇ ନିଜକୁ ନିଜର ଅଜାଣତରେ ଧ୍ୱଂସାଭିମୁଖୀ କରି ଦେଇସାରିଲେଣି । ''ଗୁରୁବାଣୀ'', ''ଶାସ୍ତ୍ରବାଣୀ'' ଓ ''ନୀତିଶିକ୍ଷା'' ଆଦି କୌଣସି ପ୍ରକାର ଉପଦେଶ ସେମାନଙ୍କୁ ସ୍ପର୍ଶ କରିପାରୁନାହିଁ । କାରଣ **''ଗୁଞ୍ଜନ୍ ମୋହ''** ସେମାନଙ୍କ ଚିନ୍ତା, ଚେତନା, ମନ ତଥା ଇନ୍ଦ୍ରିୟ ଉପରେ ଏକ ଶକ୍ତ, କଠିନ ଆସ୍ତରଣ ସୃଷ୍ଟି କରିଦେଇଛି । ମାତ୍ର ଦୁଃଖ ଏବଂ ପରିତାପର ବିଷୟ, ସେହି ଶ୍ରେଣୀର ବ୍ୟକ୍ତିମାନେ ବୁଝିପାରୁନାହାନ୍ତି କି ଜାଣି ପାରୁନାହାନ୍ତି ଯେ, ସେମାନେ ଯେଉଁ କର୍ମ କରିଚାଲିଛନ୍ତି ତା'ର ଫଳାଫଳ କେତେ ଭୟଙ୍କର ହେବାକୁ ଯାଉଛି । ସେହି ପ୍ରକାରଭୁକ୍ତ କିଛି କର୍ମ ଓ କର୍ମଫଳର ସୂଚନା ନିମ୍ନରେ ଦିଆଯାଉଛି ।

ବ୍ୟକ୍ତି ଗୁରୁଦ୍ୱାରକୁ ଯାଉଛି । ବାହାରେ ଛଳନାତ୍ମକ ଢଙ୍ଗରେ ନିଜକୁ ଜଣେ ସଚ୍ଚୋଟ, ସାଧୁ, ସତ୍‌ସଙ୍ଗପ୍ରେମୀ ତଥା ସଂଘୀୟ ଶୃଙ୍ଖଳା ଅନ୍ତର୍ଗତ ବ୍ୟକ୍ତି ଭାବରେ ପରିଚିତ କରାଉଅଛି । ବାକ୍ ଚାତୁରୀରେ ଅନ୍ୟକୁ ଆକର୍ଷଣ କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଚେଷ୍ଟା କରୁଛି । କିନ୍ତୁ ନିଜେ ନିଜର ଉଚ୍ଚାରଣର ଅନେକ ଦୂରରେ ନିଜକୁ ରଖି ଆଚରଣ ସମ୍ପୂର୍ଣ୍ଣ ବଦଳାଇ ଦେଉଛି । ଏହି ଶ୍ରେଣୀର ବ୍ୟକ୍ତିବିଶେଷଙ୍କ କିଛି ଆଚରଣ, ଭୂମିକା ଓ ତାହାର ପରିଣାମ ହେଉଛି :-

➤ **''ସତ୍‌ସଙ୍ଗ''** ଶବ୍ଦ ଉଚ୍ଚାରଣ କରି, ଯେଉଁମାନେ ସେହି ପବିତ୍ର ଶବ୍ଦକୁ ଅପବ୍ୟବହାର କରି ନିଜର ସ୍ୱାର୍ଥସାଧନ ପାଇଁ ଅର୍ଥ ଉପାର୍ଜନ କରନ୍ତି, ଶୋଷଣ କରନ୍ତି, ସେମାନେ **'ରୌରବ'** ନାମକ ନର୍କ ଭୋଗ କରନ୍ତି । ଏହି ନର୍କର ପ୍ରଭାବରେ ସ୍ୱଅର୍ଜିତ ଅର୍ଥ କୌଣସି ସତ୍‌ପଥରେ ଉପଯୋଗ ହୋଇପାରେ ନାହିଁ । **''ଐଶ୍ୱର୍ଯ୍ୟ ଲକ୍ଷ୍ମୀ''** ସେମାନଙ୍କର ଅପହଞ୍ଚ ଦୂରତାକୁ ଚାଲିଯାଏ । ଯେତେବେଳେ ସେମାନେ ସେହି ଅଗ୍ନିରେ ପ୍ରଜ୍ୱଳିତ ହୁଅନ୍ତି, ସେତେବେଳେ ନିଜର ଅଜ୍ଞତା ହେତୁ ନିଜକୁ ମନେ ମନେ ଅତି ସୁରକ୍ଷିତ ଭାବନ୍ତି ଏବଂ ସମସ୍ତ କ୍ରିୟା ଈଶ୍ୱର ବା ଗୁରୁଦେବ କରି କରାଉଛନ୍ତି କହି ନିଜକୁ ସାନ୍ତ୍ୱନା ପ୍ରଦାନ କରନ୍ତି । ମାତ୍ର ଏହା ସତ୍ୟ ଯେ, ସେମାନଙ୍କୁ କୌଣସି ଦେବା, ଦେବୀ, ଗୁରୁ ରକ୍ଷା କରିପାରନ୍ତି ନାହିଁ । 'ଗୁରୁ' ଯେହେତୁ ଗୁଣବର୍ଜିତ, ସେ ସେଥିରେ ପ୍ରଭାବିତ ହୁଅନ୍ତି ନାହିଁ । ଶିଷ୍ୟର ଉକ୍ତ ଦୁରାବସ୍ଥାରେ ସେ ଅତ୍ୟନ୍ତ ଦୁଃଖୀ ତଥା ମ୍ରିୟମାଣ ହୋଇଯାଆନ୍ତି । କିନ୍ତୁ ସୃଷ୍ଟିର ନିୟମଚକ୍ର ବାହାରକୁ ଯାଇ କୌଣସି ପ୍ରକାର ସାହାଯ୍ୟ କରିପାରନ୍ତି ନାହିଁ । ଏହି କର୍ମର କର୍ମଫଳ କଦାପି ଗୋଟିଏ ଜନ୍ମରେ ଶେଷ ହୋଇପାରେ ନାହିଁ । ଫଳଟି ସମ୍ପୂର୍ଣ୍ଣ ପରିପକ୍ୱ ହୋଇ ଶେଷ ପର୍ଯ୍ୟାୟ ପ୍ରାପ୍ତ ହେବାକୁ ଅନେକ ଜନ୍ମ ଲାଗିଯାଏ । ଯଦି କେହି ପୁଣିଥରେ **'ନାଦଗର୍ଦ୍ଦଣ କୋଷ'** ଏବଂ **'ଗୁଞ୍ଜନ୍ ମୋହ'**ର ସୁଅବସ୍ଥା ବିଷୟରେ ଜ୍ଞାତ ହେବ, ନିଜକୁ ସେ ଅପକର୍ମରୁ ନିବୃତ୍ତ ରହିବାପାଇଁ ବଜ୍ରଶପଥ ନେଇ ଗୁରୁଙ୍କ ନିକଟରେ ସମସ୍ତ ସତ୍ୟ ପ୍ରକାଶ କରି ଶରଣାଗତ ହୋଇଯାଏ, ତେବେ କ୍ଷମା, ଦୟାର ସାଗର ଗୁରୁ ତାହାକୁ ଅଭୟ ପ୍ରଦାନ କରନ୍ତି ଏବଂ କର୍ମଫଳକୁ ତୀବ୍ରଗତିରେ ପରିପକ୍ୱ କରାଇ ଆସନ୍ତା ଜନ୍ମର ଦଣ୍ଡରୁ ମୁକ୍ତ କରି ଦିଅନ୍ତି ।

➤ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜକୁ ଅତି ଶ୍ରେୟ ମନେ କରନ୍ତି ଏବଂ ସେମାନଙ୍କ ଅଧୀନରେ ଥିବା ବ୍ୟକ୍ତିମାନଙ୍କୁ ନାପସନ୍ଦ କରିବା ସହ ଅତ୍ୟନ୍ତ କ୍ରୁର ବ୍ୟବହାର କରନ୍ତି, ସେମାନେ **'ଗୁଞ୍ଜନ୍ ମୋହ'** ଅନ୍ତର୍ଗତ **''ରାଜକୀୟ କାଳଦଣ୍ଡ''**ରେ ଦଣ୍ଡିତ ହୁଅନ୍ତି । ସେମାନଙ୍କ ଜୀବନର ଅନ୍ତିମ କ୍ଷଣ ଅତି ଜଘନ୍ୟ, ଘୃଣ୍ୟ ଓ ଯନ୍ତ୍ରଣା ଦାୟକ ହୋଇଥାଏ । ସେତେବେଳେ ରାଜକୀୟ କାଳଦଣ୍ଡର ଅଂଶ **''ଲୌହଦଣ୍ଡ''**ରେ ପରିଣତ ହୋଇଯାଏ । ଗୋଟିଏ ଜନ୍ମରେ ଏହି କର୍ମଫଳ ସମ୍ପୂର୍ଣ୍ଣ ହୁଏ ନାହିଁ । ଏ ଜନ୍ମରେ ଅନ୍ୟକୁ ଯେଉଁପରି ବ୍ୟବହାର କରିଛନ୍ତି, ପରବର୍ତ୍ତୀ ଜନ୍ମରେ ଅତି ନୀଚସ୍ତରରେ ଜନ୍ମଗ୍ରହଣ କରି ଠିକ୍ ସେହିପରି ବ୍ୟବହାରର ଶିକାର ହୁଅନ୍ତି । ଏଥିରୁ ମୁକ୍ତି ପାଇଁ କେବଳ ଉପରୋକ୍ତ ପ୍ରତିକାର ହିଁ ସହାୟକ ହୋଇପାରେ ।


➤ ସତ୍ ଅନୁଷ୍ଠାନର ପାରିଷଦମଣ୍ଡଳୀରେ ସ୍ଥାନୀତ ହୋଇ ମଧ୍ୟ ଅନେକ ବ୍ୟକ୍ତି ଘୃଣା, ହିଂସା, ପ୍ରତିହିଂସାପରାୟଣତା, ଅସ୍ମିତା, ଅହଙ୍କାର, ଈର୍ଷା ଓ ଅର୍ଥ ଶୋଷଣ ଆଦି କର୍ମରେ ନିଜକୁ ଜଡ଼ାଇ ରଖିଥାଆନ୍ତି, ସେମାନେ ଏହି **'ଗୁଞ୍ଜନ୍‌ମୋହ'** ଗ୍ରସ୍ତ ହୋଇଥାନ୍ତି । ଫଳସ୍ୱରୂପ **''ବଡ଼ବାଅନଳ''**ରେ ପତିତ ହୋଇ ଅହରହ ଦଗ୍ଧୀଭୂତ ହୋଇଥା'ନ୍ତି । ସବୁଥାଇ ମଧ୍ୟ କିଛି ନଥିବା ପରି ମନେ କରନ୍ତି । ମନରେ ସନ୍ଦେହ, ଦ୍ୱନ୍ଦ୍ୱ, ଅବିଶ୍ୱାସ ଆଦି କୁଗୁଣ ବସାବାନ୍ଧିଯାଏ, ଯେଉଁଥିରୁ ମୁକ୍ତି ପାଇବା ଏକପ୍ରକାର ଅସମ୍ଭବ ହୋଇଯାଏ । ଏହି କର୍ମଫଳ ନିଜର ପରିବାରକୁ ମଧ୍ୟ ବିସ୍ତାରିତ ହୋଇଯାଏ । ଫଳରେ ସମଗ୍ର ପରିବାର ଅଶାନ୍ତ ହୋଇ **'ବଡ଼ବା ଅନଳ'** ରେ ଦଗ୍ଧ ହୋଇଯାଏ । ଏଥିରୁ ରକ୍ଷା ପାଇବାପାଇଁ ୧ନଂରେ ବର୍ଣ୍ଣିତ ପ୍ରତିକାର ହିଁ ଏକାନ୍ତ ସହାୟକ ।

➤ **''ଗୁଞ୍ଜନ୍‌ମୋହ''**ର ପ୍ରଭାବରେ ଅନେକ ବ୍ୟକ୍ତି ନିଜର ପୂଜ୍ୟ, ଗୁରଜନ, ''ଗୁରୁଦେବ'' ଓ ''ଇଷ୍ଟଦେବ'' ଇତ୍ୟାଦିଙ୍କ ନାମ ନେଇ ଅନ୍ୟକୁ ପ୍ରବଞ୍ଚନାପୂର୍ଣ୍ଣ ଅସତ୍ୟ କଥାରେ ପ୍ରଭାବିତ କରି ଅର୍ଥ ଶୋଷଣ କରିଥା'ନ୍ତି । ମାତ୍ର ''ଏ ଅର୍ଥ ଆମର ନୁହେଁ, ପ୍ରଭୁଙ୍କ ବା ଗୁରୁଦେବଙ୍କ ବା ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ ତାଙ୍କର ପରାମର୍ଶ କ୍ରମେ ନେଉଛୁ'' କହି ଅସତ୍ୟକୁ ସର୍ବଦା ସତ୍ୟରେ ପରିଣତ କରିବାର କଳା ଆହରଣ କରିଥା'ନ୍ତି । ଏହି ଶ୍ରେଣୀର ବ୍ୟକ୍ତିମାନେ ସେମାନଙ୍କ ଜୀବନରେ କଦାପି **'ବ୍ରହ୍ମବାଦ'**, **'ବ୍ରହ୍ମାନୁଭୂତି'**, **'ଦିବ୍ୟଭାବ'** ଓ **'ଦିବ୍ୟଭାବାନୁଭୂତି'** ଗ୍ରହଣ କରିପାରନ୍ତି ନାହିଁ । ଫଳସ୍ୱରୂପ **''କୁ ଭେକ ପଥ''**ରେ ଲାଞ୍ଛିତ ହୁଅନ୍ତି । ଯେଉଁମାନେ କୌଣସି ଅନୁଷ୍ଠାନର ସାମୂହିକ ଉତ୍ସବ ଅନ୍ତର୍ଗତ ଅର୍ଥ ଅଥବା ନିଜର ଗୁରୁ, ଇଷ୍ଟଙ୍କ ଉଦ୍ଦେଶ୍ୟରେ ଉପଯୋଗ ହେଉଥିବା ଅର୍ଥର ସତ୍ୟସ୍ୱରୂପ ଅର୍ଥାତ୍ ବ୍ୟୟର ବିଶଦ ବିବରଣୀ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ତଥା ଭାଇଭଉଣୀମାନଙ୍କୁ ଅବଗତ କରି ନଥା'ନ୍ତି, ସେମାନେ **'ଗୁଞ୍ଜନ୍‌ମୋହ'**ର ଦ୍ୱିତୀୟାଂଶ **'ରୁକ୍ଷାବ୍ରତ'** ମୋହରେ ପଡ଼ିଯାଆନ୍ତି । ଏହି ମୋହ ସେମାନଙ୍କ ପରିବାରକୁ ମଧ୍ୟ ବିସ୍ତାରିତ ହୋଇଯାଏ । ଫଳରେ ପରିବାରର ଜଣେ ବ୍ୟକ୍ତି ପାଇଁ ସମଗ୍ର ପରିବାରଟି ଧ୍ୱଂସ ଆଡ଼କୁ ଗତିକରିଯାଏ । ସେଥିପାଇଁ ସର୍ବଦା ସତର୍କ ରହିବା ଏକାନ୍ତ ଆବଶ୍ୟକ ।

ଏହି **'ମୋହ'**ର ଦ୍ୱିତୀୟ ପାର୍ଶ୍ୱ ଦାତାଙ୍କ ପାଇଁ ମଧ୍ୟ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଯଥା :- ଯେଉଁମାନେ ଶଠ, ପ୍ରବଞ୍ଚକମାନଙ୍କର ବାସ୍ତବ ଲକ୍ଷ୍ୟ ସଠିକ୍ ଭାବରେ ଜାଣିନପାରି ସେମାନଙ୍କ ହସ୍ତରେ ସତ୍‌କର୍ମ, ଅନୁଷ୍ଠାନ, ଗୁରୁ ଓ ଇଷ୍ଟମାନଙ୍କ ଉଦ୍ଦେଶ୍ୟରେ ଅର୍ଥ ପ୍ରଦାନ କରିଦିଅନ୍ତି, ସେମାନେ ମଧ୍ୟ ଉକ୍ତ **'ମୋହ'**ର କିଛି କର୍ମଫଳ ଭୋଗ କରିବାପାଇଁ ବାଧ୍ୟ ହୋଇଥା'ନ୍ତି । ସେଥିପାଇଁ ଯଦି କାହାରି କିଛି ଦାନ କରିବାର ଆଗ୍ରହ ପ୍ରକାଶପାଏ, ତେବେ ସେ ଅଧିକୃତ ଅଧିକାରୀ, ସଙ୍ଗଠନ, ପରିଷଦ୍‌ରେ ଦାନ କରିବା ଉଚିତ୍ । ତା ହେଲେ **''ମୋହାଚ୍ଛନ୍ନ''** ଅବସ୍ଥାରୁ ମୁକ୍ତି ମିଳିପାରେ ।

କ୍ରମଶଃ....

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀ ହିଁ ପ୍ରକୃତି

ମାୟାବିନା କାୟା ରହି ନପାରଇ କାୟାବିନା ନାହିଁ ଛାୟା,
ମାୟାହିଁ ଜନନୀ ଜଠର ଜରାୟୁ ପୁଣି ପ୍ରଳୟ ଅଭୟା ।
ମାୟାରେ ମମତା, ପ୍ରେମ, ପ୍ରୀତି ରହି ଗଢ଼ିଛି ସାରାଦୁନିଆଁ,
ସେହି ମାୟା ହିଂସା ଭାବରେ ଜଡ଼ାଇ ଜାଳୁଛି ବିଭେଦ ନିଆଁ ।

*ସ୍ରଷ୍ଟା ନିଜେ ଯେପରି ଅସୀମ, ଅବର୍ଣ୍ଣନୀୟ, ଅଚିନ୍ତ୍ୟ, ତାଙ୍କର ସ୍ୱରଚିତ ସୃଷ୍ଟି ତତୋଽଧିକ ରହସ୍ୟମୟ ଓ ବିସ୍ମୟଜନକ । ତାଙ୍କର ପ୍ରତ୍ୟକ୍ଷ କୃପାବିନା ସେ ରହସ୍ୟ ଭେଦକରି ବାସ୍ତବତା ଉପଲବ୍ଧି କରିବା କାହାରି ପକ୍ଷେ ସମ୍ଭବ ନୁହେଁ । ତେଣୁ ସେ ନିଜେ ସେ ଗୁରୁଦାୟିତ୍ୱ ବହନ କରି ପ୍ରକୃତି ବୈଚିତ୍ର୍ୟକୁ ଧାରାବାହିକ ଭାବରେ ଏହି ସ୍ତମ୍ଭ ମାଧ୍ୟମରେ ଉନ୍ମୋଚନ କରି ଚାଲିଛନ୍ତି । ଯଦି କେହି ନିଷ୍ଠାବାନ ଜିଜ୍ଞାସୁ ଯତ୍ନର ସହକାରେ ଏହାକୁ ଗ୍ରହଣ କରିବାକୁ ଚେଷ୍ଟିତ ହୁଏ, ତେବେ ଅନାୟାସରେ ତାଙ୍କର ସମସ୍ତ ଅବୋଧ ସୃଷ୍ଟିଚକ୍ର ସମ୍ପର୍କିତ ଜ୍ଞାନର ଅଧିକାରୀ ହୋଇପାରିବ । ଏହା ଧ୍ରୁବ ଅଟେ । ଏହାହିଁ ଆମର ଆଶା ଓ ଲକ୍ଷ୍ୟ ।*

**'ଚରମ'-ନବମପୁଷ୍ପ - ଷଷ୍ଠ ପାଖୁଡ଼ା - ୪୯ (ଊନପଞ୍ଚାଶ)ତମ ସଂଖ୍ୟା ଅନୁଶ୍ରୁତିରୁ**

**ବୈଷ୍ଣବୀମାୟା** — **ମୁଁ ଭୂମାଯୋଗ୍ନୀ ମାୟା କହୁଛ**

**(ପୂର୍ବସଂଖ୍ୟା-୪୯ ରୁ ଅସମାପ୍ତ)**

**ମର୍ତ୍ତ୍ୟଲୋକରେ ମୋର ଭୂମିକା -**

୧୯. ମହାଶୂନ୍ୟରେ ମୁଁ ହିଁ ବ୍ୟାପକ ଅବସ୍ଥା ଗ୍ରହଣ କରି ଶବ୍ଦ, ନାଦ, ତରଙ୍ଗ ହୋଇ 'ଘମଟକ' ଭୂମା ମଣ୍ଡଳରେ ରହିଅଛି । ଶବ୍ଦ ହେଉଛି ସୃଷ୍ଟିର ତରଙ୍ଗ । ଶବ୍ଦ ପ୍ରତ୍ୟେକ ସୂକ୍ଷ୍ମକୋଷରେ ପ୍ରବାହିତ ହୋଇ ମାନବଶରୀର ଶିରା, ପ୍ରଶିରା ଓ ପ୍ରତି ସ୍ନାୟୁକୋଷରେ ରହିଛି । ଶବ୍ଦ ନାଦରୁ ଉତ୍ପନ୍ନ ହେଉଛି ଏବଂ ପଶୁ, ପକ୍ଷୀ, ବୃକ୍ଷଲତା, ନଦୀ-ଝରଣା-ସାଗର-ମହାସାଗରର ଜଳ ଓ ପବନର ପ୍ରତିଟି ଶ୍ରୁତି ତତ୍ତ୍ୱରେ

ପ୍ରବାହିତ ହେଉଅଛି । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନିପୁରରେ ଏହା ସର୍ବଦା ପୂର୍ଣ୍ଣ ହୋଇ ରହିଅଛି । ଯେ ପର୍ଯ୍ୟନ୍ତ ବ୍ରହ୍ମାଣ୍ଡ ଥିବ, ସୃଷ୍ଟି ଥିବ, ସେ ପର୍ଯ୍ୟନ୍ତ ବ୍ରହ୍ମଙ୍କ ଆଦେଶ ମୁଁ ପାଳନ କରି ଚାଲିଥିବି ।

୨୦. **'ଖଗପର୍ଣ୍ଣା ଭୂମା'** ମଣ୍ଡଳରେ ସୂକ୍ଷ୍ମରେ ଧୂସରବର୍ଣ୍ଣର ଜ୍ୟୋତିସହ ଅବସ୍ଥାନ କରି ପ୍ରକୃତି ସମ୍ବନ୍ଧୀୟ ବୃକ୍ଷ, ଲତା, ପାହାଡ଼, ପର୍ବତ ଘଞ୍ଚ ଜଙ୍ଗଲର ବନଜାତ ଆତ୍ମାମାନଙ୍କ ମଧ୍ୟରେ ବ୍ରହ୍ମଙ୍କ ଆଜ୍ଞାରେ ବିହାର କରେ । ଜୀବ ପିଣ୍ଡରେ ମୁଁ ବୃହତ୍ ଖଳ, ଅହଙ୍କାର, ହିଂସାର ସୂକ୍ଷ୍ମବୀଜରୂପେ ରହିଥାଏ । ଏହି ସମସ୍ତ କୁଭାବକୁ ପରିହାର କରିବାପାଇଁ ଜୀବ ଅଭ୍ୟାସ ସୂତ୍ରୀ ଦ୍ୱାରା କର୍ମକଲେ, ତହା ସୂକ୍ଷ୍ମବୀଜ କୋଷରେ ଦାହ ସୃଷ୍ଟି କରେ । ଏହି ଦାହରେ ମୁଁ ସନ୍ତୋଷଲାଭ କରି ଜୀବକୁ ସଂଯମତା ପ୍ରଦାନ କରେ । ଉଦାହରଣ ସ୍ୱରୂପ - ଶିଶୁଟିଏ ଜନ୍ମ ହେଉଛି । ତାହାର ସୂକ୍ଷ୍ମକୋଷ କେଉଁଠି, କିପରି ଓ କ'ଣ ଧାରଣ କରି ରହିଛି, ତାହା ସେ ଜାଣିନାହିଁ । ଆମେ ତାକୁ ବାହ୍ୟ ଅଭ୍ୟାସ ଶିକ୍ଷାଗୁଡ଼ିଏ ଦେଉଛେ । ସେ କହୁଛି, କିଛି ଗ୍ରହଣ କରୁଛି । କିଛି ଭୁଲି ଯାଉଛି । ତେଣୁ ପିଣ୍ଡରେ ଉଭୟ **'କୁ'** ଓ **'ସୁ'** ରହୁଛି । ଯେଉଁଟି ସ୍ଥୂଳରେ ଅଭ୍ୟାସ ଦ୍ୱାରା ବଳବତ୍ତର ହେଉଛି, କୋଷରେ ସେହି କ୍ରିୟା ସଞ୍ଚାଳନ ହେଉଛି । ଯଦି ଯୋଗ ସାଧନ ପ୍ରଣାଳୀରେ କଠୋର ପଦକ୍ଷେପ ନେଉଛି, ତେବେ **'କୁ'** ନିଷ୍କ୍ରିୟ ହୋଇଯାଉଛି ଓ **'ସୁ'** ବଳବତ୍ତର ହୋଇ ସକ୍ରିୟ ଅଂଶ ଗ୍ରହଣରେ ସାହାଯ୍ୟ କରୁଛି । ତେଣୁ ଏଠାରେ ଜୀବର ଅଭ୍ୟାସକୁ ଆଧାର କରି ମୁଁ ମୋର ମାୟା ସଞ୍ଚାଳନ କରେ ।

୨୧. ବ୍ରହ୍ମଙ୍କ ୬୫ କଳ୍ପସୂତ୍ରୀ ସୋପାନରେ **'ଉଲଟନାଟ ଭୂମା'** ମଣ୍ଡଳ ଅବସ୍ଥିତ । ଏଠାରେ ମଧ ମୁଁ ଲାଲବର୍ଣ୍ଣର ଜ୍ୟୋତି ନେଇ ଭୂମାଙ୍କ ସହ ଯୁକ୍ତ ହୋଇ ରହିଛି । ଏହି ସୋପାନରେ ନାଦ+ବିନ୍ଦୁ ଯୋଗରେ ବ୍ରହ୍ମାଣ୍ଡର ପିଣ୍ଡପୁରୁଷ ମଣ୍ଡଳ ମଧ୍ୟରେ ବିଚରଣ କରୁଥାଏ । ମହାଶୂନ୍ୟକୁ ଯେଉଁ ଆତ୍ମା **'ଜରାୟୁଜ ବ୍ରହ୍ମଗର୍ଭ'**କୁ ଗତିକରେ ମୁଁ ବ୍ରହ୍ମଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ପଥ ଦେଖାଇ ନିଏ ।

୨୨. **ପିଣ୍ଡପୁରୁଷ ମଣ୍ଡଳର କୁର୍ମୀଜାତ ସଂସ୍କାର ନେଇ ଯେଉଁ ଆତ୍ମା ଜନନୀ ଜଠରରେ ଆସନ୍ତି, ମୁଁ ସେମାନଙ୍କ ଭିତରେ ଛପିକରି ରହିଥାଏ । ମୋ'ରି ମାୟା ପ୍ରଭାବରେ ସେମାନେ କେମ୍ପା, କୁଜା, ଆଜନ୍ମ ଅନ୍ଧ, (ଜନ୍ମାନ୍ଧ), ମୂକ, ବଧିର, ବାମନ, ପୁଂଶକ୍ତି ବିହୀନ, ଅକର୍ମଣ୍ୟ, ପଙ୍ଗୁ, ଦୁଇଗୋଡ଼ସାନ, ହାତସାନ, ମୁଣ୍ଡ ଓ ଉଦର ବଡ଼, ଆଜନ୍ମ ବାତରୋଗୀ ଆଦି ବିକଳାଙ୍ଗ ହୋଇଥା'ନ୍ତି । ଏହି ଆତ୍ମାମାନେ ଜନନୀ ଜଠରକୁ ଆସିବା ପୂର୍ବରୁ 'ଉଲଟ ସୂରୀ ଭୂମା' ମଣ୍ଡଳରେ ରହିଥା'ନ୍ତି ।** ମାତା, ପିତା ସମ୍ଭୋଗ କାଳରେ ଗ୍ରହ, ନକ୍ଷତ୍ର ପ୍ରବାହକୁ ଲକ୍ଷ୍ୟରଖି ମୁଁ ଏହି ଆତ୍ମାମାନଙ୍କୁ ନେଇ ନିର୍ଦ୍ଦିଷ୍ଟ ଜରାୟୁରେ ପହଞ୍ଚାଇ ଦିଏ । ତେଣୁ ଭୂମିଷ୍ଠ ହେବାମାତ୍ରେ ସେମାନେ ବିକଳାଙ୍ଗ ହୋଇଯା'ନ୍ତି । ମୋ' ମାୟା ପ୍ରଭାବରୁ କୌଣସି ଚିକିତ୍ସା ବିଜ୍ଞାନ **ସେମାନଙ୍କୁ ଆରୋଗ୍ୟ କରିପାରେ ନାହିଁ । ମୃତ୍ୟୁ ପର୍ଯ୍ୟନ୍ତ ସେମାନେ ସେହି ଅବସ୍ଥାରେ ରହିବାକୁ ବାଧ ହୁଅନ୍ତି । ବ୍ରହ୍ମଙ୍କ ଆଜ୍ଞାମତେ ସଂସ୍କାରର ସୋପାନ ଦେଇ ସେମାନଙ୍କର ଫଳ ଭୋଗ ହୁଏ । ଫଳଭୋଗ ପରେ ଏମାନେ ପୁନରାୟ ସେହି 'ଉଲଟ ସୂରୀ ଭୂମା'ମଣ୍ଡଳକୁ ଫେରିଯାଆନ୍ତି । ସେଠାରେ ମୁଁ ସେମାନଙ୍କୁ 'ବ୍ରହ୍ମ ବୈବର୍ତ୍ତ ଭୂମା'** ମଣ୍ଡଳକୁ ପଥ ଦେଖାଇଦିଏ ।

୨୩. ଉପରବର୍ଣ୍ଣିତ ଆତ୍ମାମାନେ **'ବ୍ରହ୍ମ ବୈବର୍ତ୍ତ ଭୂମା'** ମଣ୍ଡଳରେ ପହଞ୍ଚିବାପରେ ହରିଦ୍ରାବର୍ଣ୍ଣ ଧାରଣ କରନ୍ତି । ଏଠାରେ ଘୂର୍ଣ୍ଣନ କରି ସାରିବାପରେ ସେମାନଙ୍କର ସୁସଂସ୍କାରର ଭାବ ଅନୁସାରେ ମୁଁ ସେମାନଙ୍କୁ ପୁଣି ଜଠରକୁ ଫେରାଇଦିଏ । ବ୍ରହ୍ମାଣ୍ଡରେ ଏମାନେ ୩ବର୍ଷ ୭ମାସର ଘୂର୍ଣ୍ଣନ କଲାପରେ ପୁନରପି ଜଠରକୁ ଆସନ୍ତି ।

୨୪. ପରମାତ୍ମାଙ୍କଠାରୁ ଅଂଶୀୟ ଆତ୍ମା ଯେତେବେଳେ ବୀଜେନ୍ଦ୍ରିୟ ବୃତ୍ତି ଧାରଣ କରି ନୀଳବର୍ଣ୍ଣ ହୋଇଯାଏ, ସେହି ସମୟରେ ଜୀବାତ୍ମାଭାବରେ ସୂକ୍ଷ୍ମରେ ଥିବା ମୋ' ମାୟାଂଶ ସୂକ୍ଷ୍ମକ୍ରିୟା ସଂଗଠନ କରେ । ଏହି ସୂକ୍ଷ୍ମକାର୍ଯ୍ୟର ଚଳନସୂତ୍ର ଦ୍ୱାରା ଅକଳନ 'ଆତ୍ମା' କ୍ରମ ବିକାଶ ହୋଇ ହରିଦ୍ରାବର୍ଣ୍ଣ ଧାରଣ କରି ପରସ୍ପରକୁ ଗତିପଥ ପ୍ରଦର୍ଶନ କରୁଥା'ନ୍ତି । ମୋହିତ ଦଣ୍ଡ ଚଳନରେ ଏହି ଆତ୍ମା ପ୍ରାରବ୍ଧ କର୍ମ ହିସାବରେ ମୋ' ମାୟାଦ୍ୱାରା ଗ୍ରହ, ନକ୍ଷତ୍ର ଆଦିକୁ ଖଞ୍ଜି ହୋଇଯାଆନ୍ତି ଏବଂ ପିଣ୍ଡପୁରୁଷମଣ୍ଡଳ ଭୋଗଦ୍ୱାରା ସଂସ୍କାରିତ ହୁଅନ୍ତି । ଏହି କାର୍ଯ୍ୟ ମୁଁ **'ଆଶ୍ରାରୀ ଭୂମା'** ମଣ୍ଡଳରେ ରହି ସମ୍ପାଦନ କରେ ।

୨୫. ଜୀବପିଣ୍ଡର ନାଦଗର୍ଦ୍ଦଣ କୋଷର ସମସ୍ତ ସ୍ନାୟୁକୁ ମୁଁ ଆୟତ୍ତରେ ରଖେ । ବ୍ରହ୍ମଙ୍କ ଆଦେଶାନୁଯାୟୀ ସ୍ନାୟୁଚଳନ କ୍ରିୟା ଗୈରୀକ ବର୍ଣ୍ଣରେ ଧରି ରହିଥାଏ । ପିଣ୍ଡ ମଧ୍ୟରେ ଏହା ରକ୍ଷକ ଓ ଭକ୍ଷକ କର୍ମ କରି ଚାଲିଥାଏ । ମୋହ ବୃଦ୍ଧି କରାଉଥାଏ ଏବଂ ଜୀବର ଭାବନେଇ କ୍ଷତିଗ୍ରସ୍ତ କରାଉଥାଏ । ବ୍ରହ୍ମାଣ୍ଡରେ ଏହି ଅବସ୍ଥାରେ ମୋ'ର ବର୍ଣ୍ଣ ଗୈରିକ ଓ ପିଣ୍ଡରେ ଧୂସର ହୋଇଥାଏ । ମୁଁ **'ବର୍ଦ୍ଧନୀଭୂମା'** ମଧ୍ୟରେ ରହି ଏହି କ୍ରିୟା ଏତେ ଗୋପନରେ କରୁଥାଏ ଯେ, ଜୀବ ତାହା ଜାଣିପାରେ ନାହିଁ ।

୨୬. **'ଶୃବନ୍ଧିତା ଭୂମା'** ମଣ୍ଡଳରେ ମୋର ଭୂମିକା ଅତ୍ୟନ୍ତ ଚମତ୍କାର ହୋଇଥାଏ । ଏହି ମଣ୍ଡଳର ଆତ୍ମା ପିଣ୍ଡ ନେଇ ପାପ, ପୁଣ୍ୟ ପ୍ରମାଣରେ ଯୋଗ ହୋଇ ଧୂସରବର୍ଣ୍ଣ ଧାରଣ କରିଥା'ନ୍ତି । ଏମାନେ ମୋର ସୂକ୍ଷ୍ମମାୟା ପ୍ରଭାବରେ ଆତ୍ମା ସହିତ ଯୋଗ ହେଲାପରି ଦିଶୁଥାଆନ୍ତି । କିନ୍ତୁ ବିଚ୍ଛେଦର କାର୍ଯ୍ୟକ୍ରମ କରୁଥାଆନ୍ତି । ସାରୁପତ୍ରରେ ପାଣି ରହିଲା ପରି ପ୍ରତ୍ୟେକଟି ନର୍କରେ ଭାଗ ଓ ଭୋଗ କରୁଥା'ନ୍ତି । ପରବ୍ରହ୍ମଙ୍କ ଇଚ୍ଛାରେ ମୁଁ ଏହି କାର୍ଯ୍ୟ କରୁଥାଏ, କରାଉଥାଏ । ବ୍ରହ୍ମାଦେଶ ମୋ ନିକଟକୁ ଧବଳବର୍ଣ୍ଣର ଜ୍ୟୋତି ସଙ୍କେତ ମାଧ୍ୟମରେ ଆସେ ।

୨୭. ବ୍ରହ୍ମାଣ୍ଡଚକ୍ରରେ କ୍ଷୁଦ୍ରପକ୍ଷୀ ଭଳି ଆକୃତି ଧାରଣ କରି ଲାଲବର୍ଣ୍ଣର ଜ୍ୟୋତିନେଇ **'ରଂତୁବାକ୍ଷ ଭୂମା'**ଙ୍କ ସହ ମୁଁ ରହିଥାଏ । ଏହି ମଣ୍ଡଳର ନିର୍ଦ୍ଦେଶାନୁଯାୟୀ ସୃଷ୍ଟିରେ ଯେତେ ରଙ୍ଗ ଧାରଣ ଶକ୍ତି ଅଛି ସେ ସମସ୍ତ ଏହିଠାରେ ହିଁ ରହୁଥାଏ । ସମସ୍ତ ପିଣ୍ଡରେ ଏହି ମଣ୍ଡଳରୁ ମୋ'ର ମାୟା ଗତିଶୀଳ ହୋଇ ଜୀବ ଐଶ୍ୱର୍ଯ୍ୟରେ ନୂତନ କର୍ମପନ୍ଥାର ଗତିସୂତ୍ର ପରିବର୍ତ୍ତନ କରିଦେଇଥାଏ । ତେଣୁ ସମୟେ ସମୟେ କର୍ମର ଭୋଗ ଅନୁଯାୟୀ ଜୀବ ନିଜର ସ୍ଥିତ ଅବସ୍ଥାକୁ ଫେରିଯାଏ । ଏହି ଅବସ୍ଥା ପରିବର୍ତ୍ତନ ସମୟରେ ମୋର ମାୟାଂଶ ଜୀବ ପିଣ୍ଡରୁ ନାଦଗର୍ଦ୍ଦଣ କୋଷରେ **'ବିଛା'**ର ଆକୃତି ନେଇ ସୂକ୍ଷ୍ମରେ ରହିଥାଏ । ପିଣ୍ଡରେ ତିନିପୁରୁଷ ଭୋଗପରେ ମୋ'ର ଏହି ମାୟା ନୀଳବର୍ଣ୍ଣ ଧାରଣ କରେ ।

କ୍ରମଶଃ....

# ବାଲ୍ୟକାଳରୁ ଧର୍ମଧନ ସଞ୍ଚିବି

ହେ ବିଶ୍ୱ ସମ୍ରାଟ ଭକତ ମୁକୁଟ
ଯୋଗୀ ହୃଦରତ୍ନ ହାର ।
ଘେନାକର ଏହି ଦୀନ ପତିତର
ପ୍ରଣତି ପୁଷ୍ପ ସମ୍ଭାର ।।

ଚାହେଁ ନାହିଁ ମୁକ୍ତି ମୋକ୍ଷ ବା ନିର୍ବାଣ
ହେବିନି ସୃଷ୍ଟିରେ ବନ୍ଦୀ ।
ଫୁଲଟିଏ କରି ରଖିଦିଅ ମୋତେ
ତୁମ ଶ୍ରୀପଦରେ ଛନ୍ଦି ।।

*''ମର୍ତ୍ତ୍ୟମଣ୍ଡଳେ ଦେହବହି । ଦେବତା ହୋଇଲେ ମରଇ ।।''*

*ଏହାହିଁ ଚିରନ୍ତନ । କିନ୍ତୁ ଏହି ମୃତ୍ୟୁ ରୂପକ କାଳ କେଉଁ ମୁହୂର୍ତ୍ତରେ ଆଲିଙ୍ଗନ କରିବାପାଇଁ ହଠାତ୍ ଉପସ୍ଥିତ ହେବ, ତାହା କେହି କହିପାରିବେ ନାହିଁ । ଅନେକ ଚିନ୍ତା କରନ୍ତି, ଅନ୍ତତଃପକ୍ଷେ ପ୍ରୌଢ଼ ବା ବୃଦ୍ଧାବସ୍ଥା ନହେଲେ ଆଧ୍ୟାତ୍ମିକ ପଥରେ ଗତିକରିବା ଉଚିତ ନୁହେଁ । ପରିଣତ ବୟସ ହିଁ ସେ ପଥ ପାଇଁ ପ୍ରଶସ୍ତ ଅଟେ । କିନ୍ତୁ ସେହି ବିଚାରବନ୍ତ ସଦାତ୍ମାମାନଙ୍କୁ ଆମର ପ୍ରଶ୍ନ ଯେ, ପ୍ରୌଢ଼ ବା ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ବଞ୍ଚିରହିବାର ନିଶ୍ଚିତତା ଜାଣିଛନ୍ତି ତ ? ଯଦି ଜାଣିପାରିଥାନ୍ତି ତେବେ ଆମର କିଛି କହିବାର ନାହିଁ । ମାତ୍ର ବୃଦ୍ଧାବସ୍ଥା ଅନେକଦୂର । ଆସନ୍ତା ମୁହୂର୍ତ୍ତରେ କ'ଣ ଘଟିଯିବ, କେବଳ ସେହି କାଳରୂପୀ ବିଶ୍ୱନିୟନ୍ତାଙ୍କ ବ୍ୟତୀତ ଆଉ କେହି କହିପାରିବେ ନାହିଁ । ତେଣୁ ଏପରି କଳ୍ପିତ, ଅବାସ୍ତବ ଚିନ୍ତାରୁ ଦୂରେଇ ରହି ପିଲାମାନଙ୍କୁ ବାଲ୍ୟକାଳରୁ ହିଁ ସତ୍‌ପଥରେ ପରିଚାଳନା କରାଇନିଅନ୍ତୁ । ଏହି ସ୍ତମ୍ଭ ମାଧ୍ୟମରେ ଆମର ଏତିକି କାମନା ମାତ୍ର ।*

**('ଚରମ' : ନବମ ପୁଷ୍ପ : ଷଷ୍ଠ ପାଖୁଡ଼ା : ୪୯ (ଉନପଞ୍ଚାଶ)ତମ ସଂଖ୍ୟା ଅନୁଶ୍ରୁତିରୁ)**

## ବିସ୍ମୟ ଶ୍ରଦ୍ଧାନନ୍ଦ

**ଲୀ**ଳାମୟଙ୍କ ଅପୂର୍ବଲୀଳା ଅନ୍ତର୍ଗତ ମାୟାକୁଣ୍ଡଳୀ ମଧ୍ୟରେ ଆବଦ୍ଧ ଶ୍ରଦ୍ଧାନନ୍ଦ ପରମାର୍ଥ ପଥର ଅନେକଦୂରକୁ ଚାଲିଯାଇଛନ୍ତି । ମୋହିନୀଙ୍କ ଦ୍ୱାରା ସୂକ୍ଷ୍ମରେ ପ୍ରଭାବିତ ପତ୍ନୀ ସୁମତିଙ୍କ ପରାମର୍ଶକ୍ରମେ ବଣଜଙ୍ଗଲଘେରା ପ୍ରାକୃତିକ ପରିବେଶ ତ୍ୟାଗକରି ଶ୍ରଦ୍ଧାନନ୍ଦ ସମ୍ଭ୍ରାନ୍ତ ଜୀବନ ବିତାଇ ଜୀବନର ସ୍ୱାଦୁ ଉପଭୋଗ କରିବା ଲକ୍ଷ୍ୟରେ ଆଜି ସହରବାସିନ୍ଦା ହୋଇଛନ୍ତି । ପିଲାଦିନରୁ ଯେଉଁ ମାଧବଙ୍କ ପାଇଁ କାନ୍ଦି ଉଠୁଥିଲେ, ଆଜି ମନରେ ସେ ମାଧବ ଆଉ ନାହାନ୍ତି । ମାଧବଙ୍କ ସ୍ଥାନରେ ବସିଛନ୍ତି ପତ୍ନୀ ସୁମତି । ସରକାରୀ ଚାକିରୀ କରି ନିଜର ଚଳଣି ସମ୍ପୂର୍ଣ୍ଣ ବଦଳିଯାଇଛି । ମନରେ ଯେଉଁ ବାସନା ଥରେ ପ୍ରବେଶକରେ, ସେହି ବାସନା 'ଚରମ'ରେ ନ ପହଞ୍ଚିବା ପର୍ଯ୍ୟନ୍ତ ସତ୍ୟ ଉପଲବ୍ଧି କରିବା ସମ୍ଭବ ନୁହେଁ । ତେଣୁ ଜଗତପତି ତାଙ୍କ ପ୍ରିୟ ଭକ୍ତକୁ ସେହି ଅବସ୍ଥାକୁ ଯିବାପାଇଁ ସମସ୍ତ ସୁଯୋଗ ସୃଷ୍ଟି କରି ଦେଇଛନ୍ତି । ନିର୍ଦ୍ଧାରିତ ମାସିକ ବେତନ ସାଙ୍ଗକୁ ପ୍ରଚୁର ଅର୍ଥ ଅନୀତି ଉପାୟରେ ହସ୍ତଗତ ହୋଇ ଚାଲିଛି । ତେଣୁ କୋଠାଘର, ଗାଡ଼ି, ଚାକର ଇତ୍ୟାଦି ସମସ୍ତ ସମ୍ଭୋଗବସ୍ତୁ ପୂର୍ଣ୍ଣ ହୋଇଛି । 'ମୋହ'ର ଶେଷ ନାହିଁ । ଲୋଭର ଅନ୍ତନାହିଁ । ଚାହିଦାର ସୀମା ମଧ୍ୟ ନାହିଁ । ତେଣୁ ଯେତେ ପାଇଲେ ମଧ୍ୟ ଅର୍ଥ, ଐଶ୍ୱର୍ଯ୍ୟଭୋଗର କାମନା ଦିନକୁଦିନ ବୃଦ୍ଧିପାଇବାକୁ ଲାଗିଛି । ପର୍ଯ୍ୟାପ୍ତ ଐଶ୍ୱର୍ଯ୍ୟରେ ପଡ଼ି ଶ୍ରଦ୍ଧାନନ୍ଦ ନିଜର ବିବେକକୁ ଜଳାଞ୍ଜଳି ଦେଇ ନିଶାସକ୍ତ ହେବା ସହିତ

ପରଦାରା ଭୋଗରେ ମଧ୍ୟ ହଜିଗଲେ । ସ୍ୱାମୀଙ୍କର ଅନୁରୂପ ଅବସ୍ଥାକୁ ସ୍ୱୀକୃତିଦେଇ ପତ୍ନୀ ସୁମତି ମଧ୍ୟ ସେହିପଥ ଅନୁସରଣ କରି ପରକୀୟାପ୍ରୀତିରେ ବୁଡିଗଲେ । ସୁନାର ସଂସାର ସେମାନଙ୍କ ଅଜାଣତରେ ଚୂନା ହେବାକୁ ଲାଗିଲା । ବିଚରା ପୁଅଟି ପିତା, ମାତାଙ୍କର ଏପରି ଅବସ୍ଥାରେ ନିଜକୁ ଅସହାୟ ମନେକରି ସେ ମଧ୍ୟ ଏକ କଳୁଷିତ ବାତାବରଣଯୁକ୍ତ ପରିସର ମଧ୍ୟରେ ଗତି କରିଗଲା । ଦିନକୁଦିନ ପ୍ରଚୁର ଅର୍ଥର ଆବଶ୍ୟକତା ହେଲା । ଭୋଗ ହିଁ ପରମସୁଖ । ଏହି ଅନିତ୍ୟ ତଥା କ୍ଷଣିକ ନିର୍ଯ୍ୟାସରେ ଶ୍ରଦ୍ଧାନନ୍ଦ ପହଞ୍ଚିଯାଇଥିଲେ ।

ଦିନପରେ ଦିନ ଗଡ଼ିଚାଲିଲା । ଶ୍ରଦ୍ଧାନନ୍ଦଙ୍କ ପତନର ଗତି କ୍ଷିପ୍ରରୁ କ୍ଷିପ୍ରତର ହେଲା । ଭୋଗ୍ୟବସ୍ତୁ 'ଚରମ' ସ୍ପର୍ଶ କଲା । ତଥାପି ମୋହ ଭଙ୍ଗ ହେଲା ନାହିଁ । ବହୁପତ୍ନୀ ଯୁକ୍ତ ହୋଇ ସମାଜରେ କ୍ରମଶଃ ନିଜର ପ୍ରତିଷ୍ଠା ହରାଇବାକୁ ଲାଗିଲେ ।

ଅର୍ଥର ଅଭାବ ଧୀରେ ଧୀରେ ଆରମ୍ଭ ହେଲା । ତେଣୁ ସରକାରୀ ଦପ୍ତରରୁ ଅର୍ଥ ତୋଷରପାତ କରିବାପାଇଁ ମଧ୍ୟ ସେ କୁଣ୍ଠାବୋଧ କଲେ ନାହିଁ । ବହୁପୁରୁଷ ସଂସ୍ପର୍ଶରେ ଆସି ପତ୍ନୀ ସୁମତି ମହାବ୍ୟାଧିଗ୍ରସ୍ତ ହୋଇଗଲେ । ତାଙ୍କର ଚିକିତ୍ସା ପାଇଁ ମଧ୍ୟ ଅନେକ ପରିମାଣର ଅର୍ଥ ଜରୁରୀ ହୋଇଗଲା । କ୍ରମାଗତ ଭାବରେ ଶ୍ରଦ୍ଧାନନ୍ଦ ଅର୍ଥ ତୋଷରପାତ କରିଚାଲିଥାନ୍ତି । ଦିନେ ସନ୍ଧ୍ୟାରେ ଫେରି ଦେଖିଲେ ତାଙ୍କ ପୁଅର ଶରୀର ବହୁତ ଅସୁସ୍ଥ । ମା'ର ଅବସ୍ଥା ଅତି ସଙ୍କଟମୟ । ତେଣୁ ନିଜେ ପୁଅକୁ ନେଇ ଡାକ୍ତରଙ୍କ ପାଖକୁ ଗଲେ । କିନ୍ତୁ ବିଧି ଯେତେବେଳେ କଠୋର ତଥା ନିଷ୍ଠୁର ହୋଇଯିବେ, ସେତେବେଳେ ଆଉ କିଏ ସହାୟ ହେବ ? ସେହିଦିନ ରାତ୍ରିରେ ହିଁ ପୁଅର ଅକାଳ ବିୟୋଗ ହେଲା । ପ୍ରଥମ ଧକ୍କା ଖାଇଲେ ଶ୍ରଦ୍ଧାନନ୍ଦ । ପୁଅର ବିରହରେ ବହୁତ ମ୍ରିୟମାଣ ହୋଇଗଲେ । ଦୈବୀଦାହ ଯେତେବେଳେ ଆସେ, ସେତେବେଳେ କଦାପି ଏକୁଟିଆ ଆସେନାହିଁ । ସରକାରୀ ଦପ୍ତରରୁ ଆତ୍ମସାତ୍ କରିଥିବା ଅର୍ଥ ତନଖି ସମୟରେ ଧରା ପଡ଼ିଗଲା । ତେଣୁ ଚାକିରୀ ଯିବା ସଙ୍ଗେ ସଙ୍ଗେ କାରାଗାର ହାଜତକୁ ଚାଲିଗଲେ । ଏପଟେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ସୁମତିଙ୍କୁ ଜଳଟୋପାଏ ଦେବାକୁ ମଧ୍ୟ କେହି ନାହିଁ ।

କାରାଗାର ହାଜତରେ ବନ୍ଦୀର ଜୀବନ କଟାଉଥିବା ସମୟରେ ଶ୍ରଦ୍ଧାନନ୍ଦଙ୍କର ପୂର୍ବସ୍ମୃତି ଅଙ୍କୁରିତ ହେଲା । ପିଲାଦିନର ସମସ୍ତ ଘଟଣା, କଲ୍ୟାଣମୟୀ ଜନନୀଙ୍କର ମମତାପୂର୍ଣ୍ଣ ଉପଦେଶ ଏବଂ ଗୁରୁଦେବଙ୍କର ଆଶିଷଭରା ନିର୍ଦ୍ଦେଶ ସବୁ ଗୋଟିଗୋଟି କରି ମନେପଡ଼ିଗଲା । ଅନୁତାପ ଅଗ୍ନିରେ ଜଳିଯିବା ସଙ୍ଗେ ସଙ୍ଗେ ଭୋଗର ଅବସ୍ଥାକୁ ଅତି ଗମ୍ଭୀର ଭାବରେ ଚିନ୍ତା କରିବାକୁ ଲାଗିଲେ । ଆତ୍ମସମୀକ୍ଷା ମାଧ୍ୟମରେ ମନ ପୁଣିଥରେ ଟାଣି ହୋଇଗଲା ସେହି ଅନନ୍ତକୋଟି ବ୍ରହ୍ମାଣ୍ଡପିଣ୍ଡ ଲୀଳାମୟ ମାଧବ ଓ ଦେବଦୂତ ଭାବରେ ଉପଦେଶ ଦେଇଥିବା ଗୁରୁଦେବ ବ୍ରହ୍ମଯୋଗୀ ସୁମେଧାନନ୍ଦଙ୍କ ନିକଟକୁ । ମାତା ଓ ପିତାଙ୍କ ପ୍ରତି କରିଥିବା ହେୟଜ୍ଞାନାଦି ଉପସର୍ଗରୁ କ୍ଷରିତ ଅନ୍ତର୍ଦାହରେ ଅଧୀର ହୋଇଗଲେ । ସ୍ମରଣ ଆସିଲା, ଗୁରୁଦେବଙ୍କ ବାଣୀ, ''ତୋ'ର ତ୍ୟାଗରେ ତ୍ୟାଗର ଆବଶ୍ୟକତା ନାହିଁ । ଭୋଗରେ ଅନାସକ୍ତ ଭାବ ଉଦ୍ଭାସିତ କରାଇ ତ୍ୟାଗ ରୂପକ ବସ୍ତ୍ର ଗ୍ରହଣ କରି ଗୃହସ୍ଥାଶ୍ରମ କରିଯା ।'' ''କିନ୍ତୁ କ'ଣ କଲି ମୁଁ ? ଭୋଗରେ ତ୍ୟାଗ କରିବା

ପରିବର୍ତ୍ତେ ଭୋଗକୁ ହିଁ ଯୋଗରେ ରୂପାନ୍ତରିତ କରି ନିଜକୁ ପତନାଭିମୁଖୀ କରାଇଦେଲି ? ଏ ଅପରାଧର କ୍ଷମା କିପରି କାହାକୁ ମାଗିବି ? ପାଖରେ ଆଜି ମା' ବାପା, ଗୁରୁଦେବ, ମାଧବ କେହି ନାହାନ୍ତି । ଅଛି କେବଳ ମୋର କୃତକର୍ମର କର୍ମଫଳ ।'' ବାରମ୍ବାର ଏହିପରି ଅନୁତାପ କରି କାନ୍ଦିବାକୁ ଲାଗିଲେ ।

ଅନ୍ୟ ପକ୍ଷରେ ସୁମତିଙ୍କର ଅବସ୍ଥା ଦେଖି ତାଙ୍କର ଭାଇ ନିଜେ ଆସି ତା'ର ସମସ୍ତ ଦାୟିତ୍ୱ ବହନ କରିଛନ୍ତି ଏବଂ ନିଜ ଘରକୁ ନେଇଯାଇଛନ୍ତି । କାରଣ ସରକାରୀ ଅର୍ଥ ଯେତିକି ଆତ୍ମସାତ୍ କରିଥିଲେ ସେହି ବାବଦକୁ ସହରରେ ଥିବା କୋଠା ମଧ୍ୟ ନିଲାମ ହୋଇଯାଇଛି । ସୁମତି ମଧ୍ୟ ନିଜର ଆତ୍ମଅନୁଶୀଳନ କରି ମର୍ମାହତ ହେଉଛନ୍ତି । ଦେବୋପମ ସ୍ୱାମୀଙ୍କୁ ପଥଭ୍ରଷ୍ଟ କରାଇ ଆଜି ସେ ତାଙ୍କର ଏବଂ ନିଜର ସର୍ବନାଶ କରିଛନ୍ତି । ଭାଇ, ଭାଉଜଙ୍କ ସେବାରେ ଶରୀର ସିନା ଧୀରେ ଧୀରେ ସୁସ୍ଥ ହୋଇ ଆସୁଛି, କିନ୍ତୁ ମନ ଦିନକୁଦିନ ରୋଗଗ୍ରସ୍ତ ହୋଇ ଭାରସାମ୍ୟ ହରାଇ ଦେଉଛି । କାରାଗାରର କୋଠରୀ ମଧ୍ୟରେ ପ୍ରିୟତମ ସ୍ୱାମୀ କେଉଁ ଅବସ୍ଥାରେ ଥିବେ ଚିନ୍ତାକରି ବ୍ୟାକୁଳ ହୋଇଯାଉଛନ୍ତି । ଆଜି ଧନ, ଜନ, ସମ୍ମାନ, ଯୌବନ, ଐଶ୍ୱର୍ଯ୍ୟ ଏବଂ ଗର୍ଭଜାତ ସନ୍ତାନ ସମସ୍ତେ ତ୍ୟାଗ କରିଛନ୍ତି । ଭୋଗର ଅନ୍ତ ହୋଇଛି । କିପରି ଏହି ପାପ କର୍ମଫଳରୁ ମୁକ୍ତି ମିଳିବ, ସେହି ଚିନ୍ତାରେ ଶଯ୍ୟାଶାୟୀ ହୋଇ ସେହି ମାଧବଙ୍କୁ ହିଁ ଅତି ଆକୁଳରେ ଡାକି ଚାଲିଛନ୍ତି ।

କ୍ରମଶଃ...

## ଦିବ୍ୟବାଣୀ

ଏହି ଶରୀର ଗୋଟିଏ ନଦୀ ଅଟେ । ପାଞ୍ଚ ଇନ୍ଦ୍ରିୟ ଏହାର ଜଳ ଅଟନ୍ତି । 'କାମ ଏବଂ ଲୋଭ' ଏ ଦୁହେଁ ମଗର ଭଳି ଏହାମଧ୍ୟରେ ଲୁଚିକରି ରହିଛନ୍ତି । ଜନ୍ମ ଏବଂ ମୃତ୍ୟୁର ଦୁର୍ଗମ ପ୍ରଦେଶରେ ଏହି ନଦୀ ବୋହିଯାଉଛି । ତୁମେ ଧୈର୍ଯ୍ୟ ରୂପକ ନାବରେ ବସ ଏବଂ ଏହାର ଦୁର୍ଗମ ସ୍ଥାନ ଜନ୍ମ ଓ କ୍ଲେସକୁ ପାରି ହୋଇଯାଅ ।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

## ଆମର ଲକ୍ଷ୍ୟ

ଆଧାତ୍ମିକତା ଓ ଧର୍ମ ସମ୍ପର୍କରେ ଆଲୋଚନା ସମାଲୋଚନା ସମୟରେ ମନ ମଧ୍ୟରେ ଅସଂଖ୍ୟ ପ୍ରଶ୍ନ ବାରମ୍ବାର ଉଦୟ ହୁଏ । ଗୋଟିଏ ପ୍ରଶ୍ନର ସମାଧାନ ମାତ୍ରେ ତହିଁରୁ ଅନ୍ୟ ଏକ ନୂତନ ପ୍ରଶ୍ନର ଅଭ୍ୟୁଦୟ ହୁଏ । ଏହା ଏକ ଧାରାବାହିକ ରୀତିରେ ବହୁ ଜିଜ୍ଞାସୁଙ୍କୁ ଅନେକ ସମୟରେ ସତ୍ୟପଥରେ ଆଗେଇ ଯିବା ପାଇଁ ପ୍ରେରଣା ଓ ଶକ୍ତିଦିଏ । ଧର୍ମାଲୋଚନା କାଳରେ ପ୍ରଶ୍ନ ଓ ସମାଧାନ ନୂତନ ଆଲୋକର ସନ୍ଧାନ କେବଳ ଯେ ଦିଏ ତା' ନୁହେଁ, ବରଂସେହି ଦିବ୍ୟ ଆଲୋକରେ ସମୁଚିତ ପଥ ସମୁଜ୍ଜ୍ୱଳ ହୁଏ । ଆମେ ପୂର୍ବରୁ ଚରମ ପୃଷ୍ଠାରେ ସ୍ପଷ୍ଟ ଭାବରେ ପ୍ରକାଶ କରିଅଛୁ, **ଜ୍ଞାନ ହିଁ ସମୁଦାୟ ପ୍ରାଣୀଙ୍କର ଚରମ** ଲକ୍ଷ୍ୟ । ଏହି ଜ୍ଞାନ କେବଳ ସାଧାରଣ ଜ୍ଞାନ ନୁହେଁ, ଏହା ଅସାଧାରଣ, ଅନନ୍ୟ, ଅଚିନ୍ତନୀୟ, ଅକଳ୍ପନୀୟ ଏବଂ ଅନିର୍ବଚନୀୟ । ଏହା ମଧ୍ୟ ଅନନ୍ତ ଅସୀମ ଅବ୍ୟକ୍ତଙ୍କର ଅପରୋକ୍ଷ ଅନୁଭୂତି ପ୍ରସୂତ । ଚିନି ଖାଇଲେ ମିଠା ଲାଗେ । ଚିନି ଖାଇଥିବା ଲୋକ ହିଁ ପ୍ରତ୍ୟକ୍ଷରେ ଏହା ଅନୁଭବ କରେ ଏବଂ ଏହାହିଁ ତା'ର ଅପରୋକ୍ଷ ଅନୁଭୂତି । ଏହା ହିଁ ଜ୍ଞାନ ।

ଏହିପରି ଭାବରେ ପ୍ରତ୍ୟକ୍ଷରେ ଜୀବନନକାଳ ମଧ୍ୟରେ ବହୁତ ଅନୁଭୂତି ଅର୍ଜନ କରାଯାଏ । ସେସବୁ ଜ୍ଞାନ ପର୍ଯ୍ୟାୟବାଚକ । ଯୋଗୀ କଠୋର ଧ୍ୟାନ ଓ ତପ ଆଚରଣ ଫଳରେ ସମାଧି ଅବସ୍ଥା ଲାଭ କରେ । ସମାଧି ସମ୍ପର୍କରେ ପ୍ରତ୍ୟକ୍ଷରେ ଅନୁଭୂତି ଅର୍ଜନ କରି ସେ ସମାଧି ବିଷୟରେ ଜ୍ଞାନଲାଭ କରେ । ଯେଉଁ ବ୍ୟକ୍ତି ଧ୍ୟାନ କରୁଛି, ମାତ୍ର ସମାଧି ଅବସ୍ଥା ପ୍ରାପ୍ତହୋଇନାହିଁ, ମାତ୍ର ସିଦ୍ଧଯୋଗୀଙ୍କ ମୁଖରୁ ବା ତାଙ୍କ ରଚିତ ଗ୍ରନ୍ଥରୁ ଜ୍ଞାନ ଲାଭ କରୁଛି, ତାହା ପ୍ରତ୍ୟକ୍ଷ ଜ୍ଞାନ ନୁହେଁ । କାରଣ ସେ ସମାଧି ଅବସ୍ଥା ପ୍ରାପ୍ତହୋଇ ଅପରୋକ୍ଷ ଅନୁଭୂତି ଲାଭ କରିନାହିଁ । ଅନ୍ୟଠାରୁ ଶୁଣି ବା ଗ୍ରନ୍ଥ ପାଠକରି ଅନେକେ ନିଜନିଜକୁ ଜ୍ଞାନୀ ମନେକରି ଅନ୍ୟମାନଙ୍କ ସମକ୍ଷରେ ତତ୍ତ୍ୱଜ୍ଞାନର ଗଭୀର ଆଲୋଚନା କରନ୍ତି, କରୁଛନ୍ତି । ଶ୍ରୋତାମାନେ ତାଙ୍କୁ ପରମଜ୍ଞାନୀ ବୋଲି ମନେ କରୁଛନ୍ତି । ଭଲକଥା । ମାତ୍ର ଏଠାରେ ଆମର ଆଲୋଚ୍ୟ ଜ୍ଞାନ କେବଳ ପ୍ରତ୍ୟକ୍ଷ ଅନୁଭୂତି ଅର୍ଜିତ ଜ୍ଞାନ । ଜଣେ ବନ୍ଧ୍ୟା ପ୍ରସବ କାଳର ବେଦନା ସମ୍ପର୍କରେ ଯେଉଁ ତଥ୍ୟ ଦେବ, ତାହା ତା'ର ପ୍ରତ୍ୟକ୍ଷ ଅନୁଭୂତି ସମ୍ପନ୍ନ ଜ୍ଞାନ ହୋଇ ନପାରେ । କାରଣ ସେ ବନ୍ଧ୍ୟା । ଗର୍ଭଧାରଣ କରିବାର କ୍ଷମତା ତା'ର ନାହିଁ, ତେଣୁ ସେ ପୁଣି ସନ୍ତାନପ୍ରସବ କରିବ କିପରି ? ସନ୍ତାନ ପ୍ରସବ କରି ନଥିବା ନାରୀ ପ୍ରସବ ବେଦନା ଅନୁଭବ ବା କରିବ କିପରି ? ପ୍ରତ୍ୟକ୍ଷରେ ଅନୁଭବ କରିନଥିବାରୁ ତା'ର ଜ୍ଞାନ ନିଶ୍ଚିତ ଭାବରେ ପରୋକ୍ଷ ଜ୍ଞାନ । ସେ ଅନ୍ୟ କାହାଠାରୁ ପ୍ରସବ କାଳର ବେଦନା ସମ୍ପର୍କରେ ନିଶ୍ଚୟ ଶୁଣିଛି ବା କୌଣସି ପୋଥିରୁ ତାହା ପଢ଼ିଛି ।

ଆମେ ଏଠାରେ ଜ୍ଞାନର ସଂଜ୍ଞା ସମ୍ପର୍କରେ ଯାହା ପ୍ରକ୍ଷେପ କରୁଛୁଁ, ତହା ହୁଏତ ଅନେକଙ୍କୁ ବିସ୍ମିତ କରିପାରେ, ମାତ୍ର ଏହା ନିରାଟ ସତ୍ୟକଥା । ଦିବ୍ୟଜ୍ଞାନ ଦିବ୍ୟ ଅନୁଭୂତି ପ୍ରସୂତ । ଦିବ୍ୟ ଅନୁଭୂତି ସର୍ବଦା ଓ ସର୍ବଥା ଦିବ୍ୟପୁରୁଷ ପରମପ୍ରେମମୟ ଠାକୁରଙ୍କର କରୁଣା ଓ କଲ୍ୟାଣ ଫଳରେ ହିଁ ଲାଭ କରାଯାଇପାରେ । ପୁରୁଷାର୍ଥ ଦ୍ୱାରା ବା ଇଚ୍ଛାକରି କେହି ଦିବ୍ୟ ଅନୁଭୂତି ଲାଭ କରିବା ସମ୍ଭବପର ନୁହେଁ । ଜଗନ୍ନାଥ ଦାସଙ୍କ ରଚିତ ଭାଗବତର ପଦଟିଏ ସ୍ମରଣ କରନ୍ତୁ ଓ ତା'ର ମାର୍ମିକ ଅର୍ଥ ଆପଣମାନେ ଆପଣାଚେଷ୍ଟାରୁ ବୁଝିବାକୁ ଚେଷ୍ଟାକରନ୍ତୁ । ଫଳରେ ଆପଣଙ୍କ ମନକୋଣରେ ଉଦୟ ହେଉଥିବା ବହୁ ପ୍ରଶ୍ନର ମେଘମାଳା ସ୍ୱତଃ ଅପସାରିତ ହୋଇଯିବ ।

'ମୁଁ ଯା'କୁ ହୁଅଇ ସଦୟ ।
ଜ୍ଞାନ ତା' ହୃଦୟୁ ଉଦୟ ।।' - ଶ୍ରୀମଦ୍‌ଭାଗବତ । (ଜଗନ୍ନାଥ ଦାସ) ।

ଏତାଦୃଶ ଭଗବଦ୍ ଅନୁଭୂତି ଏବଂ ଭଗବଦ୍ କୃପାରୁ ଦିବ୍ୟଜ୍ଞାନ ପ୍ରତ୍ୟକ୍ଷଭାବରେ ଲାଭ କରିବା ହିଁ ଆମ ପ୍ରତ୍ୟେକଙ୍କର ଚରମ ଲକ୍ଷ୍ୟ । ଏହା ସତ୍ତ୍ୱେ ବହୁବାର ଅନେକ ଲୋକଙ୍କଠାରୁ ସେହି ଏକହିଁ ପ୍ରଶ୍ନ ଶୁଣିବାକୁ ମିଳୁଛି - ଆମର ଚରମ ଲକ୍ଷ୍ୟ ପ୍ରକୃତରେ କ'ଣ ? ଆଜିକାଲି ପ୍ରାୟ କୁହାଯାଉଛି ଯେ, ମଣିଷ ଅନନ୍ତ ଉନ୍ନତି ପଥରେ କ୍ରମାଗତ ଚାଲିଛି । କ୍ରମଶଃ ଆଗକୁ ଆଗକୁ ଅଗ୍ରସର ହେଉଛି । କିନ୍ତୁ ତା'ର ଲାଭ କରିବା ପାଇଁ କୌଣସି ଚରମ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଭାବରେ ନହିଁ । ଏହି କ୍ରମାଗତ ଅଗ୍ରସର ହୋଇ ନିକଟବର୍ତ୍ତୀ ହେବା ଅଥଚ୍ କେବେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚି ନପାରିବା - ଏହାର ପ୍ରକୃତ ଅର୍ଥ ଯାହାବି ହେଉନା କାହିଁକି, ଆଉ ଏହି ତତ୍ତ୍ୱ ଯେତେ ଅଦ୍ଭୁତ ମଧ୍ୟ ହେଉ, ଏହା ଯେ ଅସମ୍ଭବ, ତାହା ଅତି ସହଜରେ ବୋଧଗମ୍ୟ ହୁଏ । ସରଳରେଖାରେ କ'ଣ କେବେ ବି କୌଣସି ପ୍ରକାର ଗତି ହୋଇପାରେ ? ଗୋଟିଏ ନିର୍ଦ୍ଦିଷ୍ଟ ସରଳରେଖାକୁ ଅନନ୍ତକାଳ ପର୍ଯ୍ୟନ୍ତ ପ୍ରସାରିତ କଲେ ଶେଷରେ ତାହା ଗୋଟିଏ ବୃତ୍ତରେ ପରିଣତ ହୁଏ, ପରିଣତ ହେବ ହିଁ ହେବ । ତାହା ଯେଉଁଠାରୁ ଆରମ୍ଭ ହୋଇଛି, ସେଠାକୁ ପୁଣି ଫେରିଯିବ । ଯେଉଁ ବିନ୍ଦୁରୁ ସରଳରେଖା ଆରମ୍ଭ ହୋଇଛି, ସେହି ବିନ୍ଦୁରେ ହିଁ ଅବଶ୍ୟ ଶେଷ ହେବ । ବିଚାର କରି ଆପଣମାନେ ପ୍ରତ୍ୟେକ ଦେଖନ୍ତୁ-ଈଶ୍ୱରଙ୍କ ଠାରୁ ଯେତେବେଳେ ଆମ ସମସ୍ତଙ୍କର ଆରମ୍ଭ, ସେତେବେଳେ ଆମ ସମସ୍ତଙ୍କୁ ଦିନେନା ଦିନେ ସେହି ଈଶ୍ୱରଙ୍କ ପାଖକୁ ବାହୁଡ଼ିବାକୁ ହେବ । ତେବେ ଏହି ଯାତ୍ରା ପଥରେ ମଝିରେ ଅଧିକ କ'ଣ ଆଉ କରିବାକୁ ଥାଏ ? କ'ଣ କରିବାକୁ ହୁଏ ? ଯେଉଁ ଉତ୍ସରୁ ଆମେ ବାହାରି ଏଠାକୁ ଆସି ଯାଇଛୁ, ପୁଣି ସେହି ଉତ୍ସଠାରେ ପହଞ୍ଚିବା ପାଇଁ ଉପଯୋଗୀ କାର୍ଯ୍ୟ ସବୁ ଟିକିନିଖି କରିବାକୁ ହୁଏ । ଅନନ୍ତକାଳ ଧରି ତାହା କରିବାକୁ ହୁଏ, ଆମ ଯାତ୍ରା ପଥର ବୃତ୍ତ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଆମ ପ୍ରତ୍ୟେକଙ୍କୁ ତାହା କରିବାକୁ ହୁଏ, ଅବଶ୍ୟ କରିବାକୁ ହେବ । ତାହା କରିବା ପାଇଁ ଆମେ ପ୍ରତ୍ୟେକ ବାଧ୍ୟ । ଆଜି ଏ ଜନ୍ମରେ ଯିଏ ତାହା କରିନାହିଁ ବା କରୁନାହିଁ, ପରବର୍ତ୍ତୀ ଜନ୍ମଜନ୍ମାନ୍ତର ଧରି ସେ ତାହା ଅବଶ୍ୟ କରିବ, କରିବାକୁ ବାଧ୍ୟ ହିଁ ହେବ ।

ଆଉ ଗୋଟିଏ ପ୍ରଶ୍ନ ହେଉଛି - ଆମେ ଉନ୍ନତି ପଥରେ ଅଗ୍ରସର ହେଉହେଉ ଧର୍ମର ନୂଆ ନୂଆ ସତ୍ୟ କ'ଣ ଆବିଷ୍କାର କରିବା ନାହିଁ ? ଏହାର ଉତ୍ତର ହିଁ ମଧ୍ୟ, ନା ମଧ୍ୟ । ପ୍ରଥମେ ବୁଝିବାକୁ ହେବ ଯେ,

ଧର୍ମ ବିଷୟରେ ଅଧିକ ଆଉକିଛି ଜାଣିବାର ନାହିଁ । ସବୁ କିଛି ଜଣା ହୋଇଯାଇଛି । ତୁମେ ଶୁଣିଥିବ, ପୃଥିବୀର ସବୁ ଧର୍ମାବଲମ୍ବୀ କହିଥାନ୍ତି - ଆମ ସମସ୍ତଙ୍କ ଭିତରେ ଗୋଟିଏ ଏକତ୍ୱ ବିଦ୍ୟମାନ । ଈଶ୍ୱରଙ୍କର ସହିତ ଯେତେବେଳେ ସମସ୍ତଙ୍କର ଏକତ୍ୱ ପୂର୍ବରୁ ହିଁ ହୋଇରହିଛି, ସେତେବେଳେ ସେହି ଅର୍ଥରେ ଆଉ ଅଧିକ ଉନ୍ନତି ହୋଇପାରେ ନାହିଁ । ଦିବ୍ୟଜ୍ଞାନର ପ୍ରକୃତ ଅର୍ଥ ହେଉଛି, ଏହି ଏକତ୍ୱର କେବଳମାତ୍ର ଆବିଷ୍କାର । ଯେଉଁ ମନୁଷ୍ୟ ଠାରେଏହି ଦିବ୍ୟଜ୍ଞାନ (ବା ଯେଉଁ ମନୁଷ୍ୟ ଈଶ୍ୱରଙ୍କ ସହିତ ଏକତ୍ୱ ହୋଇ ରହିଥିବା ସମ୍ପର୍କରେ ଅପରୋକ୍ଷ ଅନୁଭୂତି ଲାଭ କରିଅଛି ) ପ୍ରଭୁ ଦେଖନ୍ତି, ତା'ଠାରେ ସେ ପରମ ସନ୍ତୋଷ ଲାଭ କରି ତା'କୁ କୋଳେଇ ନିଅନ୍ତି ।

'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ।
ଦେଖି ସନ୍ତୋଷ ଭଗବାନ ॥' - ଶ୍ରୀମଦ୍ ଭାଗବତ । (ଜଗନ୍ନାଥ ଦାସ)

ଆମେ ପରସ୍ପରକୁ ନରନାରୀ, ପୁରୁଷ ସ୍ତ୍ରୀ, ଯୁବକ ଯୁବତୀ, ବାଳକ ବାଳିକା, ବୃଦ୍ଧ ବୃଦ୍ଧା, ଉଚ୍ଚ ନୀଚ, ବ୍ରାହ୍ମଣ ଚଣ୍ଡାଳ, ଧନୀ ଗରୀବ ଇତ୍ୟାଦି ବହୁ ରୂପରେ ବହୁ ଭାବରେ ବହୁ ଭାଷାରେ ପୃଥକ ଦେଖୁଅଛୁ । ସତ୍ୟ ନୁହେଁ କି ? ଏହି ଦୃଷ୍ଟି ହିଁ ବହୁତ୍ୱ । ଯେତେବେଳେ ଆମେ ସେହି ଦୁଇଟି ପରସ୍ପର ବିପରୀତ ଭାବକୁ ଏକତ୍ର କରି ଦେଖିବା, ଦେଖିପାରିବା ଏବଂ ପରସ୍ପରକୁ କେବଳ ମାନବଜାତି ବୋଲି ଅଭିହିତ କରିବା, ସେତେବେଳେ ତାହା ହିଁ ହେବ ଦିବ୍ୟଜ୍ଞାନ । ଠାକୁରେ ପରା କହିଛନ୍ତି -

''ଏକତ୍ର ହୁଅ ହେ ନରନାରୀ ।
ମାୟା ପଥରୁ ଯିବରେ ତରି ॥'' - (ଅଧର ପୀୟୁଷ)

ଏହି ଦିବ୍ୟବାଣୀର ଦିବ୍ୟ ଅର୍ଥ କ'ଣ ଏପର୍ଯ୍ୟନ୍ତ ଆମ ମଧ୍ୟରୁ କେତେଜଣ ଉପଲବ୍ଧି କଲେଣି ? କେତେଜଣ ମାୟାପଥରୁ ତରି ଯାଇପାରିଲେଣି ? ଅନ୍ଧକାର ମଧ୍ୟରେ ଯେଉଁ ଦିବ୍ୟପୁରୁଷ ଆମକୁ ଆଲୋକର ସନ୍ଧାନ ଦେଉଛନ୍ତି, ତାଙ୍କ ପଟକୁ ଓ ସେ ଆଲୋକ ଆଡ଼କୁ ପଛ କରି ଛିଡ଼ା ହୋଇ ଆଖି ବନ୍ଦ କରି ଆମେ କେବଳ ଅନ୍ଧକାର, ଅନ୍ଧକାର ବୋଲି ବୃଥାରେ ଚିତ୍କାର କରୁଛୁ ସିନା ! ନିଷ୍ଫଳ ଚିତ୍କାର । ଆଉ ସବୁଠି କଣ୍ଠ ଫଟାଇ ଗାଇବୁଲୁଛୁ - ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି । ମାତ୍ର ପ୍ରକୃତରେ ଲକ୍ଷ୍ୟ ଉପରେ ଆମ ମଧ୍ୟରୁ କେତେଜଣଙ୍କର ଲକ୍ଷ୍ୟ ରହିଛି । ଲକ୍ଷ୍ୟଭ୍ରଷ୍ଟ, ପଥଭ୍ରଷ୍ଟ, ଅତୋଭ୍ରଷ୍ଟଃ, ତତୋ ନଷ୍ଟଃ । ନିଜକୁ ନିଜେ ପ୍ରଶ୍ନକରି ନିଜ ଭିତରୁ ଉତ୍ତର ଖୋଜିବାକୁ ହେବ । ଆମେ କ'ଣ ସତରେ ଚରମ ପ୍ରାପ୍ତି ଚାହୁଁ । ଯଦି ହଁ, ତେବେ କାହିଁକି ଲକ୍ଷ୍ୟପଥରେ ନିଜକୁ ନଚଳାଇ ବିପରୀତ ଦିଗରେ ଅଗେଇ ଚାଲିଛୁଁ ? ଅବଶ୍ୟ ବିପରୀତ ଦିଗରେ ଆଗେଇ ଚାଲିଲେ ବି ଗୋଟିଏ ଜନ୍ମରେ ନହେଲେ କୋଟିଏ ଜନ୍ମଜନ୍ମାନ୍ତର ପରେ ଦିନେ ଅବଶ୍ୟ ଉତ୍ସବିନ୍ଦୁରେ ବୃତ୍ତ ନ୍ୟାୟରେ ସମସ୍ତେ ପହଞ୍ଚିବାକୁ ବାଧ୍ୟ । ଏହାହିଁ ଚରମ ସତ୍ୟ । ଏହାହିଁ ଚରମ ତତ୍ତ୍ୱ ।

ଜ୍ଞାତରୁ ଅଜ୍ଞାତକୁ ଆଗେଇବାକୁ ହେବ । ରସାୟନ ଶାସ୍ତ୍ର (କେମିଷ୍ଟ୍ରି)ର କଥାକୁ ଉଦାହରଣ ସ୍ୱରୂପ ନିଆଯାଉ । ଜଣେ ରାସାୟନବିଦ୍ ସବୁ ପ୍ରକାର ଜ୍ଞାତବସ୍ତୁକୁ ସେଗୁଡ଼ିକର ମୂଳ ଉପାଦାନରେ ପରିଣତ

କରିବାର ଚେଷ୍ଟା କରନ୍ତି । ଆଉ ଯଦି ସମ୍ଭବ ହୁଏ, ତେବେ ଗୋଟିଏ ଉପାଦାନରୁ ଯେ ସେସବୁଗୁଡ଼ିକ ଉତ୍ପନ୍ନ ହୋଇଛି, ତା' ମଧ୍ୟ ବାହାର କରିବାକୁ ସେ ଚେଷ୍ଟା କରିପାରନ୍ତି । ଏପରି ଗୋଟିଏ ସମୟ ଆସିପାରେ ଯେତେବେଳେ ସେ ସବୁ ଧାତୁର ମୂଳ କେବଳ ଗୋଟିଏ ମାତ୍ର ମୌଳିକ ବସ୍ତୁ ଆବିଷ୍କାର କରିପାରିବେ । ଯଦି କେବେ ସେ ତାହା ଆବିଷ୍କାର କରନ୍ତି, ତେବେ ସେଠାରୁ ସେ ଆଉ ଆଗେଇ ପାରିବେ ନାହିଁ । ସେଇଠି ତାଙ୍କର ବିଦ୍ୟା ଶେଷ ହୋଇଯିବ । ଧର୍ମ ଓ ଆଧାତ୍ମିକ ବିଜ୍ଞାନ ସମ୍ପର୍କରେ ମଧ୍ୟ ସେହି ଗୋଟିଏ କଥା, ସେହି ଗୋଟିଏ ନିୟମ । ଯଦି ଆମେ ପୂର୍ଣ୍ଣଏକତ୍ୱ (ଠାକୁର)ଙ୍କୁ ଆବିଷ୍କାର କରି ଚିହ୍ନି ପାରିବା, ତେବେ ସେଇଠି ଆମେ ଆମର ଚରମ ଲକ୍ଷ୍ୟ ପାଇଯିବା ଓ ତା'ପରେ ଆଉ ଆଗେଇ ଯାଇ ପାରିବା ନାହିଁ । ଦେଖ, ସ୍ଥୂଳକୁ ଦେଖି ମୂଳକୁ ଖୋଜ । ଖୋଜ ସୂକ୍ଷ୍ମକୁ ଓ ତା'ପରେ କାରଣକୁ । ବିଚାରି ଦେଖ - ଏ ହାତ, ଗୋଡ଼, ଆଖି, କାନ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଇତ୍ୟାଦି ଯାହାସବୁ ସ୍ଥୂଳ ଓ ଜ୍ଞାତ ତାହା ତୁମେ ନୁହଁ । ତେବେ ତୁମେ କିଏ ? ପ୍ରତ୍ୟକ୍ଷରେ ଅନୁଭବ କରିବାକୁ ସାଧନାକର, ସାଧନରେ ଆଗେଇ ଅପରୋକ୍ଷ ଅନୁଭୂତି ଲାଭକର । ତୁମେ ନିଶ୍ଚୟ ଏ ପ୍ରଶ୍ନର ଉତ୍ତର ପାଇଯିବ । ନିଜକୁ ନିଜେ ଚିହ୍ନିପାରିବ । ନିଜକୁ ଚିହ୍ନିଯିବାପରେ ଠିକ୍ ଏହି ସୂତ୍ରଧରି ଠାକୁରଙ୍କୁ ମଧ୍ୟ ଚିହ୍ନିପାରିବ -ଠାକୁରେ କିଏ ? ଏଇଠି ହିଁ ପୂର୍ଣ୍ଣ ଜ୍ଞାନୋଦୟ ହେବ । ଚରମ ପ୍ରାପ୍ତି ହେବା ଏହା କେବଳ କଥାର କଥା ନୁହେଁ । ଶାସ୍ତ୍ର ପଠନ ନୁହେଁ । ଏହା କଠୋର ସାଧନାପ୍ରସୂତ ସମ୍ପୂର୍ଣ୍ଣ ଆତ୍ମନିବେଦନ । ସମ୍ପୂର୍ଣ୍ଣ ଆତ୍ମସମର୍ପଣ । ଏହି ଅପେକ୍ଷାରେ ଚରମପୁରୁଷ ଅପେକ୍ଷମାଣ । ସେହି ବିନ୍ଦୁରେ ମିଳିତ ହେବା ହିଁ ଆମର ଲକ୍ଷ୍ୟ ।

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

## ଦିବ୍ୟବାଣୀ

ଶ୍ରଦ୍ଧାଳୁ ତଥା ଦିବ୍ୟଗୁଣ ସମ୍ପନ୍ନ ମନୁଷ୍ୟ ଅନ୍ୟଲୋକର ଦୋଷ ଦେଖିବା ଛାଡ଼ି ସର୍ବଦା ଅନ୍ୟମାନଙ୍କର ହିତ ଇଚ୍ଛା କରନ୍ତି । ଯେଉଁ ପାପୀ ନିଜ ଦୋଷକୁ ଆଖିବୁଜି ଦେଖେ ଏବଂ ଅନ୍ୟର ଦୋଷକୁ କନା ମଧ୍ୟରେ ଥିବା ଛିଦ୍ରପରି ଅଧିକାଧିକ ବଢ଼ାଏ, ସେ ମରିବା ପରେ ନଷ୍ଟ ହୋଇଯାଏ ଓ ପରଲୋକରେ ସୁଖ ପାଏନାହିଁ ।

# ଜିଜ୍ଞାସା : ଜିଜ୍ଞାସୁ

*ଯାହାର ପିପାସା ନାହିଁ ତାହାର ଜିଜ୍ଞାସା ନାହିଁ । ଯାହାର ଜିଜ୍ଞାସା ନାହିଁ, ତାହାର ଉତ୍ତରୋତ୍ତର ଆସ୍ୱରଣର ଆବଶ୍ୟକତା ନାହିଁ । ତେଣୁ ସାରାଜୀବନ ସେ ଏକ ବଦ୍ଧଜୀବର ସଂଜ୍ଞା ବହନ କରି ଚାଲିଯାଏ । ଯାହାର ଜିଜ୍ଞାସା ଅଛି, ତା'ର ଆତ୍ମାନୁଭବ କରିବାର ସାମର୍ଥ୍ୟ ଅଛିବୋଲି ବିଚାର କରିବାକୁ ହେବ । ସେହି ମର୍ମରେ 'ଚରମ' ର ଏହି ସ୍ତମ୍ଭ 'ଜିଜ୍ଞାସା:ଜିଜ୍ଞାସୁ' । ଅନେକ ଅନାଲୋଚିତ, ଅପ୍ରକାଶ୍ୟ, ସୂକ୍ଷ୍ମାତିସୂକ୍ଷ୍ମ ଅତି ଜଟିଳ ସମସ୍ୟାର ସରଳ ସମାଧାନ ହିଁ ଏହି ସ୍ତମ୍ଭର ଉଦ୍ଦେଶ୍ୟ । ଆଉ ଭକ୍ତର ଆତୁର ଅସମାହିତ ପ୍ରଶ୍ନର ସମାଧାନ କରିବା ସହ ପ୍ରେମମୟ ଗୁରୁସ୍ୱାମୀ ଜୀବନଦର୍ଶନର ଶୈଳୀ ଧାରାବାହିକ ଭାବରେ ଅନାବରଣ କରିଚାଲିଛନ୍ତି । ଏହା ହିଁ କୈବଲ୍ୟ-ଅମୃତ । ଏହାକୁ ପାନକରି ଜନ୍ମ, ଜୀବନ ସାର୍ଥକ ହେଉ । ଏତିକି ଆମର ଇଚ୍ଛା ।*

ଜିଜ୍ଞାସୁ : ପ୍ରଭୁ ! ଆମେ ଶୁଣିଛୁ - ''ଦଣ୍ଡିବା ଶକ୍ତି ଯା'ର ଥାଇ ।
ସେ ପୁଣି କ୍ଷମା ଆଚରଇ ।''

ଏହି ଦଣ୍ଡ, ଶକ୍ତି, ବ୍ୟକ୍ତି ଓ କ୍ଷମା ଆଚରଣ ସମ୍ପର୍କରେ ଆମକୁ ବୁଝାଇ ଦିଅନ୍ତୁ ।

ଠାକୁର : ଦଣ୍ଡ - କର୍ମ ଓ ତାର ଗୃହୀତ ଫଳ ।

ଶକ୍ତି - କ୍ଷମତା । ଯେଉଁ ତତ୍ତ୍ୱବଳରେ କର୍ମରୁ ପର୍ଯ୍ୟାୟକ୍ରମେ ଫଳ ଉତ୍ପନ୍ନ ହୁଏ, ତାହାର ନାମ 'ଶକ୍ତି' ।

ବ୍ୟକ୍ତି - ବଳୟଯୁକ୍ତ ଆତ୍ମାର ବ୍ୟକ୍ତି ଭାବରେ ଯେଉଁ ସ୍ୱରୂପ ପ୍ରକାଶ ପାଏ ବା ହୁଏ, ତାହାକୁ 'ବ୍ୟକ୍ତି' ବୋଲି ବୁଝ ।

କ୍ଷମା ଆଚରଣ - କୌଣସି ବିଷୟ ଓ ତା'ର ଫଳ ଉପରେ ହସ୍ତକ୍ଷେପ ନ କରିବା ତତ୍ତ୍ୱର ନାମ 'କ୍ଷମା' । କର୍ମର ଫଳ କ୍ଷମା ଦ୍ୱାରା ନାଶ ହୁଏ ନାହିଁ । ଏଣୁ 'କ୍ଷମା' କୌଣସି ବ୍ୟକ୍ତିତ୍ୱର ସ୍ୱାଧୀନତା ନୁହେଁ । ନିଜର ବିଷୟ ଓ ଫଳ ଉପରେ ନିଜର କ୍ଷମତା ପ୍ରୟୋଗ ନ କରିବା ହେଉଛି 'କ୍ଷମା' ।

ଜିଜ୍ଞାସୁ : ଦୋଷ ପାଇଁ କ୍ଷମା ମାଗିବା ବା ଦଣ୍ଡମାଗିବା ଉଚିତ୍ ?

ଠାକୁର : ଦୋଷାଦୋଷ ଉପରେ କ୍ଷମତା ପ୍ରୟୋଗ ନ କରିବା ହେତୁ କ୍ଷମା, ଦୋଷୀକୁ କର୍ମ ଓ ତା'ର ଫଳକୁ ଗ୍ରହଣ ନ କରିବା ହେତୁ ଦୋଷୀ ଆପେ ଦଣ୍ଡ ପାଇଥାଏ । କାହିଁକି ନା କର୍ମର ଫଳ ନିଶ୍ଚୟ ଫଳିବ । ଯାହା ପାଇଁ ଫଳ ଗୃହୀତ ହୋଇ ରହିଅଛି, ସେହି ବିଷୟ ଉପରେ ବା ସେହି କର୍ମ ଉପରେ ଆଉ ଗୋଟିଏ ଫଳ ଲାଗୁ ହୋଇପାରିବ ନାହିଁ । ଆମ୍ବ ଗଛରେ ଆମ୍ବ, ନଡ଼ିଆ ଗଛରେ ନଡ଼ିଆ ହିଁ ଫଳିଥାଏ ।

ଜିଜ୍ଞାସୁ : ତା'ହେଲେ କ୍ଷମା ମାଗିବା କ'ଣ ଉଚିତ୍ ନୁହେଁ ?

ଠାକୁର : କ୍ଷମା ଫଳ ରୂପରେ ଗୃହୀତ । ଯେଉଁ ଫଳ ପ୍ରାପ୍ତି ହେଉଛି, ସେହି ପ୍ରାପ୍ତିର ମୂଳରେ କ୍ଷମା ଅଛି । କ୍ଷମା ମାଗିବାର କଥା ଉଠିବାର ପ୍ରୟୋଜନ କ'ଣ ? ଫଳ ଭୋଗ ଶେଷରେ କ୍ଷମା ମିଳିଥାଏ । ଅର୍ଥାତ୍ 'କ୍ଷମା' ଫଳଭୋଗ ପରେ ଆଉ ଗୋଟିଏ ଫଳ ଗୃହୀତ କରିଛନ୍ତି ।

ଜିଜ୍ଞାସୁ : ଦଣ୍ଡର ଫଳ ଭୋଗପରେ ଆହୁରି ପୁଣି ଦଣ୍ଡର ଫଳ ଭୋଗ କରିବାକୁ ପଡ଼ିବ ?

ଠାକୁର : ଅଙ୍ଗେ ଲିଭାଉଛ ପରା ! ଜାଣିପାରୁ ନାହଁ ?

ଜିଜ୍ଞାସୁ : କିପରି ? ଅନୁଗ୍ରହ କରି ଉଦାହରଣ ଦିଅନ୍ତୁ ।

ଠାକୁର : ଧରି ନିଅ କଣ୍ଟା ବଣକୁ ଯାଇ ତୁମ ପାଦରେ କଣ୍ଟା ଫୁଟିଗଲା । ଯନ୍ତ୍ରଣା ହେଲା । କଣ୍ଟା କଢ଼ାଗଲା । କ୍ଷତସ୍ଥାନ ଦରଜ ହେଲା । କଷ୍ଟ ଭୋଗିଲ । ଔଷଧ ଲାଗିଲା । ଦରଜ କମିଲା ଓ ଯନ୍ତ୍ରଣାରୁ ମୁକ୍ତ ହେଲ । ମୁକ୍ତି ପରେ ସେ ଯନ୍ତ୍ରଣା ଅନୁଭବ କରୁଛ ନା କରିବ ? ନା ଆଉ କିଛି ଭିନ୍ନ ଫଳ ତତ୍କ୍ଷ ମିଳିବ ?

ଜିଜ୍ଞାସୁ : ନା, ଆଜ୍ଞା ! ଯନ୍ତ୍ରଣା ପରେ ଶାନ୍ତି ମିଳେ ।

ଠାକୁର : ଶାନ୍ତି କ'ଣ ଫଳ ଭୋଗ କରାଏ, ଜାଣିଛ ?

ଜିଜ୍ଞାସୁ : ଶାନ୍ତି ?

ଠାକୁର : ହଁ ।

ଜିଜ୍ଞାସୁ : ଶାନ୍ତି ହେଉଛି ଫଳଭୋଗର ଏକ ଅବସ୍ଥା । ଆଉ ଶାନ୍ତି କ'ଣ ପ୍ରାପ୍ତି କରାଏ, ତାହା ଆମ ଗୋଚ଼ରର ବାହାରେ ।

ଠାକୁର : ତୁମ ଗୋଚର ଭିତରେ ଅଛି । ଜାଣିଛ । ଖୋଜ ପାଇବ । ନ ଖୋଜିଲେ କ'ଣ କିଛି ମିଳେ ?

ଜିଜ୍ଞାସୁ : ଆମେ ? ଆମେ ଖୋଜିବୁ । ଆପଣଙ୍କ ପାଖକୁ ଆସିଛୁ କାହିଁକି ?

ଠାକୁର : ନ ଖୋଜିଲେ ପାଇବ କିପରି ? ପାତ୍ର ନ ଥିଲେ ଜଳ ଭରିବ କିପରି ? କେଉଁଥିରେ ଭରିବ- ଜଳ ?

ଜିଜ୍ଞାସୁ : ଖୋଜିବା, ଅନୁସନ୍ଧାନ କରିବା - ବହୁତ କଷ୍ଟସାଧ ବ୍ୟାପାର । ସହଜ ସୂତ୍ର କିଛି ଅଛି କି ?

ଠାକୁର : ସହଜ ସୂତ୍ରରେ ତ ସୃଷ୍ଟି ଚାଲିଛି ।

ଜିଜ୍ଞାସୁ : ସୃଷ୍ଟି ଯଦି ସହଜ ସୂତ୍ରରେ ଚାଲିଛି, ଆମେ ଦୁଃଖ ଭୋଗୁଛୁ କାହିଁକି ?

ଠାକୁର : କଣ୍ଟା ବଣକୁ ଗଲେ କଣ୍ଟା ନ ଫୁଟିବା ପାଇଁ କିଛି ବ୍ୟବସ୍ଥା ସୃଷ୍ଟିରେ ଅଛି କି ?

ଜିଜ୍ଞାସୁ : ହଁ ।

ଠାକୁର : କ'ଣ ?

ଜିଜ୍ଞାସୁ : ଆଜ୍ଞା, ଜୋତା ।

ଠାକୁର : ଜୋତା କିଏ ତିଆରି କରିଛି ?

ଜିଜ୍ଞାସୁ : ଜଣେ କେହି ବୁଦ୍ଧିବାନ, ଯେ କି ବିଚ୍ଚାର ପୂର୍ବକ ପ୍ରତ୍ୟକ୍ଷ ଅନୁଭବର ଅନୁଭୂତିରୁ । କଣ୍ଟା ନ ଫୁଟିବାର ପ୍ରମାଣସିଦ୍ଧ ବିଷୟକୁ ନେଇ ଏକ ବ୍ୟବହାରିକ ବସ୍ତୁ ନିର୍ମାଣ କରି ପାରିଲା ।

ଠାକୁର : ଶାନ୍ତିରୂପକ ଫଳ ଲାଭରେ ବ୍ୟକ୍ତି ଶାନ୍ତିର ପ୍ରଭାବରେ ଉପାୟ ଖୋଜିବାର ସାମର୍ଥ୍ୟ ଅର୍ଜନ କରେ ଏବଂ ସମସ୍ୟାର ସମାଧାନ ପାଏ । ସେହି ସମାଧାନର ଉପାୟକୁ ବ୍ୟବହାର କରି ଆଚ୍ଚରଣରେ ପରିସ୍ଫୁଟ କରାଏ ।

ଜିଜ୍ଞାସୁ : ଅର୍ଥାତ୍ ।

ଠାକୁର : ଶୀତ ଆସିଲାରୁ କଷ୍ଟ ଅନୁଭବ କଲ । ଉପାୟ ଖୋଜିଲ । ଆଉ ଭଲ କପାର ସନ୍ଧାନ ମିଳିଲା । ବସ୍ତ୍ର ତିଆରି ହେଲା । ତାକୁ ବ୍ୟବହାର କଲ । କମ୍ବଳ ବା ବସ୍ତ୍ର ପ୍ରାପ୍ତିର ଯେଉଁ ପୃଥକ ପୃଥକ ଅବସ୍ଥା ଅଛି, ତାହାର ବିଚାର ପୂର୍ବକ ସମନ୍ୱୟର ଯେଉଁ କୌଶଳ ଅଛି, ତାହାକୁ 'ଆଚ୍ଚରଣ' ବୋଲି ବୁଝ । ଆଚ୍ଚରଣ ବା କୌଶଳ ହେଉଛି ପ୍ରୟୋଗ ବିଧି । ଅବୁଝାମଣାରୁ ସନ୍ଧିରେ ପଡୁଛ । ସନ୍ଧି ବାସ୍ତବ ତତ୍ତ୍ୱ ନୁହେଁ । କାରଣ ସନ୍ଧି ବା ଗଣ୍ଠି ପଡ଼େ, ଆଉ ଏହା ମଧ୍ୟ ଖୋଲେ । ଏଣୁ ଏହା ଏକ ମିଥ୍ୟା ତତ୍ତ୍ୱ ଯହିଁରେ ବାସ୍ତବତା ଥାଇ ମଧ୍ୟ ବାସ୍ତବତା ନ ଥାଏ ।

ଜିଜ୍ଞାସୁ : ଶାନ୍ତି କ'ଣ ଗଣ୍ଠି ଖୋଲି ପାରିବ ?

ଠାକୁର : ବିଚ୍ଚାର ପୂର୍ବକ ଶାନ୍ତ ହେଲେ ଶାନ୍ତି ଆପେ ଗଣ୍ଠି ଖୋଲିବ, ଯଦି ସନ୍ଧି ମୋଚ୍ଚନ ହେବ ।

ଜିଜ୍ଞାସୁ : 'ଗଣ୍ଠି ବା ସନ୍ଧି' ଶାନ୍ତିର ପ୍ରଭାବରେ ଖୋଲିଯିବା ପରେ ବ୍ୟକ୍ତିର ଅବସ୍ଥା ଓ ମନୋଭାବର କି ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହୁଏ - ପ୍ରଭୁ ?

ଠାକୁର : ଅଙ୍ଗେ ଲିଭାଉଛ, ଜାଣି ପାରୁ ନାହିଁ ?

ଜିଜ୍ଞାସୁ : ସନ୍ଧି ତୁଟିଲେ ତ ଜାଣିବୁ ।

ଠାକୁର : ଦୟା-ସତ୍ୟତାକୁ ଉପଲବ୍ଧି କରି କୌଶଳ ପୂର୍ବକ ବିପଦକୁ ହଟାଇ ଦେବାକୁ ଚେଷ୍ଟା କରିବାର ତତ୍ତ୍ୱ-ଦୟା । ଦୟା ଜୀବ ଭିତରେ ପ୍ରତିରୋଧକ ଓ ପ୍ରତିଷେଧକ ତତ୍ତ୍ୱର ବିଚ୍ଚାରକ ଅଟେ । ଯେ ସମସ୍ୟାକୁ ସମାଧାନ କରିବାକୁ ପ୍ରେରଣା ଯୋଗାଏ, ତାହାର ନାମ ଦୟା ।

ଜିଜ୍ଞାସୁ : ଉଦାହରଣ ?

ଠାକୁର : ଖରା ଓ ବର୍ଷାକୁ ଛତା । ରୋଗକୁ ଔଷଧ । ନିଃସହାୟକୁ ସହାୟ । ନିରାଶ୍ରୟକୁ ଆଶ୍ରୟ । ଏ ସବୁ ଦୟାର କାର୍ଯ୍ୟ । ଅଙ୍ଗେ ଲିଭାଉଛ ନା ନାହିଁ ? ଅନ୍ୟର ଯନ୍ତ୍ରଣା ଦେଖି ତୁମକୁ ଦୁଃଖ ଆସୁନି ? ଦୟା ଆଉ କ'ଣ କି ?

ଜିଜ୍ଞାସୁ : ଦୟା ତତ୍ତ୍ୱର ଅର୍ଥବାଦକୁ ଆମେ ଯେପରି ବୁଝିଲୁ, ଦୟା ଜୀବ ପାଇଁ ସର୍ବାବିଧ୍ୱଂସୀ ଭାବର ବିପରୀତ ଭାବନା, ସତ୍ତ୍ୱାପୋଷଣୀ ଭାବଧାରାର ତତ୍ତ୍ୱ ଅଟେ । ଆମର କହିବା କଥା ହେଉଛି - ଏହି ଦୟାତତ୍ତ୍ୱ କ'ଣ ସମସ୍ତ ମଣିଷଙ୍କ ଭିତରେ ଅଛି ?

ଠାକୁର : ଅଛି । ଦୟା ଈଶ୍ୱର ଦତ୍ତ । ଦୟା ସବୁ ଶରୀରରେ ତଥା ସବୁ ଜୀବ ଭିତରେ ଆୟୁଧ ରୂପେ କାର୍ଯ୍ୟ କରୁଅଛି । ସୃଷ୍ଟିତତ୍ତ୍ୱର ପ୍ରକ୍ରିୟାରେ ଦୟା ହେଉଛି ଏକ ଆୟୁଧ, ଯାହାକୁ ଆଶ୍ରୟ କରି ସୃଷ୍ଟି ବା ଶରୀର ରୂପକ ଦେହ ଚଳପ୍ରଚଳରେ କ୍ରିୟାଶୀଳ ହେଉଅଛି ।

ଜିଜ୍ଞାସୁ : ମଣିଷ ଭିତରେ ଯଦି ଦୟା ଅଛି, ତା'ହେଲେ ମଣିଷ ସତ୍ତ୍ୱାବିଧ୍ୱଂସୀ କାର୍ଯ୍ୟରେ ନିଷ୍ଠୁର ହୋଇପାରୁଛି, କିପରି ?

ଠାକୁର : ଦୟା ସିନା ଗୋଟିଏ ଶବ୍ଦରେ ବୁଝିଲ । କିନ୍ତୁ ଦୟାର ପ୍ରକାର ଭେଦ ମଧ୍ୟ ଅଛି ।

ଜିଜ୍ଞାସୁ : କ'ଣ ସେ ପ୍ରକାର ଭେଦ-ପ୍ରଭୁ ?

ଠାକୁର : ଯେତେ ଜୀବ, ସେତେ ପ୍ରକାରର ଦୟା । ପୃଥକ ପୃଥକ ଭାବ ଏବଂ ପୃଥକ ପୃଥକ କ୍ରିୟା ମଧ୍ୟ ।

ଜିଜ୍ଞାସୁ : ଆଜ୍ଞା ! ଉଦାହରଣ ଦିଅନ୍ତୁ ।

ଠାକୁର : ଗଜ-କୁମ୍ଭୀର, ହରିଣୀ, ଦ୍ରୌପଦୀ-ଏଭଳି ଅନେକ ଦୟା ଦ୍ୱାରା ଆସନ୍ନ ବିପଦରୁ ଖସିଯାଇ ପ୍ରଭୁଙ୍କର ଗୁଣଗାନ କରିଛନ୍ତି । ଏ ସମସ୍ତ ବିପଦ ପାଇଁ କ'ଣ ଗୋଟିଏ ପ୍ରକାରର ଦୟାର ବିଚାରଧାରା ଓ କୌଶଳ ଲାଗୁ ହୋଇଅଛି ?

ଜିଜ୍ଞାସୁ : ନା, ଆଜ୍ଞା। ତେବେ ଦୟାର ପ୍ରକାର ଭେଦ ଅଛି ?

ଠାକୁର : ଦୟାର ପ୍ରକାର ଭେଦ ଜାଣି ନ ଥିବାରୁ ନିଜସ୍ୱ ଦୟାର ତତ୍ତ୍ୱରେ ଅନ୍ୟକୁ ମାପିବା ଫଳରେ ମନ ଭିତରେ ଏପରି ବୈଷମ୍ୟଜନିତ ଭେଦଭାବ ସୃଷ୍ଟି ହେଉଅଛି ।

ଜିଜ୍ଞାସୁ : ଅନ୍ୟର ବା ଅପରର ଦୟାକୁ ଆମେ କ'ଣ ମାପି ପାରିବୁ ? ନ ମାପି ପାରିବାରୁ ତ ବୈଷମ୍ୟତା ସୃଷ୍ଟି ହେଉଅଛି ।

ଠାକୁର : ଜାଣିବାକୁ ଚେଷ୍ଟା କଲେ ଜାଣିପାରିବ ।

ଜିଜ୍ଞାସୁ : ଦୟା ସତ୍ୟକୁ ଉପଲବ୍ଧ କରେ । ଭକ୍ତି, ସତ୍ୟର ଉପଲବ୍ଧିରୁ ସତ୍ତ୍ୱାପୋଷଣୀ କୌଶଳ ସୃଷ୍ଟି ହୁଏ । ଆମର କହିବା କଥା କି ଯଦି ଦୟା ଆମ ଭିତରେ ଅଛି, ତା'ହେଲେ ସତ୍ୟର ଉପଲବ୍ଧି ମଧ୍ୟ ଆମ ଭିତରେ ଅଛି ।

ଠାକୁର : ହଁ । ନିଶ୍ଚୟ ।

ଜିଜ୍ଞାସୁ : ଯଦି ଆମେ ସତ୍ୟକୁ ଉପଲବ୍ଧି କରୁଛୁ, ତା'ହେଲେ ମିଥ୍ୟାର ଆଶ୍ରୟ ନେଇ ମିଥ୍ୟାଚାରୀ, ନଷ୍ଟ ଚରିତ୍ରର ବିବେଚନା ଆମ ଭିତରେ ଆସିବାର କାରଣ କ'ଣ ?

ଠାକୁର : ସତ୍ୟକୁ ଅନୁଭବ କରୁଛ ବୋଲି ତ ମିଥ୍ୟା ଆଚ଼ରଣ କରୁଛ ।

ଜିଜ୍ଞାସୁ : ଆପଣ କ'ଣ କହିବାକୁ ଚାହୁଁଛନ୍ତି, ସତ୍ୟକୁ ଜଣେ ଉପଲବ୍ଧ କରିବ, ଆଉ ଆଚ଼ରଣ, ବ୍ୟବହାର, କଥାବାର୍ତ୍ତାରେ ମିଥ୍ୟା କହିବ ?

ଠାକୁର : ତୁମେ ତ ଏହା ହିଁ କରୁଛ । ଅଙ୍ଗେ ଲିଭାଉଛ । ପଚ଼ାରୁଛ କ'ଣ ?

ଜିଜ୍ଞାସୁ : ଉଦାହରଣ ଟିକେ ଦିଅନ୍ତୁ ।

ଠାକୁର : ସତ୍ୟ ଅନୁଭବଯୋଗ୍ୟ ପ୍ରମାଣ ସିଦ୍ଧ, କିନ୍ତୁ ସତ୍ୟ ଗୁପ୍ତ ତତ୍ତ୍ୱ ହେତୁ ଅପ୍ରକାଶ୍ୟ । ଆଉ ତା'ର ପ୍ରକାଶ୍ୟ ତତ୍ତ୍ୱ ହେଉଛି **'ମିଥ୍ୟା'** ।

ଜିଜ୍ଞାସୁ : କିପରି ?

ଠାକୁର : ତୁମ ଅବୟବକୁ ଲକ୍ଷ୍ୟ କର । ସେଥିରେ ଯେଉଁ ଅଙ୍ଗଗୁଡ଼ିକ ଅଛି, ତାହା ତୁମର ଜନ୍ମ ସମୟରେ ସତ୍ୟକୁ ପରିସ୍ଫୁଟ କରି ଜଗତକୁ ପ୍ରଦର୍ଶିତ ହୋଇଥିଲା । କିନ୍ତୁ, ବର୍ତ୍ତମାନ ତୁମେ ସେହି ସ୍ୱରୂପ ପ୍ରଦର୍ଶନକରି ଜଗତରେ ଚଳପ୍ରଚ଼ଳ କରୁଛ କି ? ନା ମିଥ୍ୟା ତତ୍ତ୍ୱ ବସ୍ତ୍ରର ଆଶ୍ରୟରେ ରହି ନିଜର ଅସ୍ତିତ୍ୱକୁ ପ୍ରଦର୍ଶିତ କରୁଅଛ ? ଏଥର ନିଜେ କୁହ, ସତ୍ୟ ଉପଲବ୍ଧ ଓ ଅନୁଭବଯୋଗ୍ୟ ପ୍ରମାଣସିଦ୍ଧ ତଥା ଅପ୍ରକାଶକ ତତ୍ତ୍ୱ ଅଟେ ନା ନାହିଁ ?

ଜିଜ୍ଞାସୁ : ମିଥ୍ୟା ଆଚ଼ରଣ କରିବା କ'ଣ ଉଚିତ୍ - ପ୍ରଭୁ ?

ଠାକୁର : ତୁମେ ପ୍ରତିକ୍ଷେତ୍ରରେ ମିଥ୍ୟା ରୂପକ ବିଚ଼ାରଧାରା ପ୍ରୟୋଗ ନକଲେ ତୁମର ଜୀବନ ନିର୍ବାହ ଦୁଃସହ ହୋଇପଡ଼ିବ ।

ଜିଜ୍ଞାସୁ : ମିଥ୍ୟା ଆଚ଼ରଣରେ ପାପ ଫଳ ମିଳେ, ତା'ର ପରିଣାମ ?

ଠାକୁର : ମିଥ୍ୟାର ଫଳ ମିଥ୍ୟା, ଆଉ ସତ୍ୟର ଫଳ ସତ୍ୟ । ଯଦି କୌଣସି କ୍ଷେତ୍ରରେ ସତ୍ୟକୁ ପ୍ରୟୋଗ କର, ତା'ହେଲେ ସତ୍ତା ବିଧ୍ୱଂସୀ ନିଶ୍ଚିତ । ଏଣୁ ସତ୍ୟ ସଂହାରକ ଅଟେ । ସତ୍ୟ କହିଲେ ବିମୁଖ ହେବାକୁ ପଡ଼ିଥାଏ । ବିବେଚ଼ନାରୁ ମିଥ୍ୟା ରୂପକ ସତ୍ତାପୋଷଣୀ ଦୟାର ବିଚ଼ାରଧାରା ଉତ୍ପନ୍ନ ହୋଇଥାଏ । ସମସ୍ତେ ମିଥ୍ୟାରେ ଜୀବନ ନିର୍ବାହ କରୁଛ । କିନ୍ତୁ ମିଥ୍ୟାକୁ ଦୋଷଯୁକ୍ତ ବୋଲି ବୋଧ ନେଇଛ ।

ଜିଜ୍ଞାସୁ : ସତ୍ୟ ଆଉ ମିଥ୍ୟାର ବିଚ଼ାରଧାରା ଆମ ପାଇଁ ଏକ ଅସମ୍ଭବ ତତ୍ତ୍ୱ ।

ଠାକୁର : ସତ୍ୟ ଆଉ ମିଥ୍ୟାର ସଂଜ୍ଞା ଜାଣିଲେ ଅସମ୍ଭବ କିଛି ନୁହେଁ, ସବୁ ସମ୍ଭବ ।

ଜିଜ୍ଞାସୁ : ସଂଜ୍ଞା ?

ଠାକୁର : ହଁ, ସତ୍ୟର ସଂଜ୍ଞା ହେଉଛି ବାସ୍ତବତାକୁ ଉପଲବ୍ଧ କରାଇବା ।

ଜିଜ୍ଞାସୁ : ଆଉ ମିଥ୍ୟାର ସଂଜ୍ଞା-ପ୍ରଭୁ ?

ଠାକୁର : ପ୍ରକୃତ ସତ୍ୟକୁ ବିବେକ ବିବେଚ୍ନାରେ ପରିଚାଳନା କରିବାର ତତ୍ତ୍ୱ ମିଥ୍ୟା ଅଟେ ।

ଜିଜ୍ଞାସୁ : ସତ୍ୟ, ମିଥ୍ୟାର ବିଚ୍ାରଧାରା । ସମାଜରେ ପ୍ରଚ୍ଳିତ ବୋଧଜ୍ଞାନର ଭାବଧାରା ଯାହା ଆମେ ବୁଝିଛୁ ମିଥ୍ୟା କହିବା ମହାପାପ । ଆପଣଙ୍କ ବୋଧରେ ମିଥ୍ୟା ହେଉଛି ବିବେକ ବିଚ୍ାରଧାରାର ହେତୁ । ଆମେ ବର୍ତ୍ତମାନ ଦ୍ୱିବିଧ ବିଚ୍ାରଧାରାର ସମ୍ମୁଖୀନ ହୋଇ କୌଣସି ଏକ ନିଷ୍ପତ୍ତି ନେବାକୁ ଅସମର୍ଥ ବୋଧ କରୁଅଛୁ ।

ଠାକୁର : ବିନା ପାତ୍ରରେ ପାଣି ତୋଳି ହେବ କି ? ଯଦି ପାତ୍ର ରୂପକ ମିଥ୍ୟା ନ ରହିବ, ତା'ହେଲେ ସତ୍ୟକୁ ଅନୁଭବ କରିବ କେଉଁ ତତ୍ତ୍ୱରେ ? ମିଥ୍ୟା ସତ୍ୟର ପ୍ରକାଶକ ।

ଜିଜ୍ଞାସୁ : ଆଜ୍ଞା, କିପରି ?

ଠାକୁର : ମିଥ୍ୟା ଯଦି ଫଳ ହୁଏ, ତାହାର ମଞ୍ଜି ହେଉଛି ସତ୍ୟ । ଫଳ ବିହୁନେ ମଞ୍ଜି ନାସ୍ତି । ମଞ୍ଜି ନାସ୍ତିରେ ଫଳ ନାସ୍ତି । ସତ୍ୟ ଆଉ ମିଥ୍ୟାର ସମନ୍ୱୟ ଏପରି । ଏହା ବିଧିକୃତ । ଯେପରି ମରଣଶୀଳ ମିଥ୍ୟା ଶରୀରରେ ସତ୍ୟ ରୂପକ ମହତ୍ତ୍ୱକୁ ଅନୁଭବ କରୁଛ । ସତ୍ୟ ମଞ୍ଜିରେ ବୀଜ ଗୋପନ ରହି ମିଥ୍ୟାକୁ ପରିପ୍ରକାଶ କରାଇ ସୃଷ୍ଟିର ଲୀଳା ସଂରଚ୍ନା କରିଅଛି । ଆମେ ସମସ୍ତେ ସତ୍ୟର ମିଥ୍ୟା ସ୍ୱରୂପଧାରୀ ଜଣେ ଜଣେ ବ୍ୟକ୍ତିବିଶେଷ । ଆମର ଅସ୍ତିତ୍ୱ ସତ୍ୟ, କିନ୍ତୁ ତା'ର ସ୍ୱରୂପ ମିଥ୍ୟା ହେତୁ ଆଜି ଅଛି କାଲି ନାହିଁ । କିନ୍ତୁ ସତ୍ୟ ଆଉ ମିଥ୍ୟା ଅଭିନ୍ନ ହୋଇ ସର୍ବଦା ରହିଅଛି ।


ଜିଜ୍ଞାସୁ : ସତ୍ୟ ଆଉ ମିଥ୍ୟା - ଏହି ଦୁଇତତ୍ତ୍ୱ ଆମର ଅସ୍ତିତ୍ୱ ହେତୁ ଦୁହେଁ ସ୍ୱାଗତଯୋଗ୍ୟ ।

ଠାକୁର : ଦୁଇଟି ତତ୍ତ୍ୱର ସମନ୍ୱୟ ନ ହେଲେ ସାଗର ମନ୍ଥନ ହେବ କିପରି ? ସତ୍ୟ ଆଉ ମିଥ୍ୟାର ସମ୍ମୁଖୀନ ନ ହେଲେ ଐଶ୍ୱରୀକ ଲୀଳାର ମହିମା ଅନୁଭବ କରିବ କିପରି ?

ଜିଜ୍ଞାସୁ : ସତ୍ୟକୁ ଆଦର, ମିଥ୍ୟାକୁ ଘୃଣା । କେଶବ କୈବଲ୍ୟ ମତରେ ଏହା ଉତ୍ତମ ବିଚ୍ାରଧାରା ନୁହେଁ । ଏହା ସତ୍ୟ ଓ ମିଥ୍ୟାର ବିପରୀତ ମାର୍ଗର ବିଚ୍ାରଧାରା, ଯେଉଁ ବିଚ୍ାରଧାରାକୁ ନେଇ ଆଜିର ମାନବ ମାନସିକତାର ଯନ୍ତ୍ରଣା ଭୋଗୁଅଛି, ଯାହା କି କ୍ଳେଶଯୁକ୍ତ ଓ ବିଷାଦଗ୍ରସ୍ତର କାରଣ ?

ଠାକୁର : ସତ୍ୟର ମିଥ୍ୟାକୁ ବିବେଚ୍ନାରେ ପ୍ରକାଶ କର । କିନ୍ତୁ ମିଥ୍ୟା ଭିତରେ ଥିବା ସତ୍ୟକୁ ପ୍ରକାଶ କର ନାହିଁ । ତାହା ହେବ ସଂହାରର କାରଣ । ସତ୍ୟ ଅନୁଭବ ଯୋଗ୍ୟ ସତ, କିନ୍ତୁ ଅନୁବାଦ ଯୋଗ୍ୟ ନୁହେଁ ।

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

*"ପୁନରପି ଜନମମ୍, ପୁନରପି ମରଣମ୍, ପୁନରପି ଜନନୀ ଜଠରେ ଶୟନମ୍ ।"*

*ଏହି ଚିରନ୍ତନ ଜନ୍ମ-ମୃତ୍ୟୁ ପ୍ରବାହ ମଧ୍ୟରେ ସବୁଠାରୁ ଗୂଢ଼ ତଥା ଅଗମ୍ୟ ତତ୍ତ୍ୱ ହେଉଛି, "**ଜନନୀ ଜଠର ଜରାୟୁ**" । ବିନ୍ଦୁ ମାତୃଗର୍ଭରେ ସ୍ଥାପନ ହେବା ସମୟରୁ ସମ୍ପୂର୍ଣ୍ଣ ଅବୟବ ନେଇ ଧରାପୃଷ୍ଠରେ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଯେଉଁ ଅନାଲୋଚିତ ଗୁପ୍ତନୀତି ମାତୃ ଗର୍ଭସ୍ଥ ଜରାୟୁରେ ଅନୁଷ୍ଠିତ ହେଉଥାଏ, ତାହାରି ଅନାବରଣର ଲକ୍ଷ୍ୟ ନେଇ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ଧାରାବାହିକ ଭାବରେ ଏହି ସ୍ତମ୍ଭରେ ଆଲୋଚନା କରି ଚାଲିଛନ୍ତି । ସକଳ ଜୀବ ପାଇଁ ଏହା ସତ୍ୟ, ତ୍ରିକାଳରେ ଏହା ନିତ୍ୟ, ଯୁଗଯୁଗାନ୍ତର ପାଇଁ ଶାଶ୍ୱତ ଏବଂ ସନାତନ, ଚିର ନବୀନ, ଚିର ନୂତନ, ମଧୁର, ମନୋଜ୍ଞ ଓ ମନୋରମ । ଏହାକୁ ପାଠ କରି ଅମରପୁରର ଅମିୟ ସୁଧାରସ ପ୍ରାପ୍ତ ହେଉ । **ଜୀବନ ଓ ଜନ୍ମ ସଫଳ ହେଉ, ସାର୍ଥକ ହେଉ । ଏତିକି କାମନା ।***

ପୂର୍ବ ସଂଖ୍ୟାରେ ଶୂନ୍ୟରୁ ଶବ୍ଦ, ନାଦ ସୃଷ୍ଟି ହୋଇ କିପରି ମାତୃଗର୍ଭରେ ଅବସ୍ଥିତ ଭ୍ରୂଣରେ ପ୍ରତିବିମ୍ବିତ ହୋଇଥାଏ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏହି ସଂଖ୍ୟାରେ **"ଜନନୀ ଜଠରସ୍ଥ ଜରାୟୁର ଯୌବନ ଯନ୍ତ୍ରଣା"** ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା ।

ଯୁଗେ ଯୁଗେ ସୃଷ୍ଟିର ଏକମାତ୍ର ଆଧାର ହିଁ ଜନନୀ ଅଟନ୍ତି । ଜନନୀଙ୍କର ଜଠର ଓ ଜରାୟୁ ମଧ୍ୟ ଚିରନ୍ତନ । ଜଠର, ଜରାୟୁ ନାହିଁ ତ ସୃଷ୍ଟି ନାହିଁ । ତେଣୁ ସୃଷ୍ଟି ନିର୍ମାଣ କାର୍ଯ୍ୟରେ ଏଗୁଡ଼ିକ ଅପରିହାର୍ଯ୍ୟ ଅଟେ । ଭୂମିଷ୍ଠ ହେବାପରେ ଯେପରି ଶିଶୁଟିଏ କ୍ରମାନୁସାରେ ଶୈଶବ, କୈଶୋର, ଯୌବନ ଏବଂ ବୃଦ୍ଧାବସ୍ଥା ପ୍ରାପ୍ତ ହୋଇଥାଏ, ଠିକ୍ ସେହିପରି ଜନନୀର ଜରାୟୁ ମଧ୍ୟ ଯୌବନ ତଥା ତତ୍‌ସଂଲଗ୍ନ ଯନ୍ତ୍ରଣା ପ୍ରାପ୍ତ ହୁଏ ।

ଶୂନ୍ୟମାର୍ଗ, ମହାଶୂନ୍ୟରେ ଯେତେବେଳେ ଯୌବନ ଅବସ୍ଥା ସୃଷ୍ଟି ହୋଇଥାଏ, ସେତେବେଳେ ଗର୍ଭଧାରିଣୀ ଜନନୀ ଯନ୍ତ୍ରଣା ଅନୁଭବ କରିପାରେ ନାହିଁ । ମାତ୍ର ଯେତେବେଳେ ସେହି ଯୌବନ ଅବସ୍ଥା ଜ୍ୟୋତି ରୂପରେ ଆକାଶମାର୍ଗରେ ସୃଷ୍ଟି ହୋଇ ହରିଦ୍ରାବର୍ଣ୍ଣ ଧାରଣ କରେ, ସେତେବେଳେ ଜନନୀକୁ ତା'ର ଆଭାସ ଜଣାପଡ଼ିଯାଏ । ଜରାୟୁରେ ବିନ୍ଦୁ ସ୍ଥାପନ ହେବାମାତ୍ରେ ସେହି "ଯୌବନ ଯନ୍ତ୍ରଣା"ର ପ୍ରଭାବରେ ଜନନୀ ସଂଜ୍ଞାହୀନ ହୋଇଯାଏ । ବିନ୍ଦୁ ସ୍ଥାପନର ଏକମାସ ଅତିବାହିତ ହୋଇଗଲେ ଜନନୀର ଶରୀର ଝିମ୍‌ଝିମ୍ ହୋଇଯାଏ । ସେତିକିବେଳେ ଜାଣିବାକୁ ହେବ ଯେ, ଜରାୟୁରେ ଯୌବନ ଯନ୍ତ୍ରଣା ଆରମ୍ଭ ହୋଇଗଲା । ଧୀରେ ଧୀରେ ଏହି ଯନ୍ତ୍ରଣା ଜରାୟୁରେ ବିଚ୍ଛୁରିତ ହୋଇଯାଏ । ପ୍ରଭାବରେ ଜନନୀର ସ୍ଥୂଳଗତ ସମସ୍ୟା ଯଥା : ଶରୀରରେ ବିଭିନ୍ନ ପ୍ରକାର ଅସ୍ୱସ୍ତି, ଦୁର୍ବଳତା, ଆଳସ୍ୟ, ବାନ୍ତି, ମୁଣ୍ଡ ବୁଲାଇବା,

ବିଭିନ୍ନ ସ୍ୱପ୍ନ ଦେଖିବା ଇତ୍ୟାଦି କ୍ରିୟା ଆରମ୍ଭ ହୋଇଯାଏ । ଜରାୟୁରେ ଯୌବନ ବୃଦ୍ଧି ତଥା ପରିପକ୍ୱ ହେବା ସଙ୍ଗେ ସଙ୍ଗେ ଯନ୍ତ୍ରଣା ମଧ୍ୟ ବଢ଼ିବଢ଼ି ଚାଲେ । ମନୁଷ୍ୟ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ଯେଉଁ ଅବସ୍ଥା ଅତିକ୍ରମ କରିଥାଏ, ଜନନୀ ଜଠରରେ ଜରାୟୁ ମଧ୍ୟ ଠିକ୍ ସେହିପରି ପର୍ଯ୍ୟାୟଭିତ୍ତିକ ଅବସ୍ଥା ପ୍ରାପ୍ତ ହୋଇଥାଏ । କିନ୍ତୁ ଜରାୟୁସ୍ଥ  ଭ୍ରୂଣ ଏହାକୁ ଆଦୌ ଅନୁଭବ କରି ପାରିନଥାଏ ।

ପୂର୍ବବର୍ଣ୍ଣିତ ନାଭିକମଳସ୍ଥ ପଦ୍ମଚକ୍ରମାନେ **'ଶକ୍ତିତ କ୍ରିୟା'** ଦ୍ୱାରା **'ଭ୍ରମରୀ ମାୟାଗ୍ରନ୍ଥି'**ରୁ ଯେଉଁପରି ବ୍ରହ୍ମାଣ୍ଡପୁଞ୍ଜଗୁଡ଼ିକୁ ସୂକ୍ଷ୍ମାତିସୂକ୍ଷ୍ମ କ୍ରିୟାଦ୍ୱାରା **'ନାଦ'** ଗୁଡ଼ିକୁ ଧାରଣ କରି ବ୍ରହ୍ମରନ୍ଧ୍ରର ଗର୍ଦ୍ଦଣରେ ସାଥି ହୋଇଯାଆନ୍ତି, ଠିକ୍ ସେହି ପ୍ରଣାଳୀରେ ଜରାୟୁର ଯୌବନ ଅବସ୍ଥା ପ୍ରାପ୍ତ ହେବାର ସମୟ ଉପନୀତ ହେଲେ ଆକାଶମାର୍ଗ, ମହାଶୂନ୍ୟରୁ ଯନ୍ତ୍ରଣା ସୃଷ୍ଟି ହୋଇ ଅତିକ୍ଷୁଦ୍ରାତିକ୍ଷୁଦ୍ର ଜ୍ୟୋତିର ଆଲୋକରୂପ ନେଇ ଭ୍ରୂଣ ମଧ୍ୟରେ ଭ୍ରୂଣର ନାଭିକମଳ ଚତୁଃପାର୍ଶ୍ୱରେ ଲୁକ୍କାୟିତ ହୋଇ ଅବସ୍ଥାନ କରିଥାଆନ୍ତି । ଏ ସମସ୍ତ କ୍ରିୟା ମଧ୍ୟ ଜନନୀ ଏବଂ ଜରାୟୁସ୍ଥ ଭ୍ରୂଣକୁ ଅଗୋଚର ରହିଯାଏ । ଏହି ସମୟରେ ଭ୍ରୂଣର ପୂର୍ବଜନ୍ମର କର୍ମଫଳ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସ୍ୱୟଂଚାଳିତ କ୍ରିୟାରେ ସେହି କର୍ମଫଳଗୁଡ଼ିକ ଉକ୍ତ ଜରାୟୁ ଯୌବନ ଯନ୍ତ୍ରଣା ସହିତ ଯୁକ୍ତ ହୋଇ ଭ୍ରୂଣ ଦ୍ୱାରା ଗୃହୀତ ହୋଇ ରହିଯାଏ । ଫଳସ୍ୱରୂପ, ଜରାୟୁର ଯୌବନ ଅବସ୍ଥା ଅତି ଯନ୍ତ୍ରଣାମୟ ହୋଇଯାଏ । ସୂକ୍ଷ୍ମରେ କୌଣସି ଅନୁଭବ ବା ଜ୍ଞାତ ଅବସ୍ଥା ପ୍ରାପ୍ତ ନ ହେଉଥିଲେ ମଧ୍ୟ ଶରୀରରେ ଉକ୍ତ ଯନ୍ତ୍ରଣାର ଛାପ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥାଏ । ଗର୍ଭସ୍ଥ ହୋଇଥିବା ଭ୍ରୂଣର ପ୍ରାରବ୍ଧ କର୍ମଫଳ ଯଦି **'ସୁ'** ହୋଇଥାଏ ଏବଂ ଗର୍ଭଧାରିଣୀ ତଥା ପିତାଙ୍କର ପୁଣ୍ୟଫଳ ଅଧିକ ମାତ୍ରାରେ ସଞ୍ଚିତ ହୋଇଥାଏ, ତେବେ ତାହା ଜରାୟୁରେ ବିପରୀତ ଫଳ ଗୃହୀତ କରାଇ ଯୌବନ ଅବସ୍ଥାର ଯନ୍ତ୍ରଣାକୁ ଆନନ୍ଦମୟ କରିଥାଏ ଏବଂ ଯନ୍ତ୍ରଣା ଲାଘବ ହୋଇଥାଏ । ମାତ୍ର ଯଦି ଭ୍ରୂଣ ତଥା ପିତା, ମାତାଙ୍କ ସଞ୍ଚିତ ପୁଣ୍ୟଫଳର ପ୍ରଭାବ କମ ରହିଥାଏ, ତେବେ ଜରାୟୁରେ ଯନ୍ତ୍ରଣା ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ । ଏହି ଉଭୟ ପ୍ରକାରର ଯନ୍ତ୍ରଣା ଭ୍ରୂଣଠାରେ ସ୍ପଷ୍ଟ ଭାବରେ ଗୃହୀତ ହୋଇ ଗଚ୍ଛିତ ରହେ । ବର୍ଣ୍ଣିତ ଯନ୍ତ୍ରଣାର କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ନଥାଏ । ଏହା କେବଳ ବିଭିନ୍ନ ରଙ୍ଗର ଆଲୋକରେ ଉଦ୍ଭାସିତ ହୋଇଥାଏ । ତାହାର ପ୍ରତିଫଳନ ଜନନୀର ମୁଖମଣ୍ଡଳରେ ଅତି ସ୍ପଷ୍ଟଭାବରେ ପ୍ରକାଶିତ ହୋଇଥାଏ । କୁକର୍ମ ଫଳର ଯନ୍ତ୍ରଣା ଗୃହୀତ ହେଉଥିଲେ/ ହୋଇଥିଲେ ଜନନୀର ମୁଖମଣ୍ଡଳ ବିକୃତ, ଈଷଦ୍ ହଳଦୀବର୍ଣ୍ଣ, ସମୟେ ସମୟେ ଲାଲବର୍ଣ୍ଣ ଏବଂ କୃଷ୍ଣବର୍ଣ୍ଣ ହୋଇଥାଏ । ସୁକର୍ମଫଳ ଗୃହୀତ ହେଉଥିଲେ/ହୋଇଥିଲେ ଜନନୀର ମୁଖଶ୍ରୀ ଉଜ୍ଜ୍ୱଳ, ଜ୍ୟୋତିର୍ମୟ ଦେଖାଯାଏ ଏବଂ ଜରାୟୁର ଆକୃତି ଅତ୍ୟନ୍ତ ସୁଗଠିତ ହୋଇ ସୁନ୍ଦର ଦିଶୁଥାଏ ।

ଭ୍ରୂଣ ଯେତେବେଳେ ପୂର୍ଣ୍ଣ ଅବୟବ ପ୍ରାପ୍ତ ହୋଇ ଭୂମିଷ୍ଠ ହୁଏ, ସେହିକ୍ଷଣ ଠାରୁ ତା'ର ଜରାୟୁ ଯୌବନ ଅବସ୍ଥାରେ ପ୍ରାପ୍ତ ହୋଇଥିବା ଯନ୍ତ୍ରଣାଗୁଡ଼ିକ ପର୍ଯ୍ୟାୟକ୍ରମେ ଭୋଗ ହେବା ଆରମ୍ଭ ହୋଇଯାଏ । ସେତେବେଳେ ଯାଇ ମନୁଷ୍ୟ ଯନ୍ତ୍ରଣାର ସ୍ୱରୂପ ଅନୁଭବ କରିପାରେ ଏବଂ ଗୃହୀତ କର୍ମଫଳାନୁସାରେ ତା'ର ଜୀବନଯାତ୍ରା ପରିଚାଳିତ ହୁଏ । ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଜନନୀ ଜଠରସ୍ଥ ଜରାୟୁର ଯୌବନ ଅବସ୍ଥା କେତେ ଗୁରୁତ୍ୱପୂର୍ଣ୍ଣ, ମହନୀୟ ତଥା ଚମତ୍କାର ଅଟେ ।

ଯେଉଁ ''ଗୁରୁଯୋଗୀ'' ଜନ୍ମ ନେବାର ଥାଏ, ସେତେବେଳେ ଏହ କ୍ରିୟାର ବ୍ୟତିକ୍ରମ ଦେଖାଯାଇଥାଏ । ସେ କ୍ଷେତ୍ରରେ ଜରାୟୁର ଯୌବନପ୍ରାପ୍ତ ଅବସ୍ଥା ଜନନୀ ନିର୍ଭୁଲ ଭାବରେ ଉପଲବ୍ଧ କରିପାରେ । ଅନେକ ସମୟରେ ନିଦ୍ରାର ସ୍ୱପ୍ନାବସ୍ଥାରେ ଜନନୀର ଦିବ୍ୟଜ୍ୟୋତି ତଥା ଦିବ୍ୟାନୁଭୂତି ସହିତ ସାକ୍ଷାତ୍‌କାର ହୋଇଯାଏ । କିନ୍ତୁ ଜନନୀ ଯଦି ଚେତନଯୁକ୍ତ ନହୋଇଥାଏ, ତେବେ ଏହି ଅବସ୍ଥାକୁ ସେ ସ୍ମରଣ ରଖିପାରେ ନାହିଁ । ନିଦ୍ରାଭଙ୍ଗ ପରେ ବିସ୍ମରଣ ହୋଇଯାଏ । ମାତ୍ର ଅନେକ ସମୟରେ ଆକାଶମାର୍ଗରେ ସେ ହରିଦ୍ରାବର୍ଣ୍ଣର ଆଲୋକରେଖା ଦେଖିପାରେ । ଯୌବନର କ୍ରମବର୍ଦ୍ଧିଷ୍ଣୁ ଅବସ୍ଥା ସଙ୍ଗେ ସଙ୍ଗେ ଜନନୀର ଶରୀର ମଧ୍ୟ ଧୀରେ ଧୀରେ ଜ୍ୟୋତିର୍ମୟ ହୋଇଚାଲିଥାଏ । ଏହି ସମୟରେ ଜନନୀ ଜରାୟୁର ଯୌବନାବସ୍ଥାକୁ ଅନୁଭବ କରିପାରିଥାଏ । ଗର୍ଭସ୍ଥ ଶିଶୁ ମଧ୍ୟ ସମସ୍ତ କ୍ରିୟାସହିତ ଅବଗତ ଥାଏ ଏବଂ ସେହି ଅନୁସାରେ ସେ ଆତ୍ମାନୁଭବ, ଦର୍ଶନ ଇତ୍ୟାଦି ଅଲୌକିକ ଅବସ୍ଥା ପ୍ରାପ୍ତ ହେଉଥାଏ । ଜରାୟୁ ଯୌବନ ଅବସ୍ଥାର ଅନ୍ତହେଲେ ସେହି **'ଗୁରୁଯୋଗୀ'** ଶିଶୁ ଯେତେବେଳେ ଭୂମିଷ୍ଠ ହୁଏ, ସେତେବେଳେ ଆକାଶମାର୍ଗରୁ **'ଶୂନ୍ୟର ଆଲୋକ'** ତା' ଉପରେ ପଡ଼ିଥାଏ । ସେ ଆଲୋକରେଖା କାହାରିକୁ ଦୃଶ୍ୟମାନ ହୁଏ ନାହିଁ । କିନ୍ତୁ ଜନନୀ ସ୍ପଷ୍ଟ ଅନୁଭବ କରିପାରେ ।

କ୍ରମଶଃ....

## ଦିବ୍ୟବାଣୀ

ଆଗାମୀ ସମୟରେ ପରିବର୍ତ୍ତନ ନିଶ୍ଚୟ ହେବ ହିଁ ହେବ । ଆଗାମୀ ଶତାବ୍ଦୀ ସମସ୍ତ ପ୍ରକାର ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନାରେ ପୂର୍ଣ୍ଣ ହେବ । ଏବେ ବିଷୟା ବିଷମାୟାର କୁହୁଡ଼ି ଘେରି ରହିଛି ବୋଲି ତୁମକୁ ସବୁ ଅସ୍ପଷ୍ଟ ଦେଖାଯାଉଛି । ତୁମେ କିଛି ଚିହ୍ନି ପାରୁନାହଁ । ଆଗାମୀ ଶତାବ୍ଦୀରେ କୁହୁଡ଼ି ହଟିଯିବାପରେ ଦୃଶ୍ୟ ସବୁ ଅଧିକ ସ୍ପଷ୍ଟ ହୋଇଯିବ ।



# କଲ୍ୟାଣ ଦେଇ ଚାଲେ

ସେ କ'ଣ ପ୍ରକୃତରେ ଜୀବର ଦୁଃଖ ସହ୍ୟ କରିପାରନ୍ତି ? ନିଷ୍ଠୁର ହୋଇ ପାରନ୍ତି ? ପ୍ରାରବ୍ଧ କର୍ମଫଳର ହିସାବ ନିକାଶ କରନ୍ତି ? ହଁ, କରନ୍ତି ପୁଣି କରନ୍ତି ନାହିଁ । ବିଷୟା ମଦମତ୍ତ ମୂଢ଼ ମାନବ ଯେତେବେଳେ ତାଙ୍କ ନିକଟରେ "ମୁଁ ଆଉ ମୋର" ତତ୍ତ୍ୱଜ୍ଞାନକୁ ବଖାଣିବସେ, ଅହଂକାରରେ ହେୟଜ୍ଞାନ କରେ, ସେତିକିବେଳେ ସେ ମହାକାଳ ଭୂମିକାରେ ଅବତୀର୍ଣ୍ଣ ହୋଇ କାଳଭୋଗ ସୂତ୍ରରେ କର୍ମଫଳର ହିସାବ କରନ୍ତି । କିନ୍ତୁ କାୟ, ମନ, ବାକ୍ୟରେ ଯିଏ ଥରେ ଶରଣ ମାଗିଦେଇ ପ୍ରେମଭାବରେ ଯୁକ୍ତ ହୋଇ ଯାଉଛି, ତାହାର କର୍ମଫଳର କୌଣସି ହିସାବ ନ କରି ସେ ଅତି ଆନନ୍ଦରେ ସମସ୍ତ ପାପରାଶିକୁ ଧ୍ୱଂସ କରି ଦିବ୍ୟଭାବ ଅଜାଡ଼ି ଦେଉଛନ୍ତି । କେବଳ ଅନୁଭବୀ ହିଁ ଅନୁଭବ କରିପାରିବ । ନଚେତ୍ ଥଟ୍ଟା, ପରିହାସ କରି ଦୁର୍ଲ୍ଲଭ ଜନ୍ମକୁ ଅସାର କରିଦେବ । ତଥାପି ସେ ତାଙ୍କ କରୁଣାସାଗର ନାମର ସାର୍ଥକତା ରକ୍ଷାକରି କଲ୍ୟାଣ କରି ଚାଲିଛନ୍ତି ।

ସଂକଳ୍ପ ହଜିଛି ବିକଳ୍ପ ଯାଉଛି
ଘାରିଛି ବିଷାଦ ଭାବ ।
ଭକତି, ପ୍ରଣତି, କର୍ମଯୋଗ ନାହିଁ
ବୁଡ଼ି ଯାଉଅଛି ନାବ ।।

ମୋର ମୋର କହି ସାରିତ ଦେଲିଣି
ଦେଇଥିଲ ଯେଉଁ ଧନ ।
ଅହଂକାରେ ମାତି ଅଚେତନ ମତି
ଭକୁଡ଼ିଲା ତନୁ ମନ ।।

ଆଉ କେଉଁ ଭାବ ପାଇବା ଆଶାରେ
ମଉନ ରହିଛ ସ୍ୱାମୀ ।
ନିଜ ଭାବେ ମୋତେ ଉଦ୍ଧାର କର ହେ
ତ୍ରାଣକର୍ତ୍ତା ଅନ୍ତର୍ଯାମୀ ।।

‘ଚ଼ରମ’ରେ ଧନ ମୋର କଲ୍ୟାଣ ପସରା ।
ଜ୍ଞାନୀ, ଭକ୍ତ ହୃଦୟରେ ତୁହି ଧ୍ରୁବତାରା ॥୧॥
ସବୁବେଳେ ହଟ କରୁ ଅଲୌକିକ ପାଇଁ ।
ଯେତେ କହିଲେବି ତୋ’ର ମନ ବୁଝୁ ନାହିଁ ॥୨॥
ନୀରବ ସାଧନେ ଯଦି ଏକାନ୍ତରେ ବସି ।
ଚତୁରେ ତୁ ପଞ୍ଚଭୂତ ତତ୍ତ୍ୱେ ଯିବୁ ରସି ॥୩॥
ଦେଖନ୍ତୁ ନିଜ ନେତ୍ରରେ ବ୍ରହ୍ମ ଅଲୌକିକ ।
ଲଭନ୍ତୁ  ପରମସୁଖ ତୁଟନ୍ତା ଭୌତିକ ॥୪॥
ସେଥିପାଇଁ ‘‘ଭୂତ ତତ୍ତ୍ୱ’’ ଆସୁଛି ବୁଝାଇ ।
ବାୟୁ, ଜଳ, ଅଗ୍ନି ତତ୍ତ୍ୱ ଦେଇଅଛି କହି ॥୫॥
ଏଥର କହୁଛି ଶୁଣ ‘ଆକାଶ’ ରହସ୍ୟ ।
ଶ୍ରଦ୍ଧାରେ ଶୁଣିଲେ ଭ୍ରମ ତୁଟିବ ଅବଶ୍ୟ ॥୬॥
ଶୂନ୍ୟପରେ ମହାଶୂନ୍ୟ ଶୂନ୍ୟେ ଅଛି ରହି ।
ସ୍ୱରୂପ ରସ ଅବା ଗନ୍ଧ ତା’ର ନାହିଁ ॥୭॥
ବ୍ରହ୍ମଲୀଳା ସଂରଚ଼ନେ ଶୂନ୍ୟ କ୍ଷେତ୍ର ସେହି ।
ସେହିଠାରେ ସୃଷ୍ଟି ଲୀଳା ନିଷ୍ପତ୍ତି ହୁଅଇ ॥୮॥
ଖାଲି ଆଖିରେ କାହାକୁ ଦୃଶ୍ୟ ସେ ନହୁଏ ।
ଅନୁଭବରେ କେବଳ ଯୋଗୀ ଜାଣିନିଏ ॥୯॥
ବ୍ରହ୍ମଆଜ୍ଞାରେ ସୃଜନ ଅସଂଖ୍ୟ ମଣ୍ଡଳ ।
ଝୁଲି ରହିଛନ୍ତି ସେଠି ହୋଇ ଢଳଢଳ॥୧୦॥
ସୃଷ୍ଟିର କାରଣ ବୀଜ ହିରଣ୍ୟ ଗର୍ଭରେ ।
ଅଦୃଶ୍ୟରେ ରହିଅଛି ଶୂନ୍ୟ ଆକାଶରେ॥୧୧॥
ସୃଷ୍ଟିର ମଥାରେ ସେହି ଛତ୍ରଗୁଣ ଧରି ।
ରହିଛି ସକଳ ବ୍ରହ୍ମାଣ୍ଡକୁ ସେ ଆବୋରି ॥୧୨॥
ଯେଉଁ ସ୍ଥାନ ଶୂନ୍ୟ ଦେଖୁ ଏହି ବ୍ରହ୍ମାଣ୍ଡରେ ।
ଶୂନ୍ୟ ନୁହେଁ ପୂର୍ଣ୍ଣ ସେହି ‘ଆକାଶ’ ତତ୍ତ୍ୱରେ ॥୧୩॥
ନୀଳବର୍ଣ୍ଣ ଧରି ଶୂନ୍ୟ ଶୋଭା ପାଉଥାଏ ।
ବ୍ରହ୍ମଙ୍କ ଇଚ୍ଛାରେ ଭିନ୍ନ ବର୍ଣ୍ଣ ଧରୁଥାଏ ॥୧୪॥
ପିଣ୍ଡରେ ଆକାଶ ତତ୍ତ୍ୱ ମୁଖ ମଣ୍ଡଳରେ ।
ବିରାଜିତ ସୂକ୍ଷ୍ମେ ପିଣ୍ଡ ଗଠନ ସୂତ୍ରରେ॥୧୫॥
ବ୍ରହ୍ମାଣ୍ଡରେ ଯେଉଁ ସୂତ୍ରେ ମଣ୍ଡଳ ଶୋଭିତ ।
ସେହି ସୂତ୍ରେ ପିଣ୍ଡ ମଧ୍ୟେ ଆକାଶ ପୂରିତ ॥୧୬॥
ସାଧନ ସୂତ୍ରରେ ଯୋଗୀ ଅନୁଭବେ ପାଏ ।
ଅଚ଼େତନ ହେଲେ କିଛି ପ୍ରାପତ ନହୁଏ ॥୧୭॥
ପିଣ୍ଡର ନାସା ଓ କର୍ଣ୍ଣ ମଳ ମୂତ୍ର ଦ୍ୱାର ।
ହାତନଖ, ଗୋଡ଼ନଖ, ଚ଼କ୍ଷୁକୋଣ ଦ୍ୱାର॥୧୮॥
କେଶମୂଳ, ରୋମମୂଳ ଆଦି ଯେତେ ଗର୍ତ୍ତ ।
ପୂର୍ଣ୍ଣ ହୋଇ ରହିଅଛି ଆକାଶର ତତ୍ତ୍ୱ ॥୧୯॥
ଏହି ସର୍ବପଥ ଦେଇ ବାୟୁ ନିଷ୍କାସନ ।
ବିଧିରେ ହୁଅଇ ସଦା ଅକାଶ ଚଳନ ॥୨୦॥
ଏହି ଆଧାରରେ ଦୂର ଦର୍ଶନ, ଶ୍ରବଣ ।
ସମ୍ଭବ ହେଉଛି ସ୍ଥୂଳେ ସଂଯୋଗେ କାରଣ॥୨୧॥
ସାଧନେ ଶୂନ୍ୟରେ ସୂକ୍ଷ୍ମକାରଣର ସୂତ୍ରୀ ।
ଅନୁଭବ ହୁଏ ଯେଣୁ ଆକାଶଟି ଛତ୍ରି ॥୨୨॥

ତୋର ମଙ୍ଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

*ସମାଜ ଆଜି ଏକ ଅଜଣା, ଅଦେଖା, ଅବର୍ଣ୍ଣନୀୟ ତଥା ଅକଳ୍ପନୀୟ ଆଶଙ୍କାରେ ଜର୍ଜରିତ ହୋଇ ଚେତନାହୀନ ହୋଇଯାଇଛି । ସେଥିପାଇଁ ଘନ ଅନ୍ଧକାର ମଧ୍ୟରେ ଆଲୋକବର୍ତ୍ତିକା ସମ ଏହି ସ୍ତମ୍ଭ ଯଦି ସମାଜରେ ଥିବା ଅମୃତର ସନ୍ତାନମାନଙ୍କୁ ନିତ୍ୟ ଜୀବନଦର୍ଶନ ପ୍ରଦାନ କରିପାରେ, ତେବେ ଆମେ ଧନ୍ୟ ହେବୁ । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀମୁଖରୁ ପର୍ଯ୍ୟାୟକ୍ରମେ ଝରିପଡ଼ିଥିବା ଦିବ୍ୟବଚନ ଏହି ସ୍ତମ୍ଭର ବିଷୟବସ୍ତୁ ।*

## ଠାକୁରଙ୍କ ଶ୍ରୀମୁଖନିଃସୃତ ବାଣୀ :

୧. ବଳବୀର୍ଯ୍ୟ, ତ୍ୟାଗ, ସରଳତା, ନିର୍ଭୀକତା, ଭ୍ରାତୃତ୍ୱପ୍ରେମ, ଆନୁଗତ୍ୟ, ଶାନ୍ତିକାମନା, ନିଷ୍କପଟତା, ନିଃସ୍ୱାର୍ଥପରତା, ନିର୍ଲୋଭତା, ନିଷ୍କାମତା, ସ୍ପଷ୍ଟବାଦିତା ଆଦି ତୁମ ଚରିତ୍ରରୂପକ ମାଳାର ଗୋଟିଏ ଗୋଟିଏ ଅମ୍ଳାନ, ଅମଳିନ ପୁଷ୍ପ ସ୍ୱରୂପ ପବିତ୍ର ଓ ଦିବ୍ୟ ଉପାଦାନ ।

୨. ନୀଚ଼ମନା ଲୋକମାନେ ଈର୍ଷାପରାୟଣ ହୋଇ ନିନ୍ଦା, ଅପବାଦ, କୁତ୍ସାରଟନା କରି ଅପମାନିତ କଲେ ମଧ୍ୟ ସଦ୍‌ବ୍ୟକ୍ତି ତାହା କାନରେ ପୂରାଏ ନାହିଁ ଓ ସବୁ ଶୁଣି, ସବୁ ଜାଣି ଅସ୍ୱାଭାବିକ ଭାବରେ ନୀରବ ରହେ । ଏହି ନୀରବତା ହିଁ ତା'ର ଭୂଷଣ ଓ ମନଃଶକ୍ତିର ପରିଚ଼ାୟକ ।

୩. ମନ, ଚକ୍ଷୁ ଓ ବାକ୍ ସଂଯମ, ସାଧକ ବା ଯୋଗୀର ସିଦ୍ଧିଲାଭ ପାଇଁ ସର୍ବଶ୍ରେଷ୍ଠ ସାଧନା ।

୪. ସାଧୁ ମହାତ୍ମାଙ୍କୁ ଅପମାନିତ କଲେ ବ୍ରହ୍ମହତ୍ୟା ପାପରେ ପଡ଼ିବାକୁ ହୁଏ । ସେହିପରି ନିଜ ମୁହଁରେ ନିଜର ପ୍ରଶଂସାଗାନ କରିବାର ଅର୍ଥ ଆତ୍ମହତ୍ୟା କରିବା ବ୍ୟତୀତ ଅନ୍ୟ କିଛି ବି ହୋଇ ନପାରେ ।

୫. ବିଶ୍ୱକଲ୍ୟାଣ ନିମନ୍ତେ ସାଧୁସନ୍ଥମାନଙ୍କ ମଧ୍ୟକୁ ବଳ, ବୁଦ୍ଧି, ବୀର୍ଯ୍ୟ, ତେଜ, ଓଜଃ ଇତ୍ୟାଦି ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇ ଆବଶ୍ୟକ ସମୟରେ ହିଁ ଆସିଥାଏ । ପୁନଶ୍ଚ ତାଙ୍କର ଇଚ୍ଛା ପୂର୍ଣ୍ଣ ହୋଇଯିବା ପରେ ସେ ସବୁ ବିନଷ୍ଟ ହୁଏ ଓ ଲୋପ ପାଏ । ତେଣୁ ଏଥିରେ ଈଶ୍ୱରଙ୍କର ମହତୀ ଇଚ୍ଛା ସଂଯୁକ୍ତ ଥିବା ହେତୁ ଏ ସବୁର ପ୍ରାପ୍ତିରେ ଆନନ୍ଦ ଓ ଲୁପ୍ତିରେ ବିଷାଦଗ୍ରସ୍ତ ହେବା ସାଧକର ଲକ୍ଷଣ ନୁହେଁ ।।

୬. ଜୀବନବ୍ୟାପୀ ଧର୍ମାଚ଼ରଣ, ଶୌର୍ଯ୍ୟ, ବୀର୍ଯ୍ୟ, ଜ୍ୟେଷ୍ଠାନୁଗତ୍ୟ, ଗୁରୁଭକ୍ତି, ସହନଶୀଳତା, ତପସ୍ୟା, ତ୍ୟାଗ, ସେବା ପ୍ରଭୃତି ମାଧ୍ୟମରେ ଜୀବନ ସଫଳ ଓ ସାର୍ଥକ କର । ଏସବୁ ମଧ୍ୟରେ ଔଦ୍ଧତ୍ୟ, ନିଷ୍ଠୁରତା, ସ୍ୱାର୍ଥପରତା, ଗର୍ବ, ଛଳନା, କପଟତା, ମିଥ୍ୟାଚ଼ାର ଆଦିକୁ ଲେଶମାତ୍ର ସ୍ଥାନ ଦିଅନାହିଁ ।

ସରଳ, ହୃଦୟବାନ, ଅଭିଜାତ, ଗମ୍ଭୀରାତ୍ମା, ଶିଳ୍ପୀ, ପ୍ରେମିକ ଓ ସମ୍ବେଦନଶୀଳ ହୁଅ-ଆମକୁ ନିଶ୍ଚୟ ପାଇପାରିବ ହିଁ ପାରିବ ॥

୭. ସକଳ ଦୈବୀଗୁଣ ତୁମର ଭୂଷଣ ହେଉ, ତୁମର ମହତ୍ତ୍ୱ ହେଉ । ଦିବ୍ୟ ପ୍ରଭାରେ ତୁମେ ଉଦ୍ଭାସିତ ହୁଅ । ତୁମେ ଏକାଧାରରେ ଯୋଗୀ ଓ ଭୋଗୀ ହୁଅ, ରାଜା ଓ ଋଷି ହୁଅ । ଏଥିପାଇଁ ଆମେ ତୁମକୁ ହୃଦୟଭରା କଲ୍ୟାଣ ଦେଉଛୁ । କରୁଣା କରୁଛୁ ॥

୮. ଧର୍ମାଚରଣ ଯାହାର ଅକ୍ଷୁର୍ଣ୍ଣ, ଯିଏ ସର୍ବଦା ଗୁରୁଙ୍କର ଆଜ୍ଞାବହ, ଯିଏ ଶିଶୁଭଳି ସରଳ ଓ ଉଦାର ଏବଂ ଯାହାର ପ୍ରେମଭକ୍ତି ଅନନ୍ୟ, ତାହାର ଜନ୍ମ, ଜୀବନ ସଫଳ ଓ ସାର୍ଥକ । କାରଣ ସେ ଅଯାଚିତ ଗୁରୁକୃପା ଲାଭ କରିପାରେ ॥

୯. ଶାନ୍ତିପ୍ରିୟ ଓ ମିତଭାଷୀ ହୁଅ । ଗୁରୁଙ୍କ ପ୍ରତି ତୁମର ଶ୍ରଦ୍ଧା ଓ ଆନୁଗତ୍ୟ ଅସାଧାରଣ ହେଉ । ଗୁରୁଙ୍କ କାର୍ଯ୍ୟକଳାପର ସାମାନ୍ୟତମ ସମାଲୋଚନା ମଧ୍ୟ କର ନାହିଁ । ଦୃଢ଼ବିଶ୍ୱାସ ସ୍ଥାପନ କର । ଦେଖ, ତୁମର ଅଭୀଷ୍ଟ ସିଦ୍ଧି ଅବଶ୍ୟ ହୋଇଯାଇଛି ॥

୧୦. ସୁଖରେ, ଦୁଃଖରେ, ସମ୍ପଦରେ, ବିପଦରେ ସବୁବେଳେ ସବୁଠାରେ ଧୈର୍ଯ୍ୟଧରି ଗୁରୁଙ୍କ ଠାରେ ଆନୁଗତ୍ୟ ପ୍ରକାଶ କରି ଧର୍ମବ୍ରତୀକୁ ସହାୟତା କରିବା, ଧର୍ମ ସଂସ୍ଥାପନ କାର୍ଯ୍ୟରେ ନିଜ ଜୀବନକୁ ଆନନ୍ଦର ସହିତ ଉତ୍ସର୍ଗ କିରବା, ଧର୍ମ ବିରୋଧୀମାନଙ୍କର ଶତସହସ୍ର ଚାପ ସତ୍ତ୍ୱେ ଧର୍ମବ୍ରତୀକୁ ସବୁ ଭାବରେ ରକ୍ଷା କରିବା ତଥା ଉତ୍ସାହ ଦେବା ଦ୍ୱାରା ସମାଜ ଓ ବିଶ୍ୱର ବୃହତ୍ତର କଲ୍ୟାଣର ପଥ ପ୍ରଶସ୍ତ କରିବାକୁ ସହାୟତା କରେ ଓ ବ୍ୟକ୍ତିଗତ ଗୌରବ ଚରମ କାଳରେ ପ୍ରାପ୍ତ କରାଏ ।

୧୧. ବାହାର ବସ୍ତୁ ତ୍ୟାଗ କଲେ ସୁଦ୍ଧା ସନ୍ନ୍ୟାସ ସାଧନା ସିଦ୍ଧି ହୁଏ ନାହିଁ । ମନ ଓ ଅନ୍ତଃକରଣର କାମନାବାସନା ତ୍ୟାଗ କରି, ନିରାସକ୍ତ ଭାବରେ ଜୀବନଯାପନ କଲେ ଧର୍ମାଚରଣ ହୋଇ ସନ୍ନ୍ୟାସ ସାଧନାର ସିଦ୍ଧିପ୍ରାପ୍ତ ହୁଏ ।

୧୨. 'ମମ' କାରର ମୃତ୍ୟୁ ଅର୍ଥାତ୍ 'ନ ମମ' ବା 'ମୋର ନୁହେଁ' ଏବଂ ''ମମ-କାର' ର ପରିତ୍ୟାଗ କଲେ, ବ୍ରହ୍ମପ୍ରାପ୍ତି ଘଟିଥାଏ । ବାଣୀଟେ ଶୁଣନ୍ତୁ -

''ମୁଁ, ମୋର, ମୋତେ ମାରିବୁ ଯେବେ ।
ଧନରେ ! ଆମକୁ ପାଇବୁ ତେବେ ॥''


୧୩. 'ମମତ୍ୱ' ବୋଧ ହିଁ ମୃତ୍ୟୁର କାରଣ । ସେହିପରି 'ମମତ୍ୱ' ପରିତ୍ୟାଗ ହିଁ ମୁକ୍ତି ଓ ଚରମ ପ୍ରାପ୍ତି ॥

୧୪. ବଣଜଙ୍ଗଲରେ ବାସ କରି ଅନ୍ତଃକରଣରେ ବିଷୟବାସନା ସାଇତି ରଖିଲେ ସଂସାର ତ୍ୟାଗ ମୂଲ୍ୟହୀନ, ବୃଥା ॥


ମହାଶୂନ୍ୟ
ଚିତ୍ର ନଂ.୧
କେଶବଙ୍କ ମର୍ତ୍ତ୍ୟାବତରଣର
କିଞ୍ଚିତ୍ ସୂତ୍ର
ପୂର୍ଣ୍ଣ
ମହାଶୂନ୍ୟ
ଅବ୍ୟକ୍ତ
ଚରମ
ଅରୂପ
ଅସଂଖ୍ୟ ବ୍ରହ୍ମାଣ୍ଡର ଉତ୍ପତ୍ତି
ଶକ୍ତି ମାୟା
ରଜ୍ଜୁ
ପୁରୁଷ ପ୍ରକୃତି
ମହା
ଶୂନ୍ୟ
ବ୍ୟକ୍ତ
ସାକାର
ପରବ୍ରହ୍ମ
ପ୍ରକୃତି ପୁରୁଷ
ଶ୍ରୀରାଧା କୃଷ୍ଣ
ନିତ୍ୟରାସସ୍ଥଳ
ଯୋଗୀ, ମୁନି,
ଋଷି, ବ୍ରହ୍ମର୍ଷି ଇତ୍ୟାଦି
ଏବଂ ଅବତାର,
ଅବତାରୀଙ୍କ
ମର୍ତ୍ତ୍ୟାବତରଣ
(ଗୁରୁ, ଉପଗୁରୁ, ଖଣ୍ଡଗୁରୁ, ସଦ୍‌ଗୁରୁ)
ଜରାୟୁ
ଶିଶୁ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ନାଭିସୂତ୍ରୀ → ମାଂସ
ଚକ୍ଷୁସୂତ୍ରୀ → ମଦ
ନାସାସୂତ୍ରୀ → ମତ୍ସ୍ୟ
କର୍ଣ୍ଣସୂତ୍ରୀ → ମୁଦ୍ରା
ତୁଣ୍ଡସୂତ୍ରୀ → ମୈଥୁନ
ସାକାରବ୍ରହ୍ମଙ୍କର ପିତା,
ମାତାଙ୍କ ମର୍ତ୍ତ୍ୟାବତରଣ
ଯୁଗାନୁବାଦରେ ତତ୍କାଳୀନ ପରିସ୍ଥିତି
ଆଧାରରେ ଅବତାର, ଜ୍ଞାନତତ୍ତ୍ୱଯୋଗୀ
ଧର୍ମଯାଜକ, ପରିବ୍ରାଜକ, ସାଧୁ,
ସନ୍ଥ, ସନ୍ନ୍ୟାସୀ ଇତ୍ୟାଦି ।
ଚରମ
ଗୁରୁଅଙ୍ଗ
ଶ୍ରୀକେଶବ ପୂର୍ଣ୍ଣ ନରତନୁ/ପୂର୍ଣ୍ଣଗୁରୁ

ଚିତ୍ର ନଂ.୨


ଅବ୍ୟକ୍ତ, ବ୍ୟକ୍ତ, ବ୍ରହ୍ମ, ଅବସ୍ଥା



# ଚିତ୍ର ନଂ-୩
# ମାୟାର ବ୍ୟାପକତା



## ଚିତ୍ର ନଂ-୪
# ବିଷ୍ଣୁମାୟାଙ୍କ ବିସ୍ତାରିତ କାୟା



# ନୀଳଚକ୍ର
## ଚରମର ସଂକେତ

## ଚରମ ଚୈତନ୍ୟ ମହାଯଜ୍ଞ (ଚତୁର୍ଥ ଚରଣ)

**୧୪୨୨ ସାଲ, ମେଷ ଦି୧୮ନ, ବୈଶାଖ ଦି୧୧ନ, ସନ ୨୦୧୫ ମସିହା ମଇ ତା୧ରିଖ ଶୁକ୍ରବାର ଠାରୁ ମେଷ ଦି୨୧ନ, ବୈଶାଖ ଦି୧୪ନ, ମଇ ତା୪ରିଖ ସୋମବାର ''ଚନ୍ଦନ ପୂର୍ଣ୍ଣିମା'' ପର୍ଯ୍ୟନ୍ତ ଅନୁଷ୍ଠିତ ।**

**ସ୍ଥାନ : ସାହାରପଡ଼ା, କେନ୍ଦୁଝର ।**

**କା**ଳର ପର୍ଯ୍ୟାୟଭିତ୍ତିକ ଗତିଚକ୍ରରେ **''ଚରମ ଚୈତନ୍ୟ ମହାଯଜ୍ଞ''** ଆଜି ଚତୁର୍ଥ ଚରଣରେ ପଦାର୍ପଣ କରିଛି । ତୃତୀୟ ଚରଣ **ଚୈତନ୍ୟ ମଣ୍ଡପରେ ବିଜେ ହୋଇ ଅବ୍ୟକ୍ତ** ପୁରୁଷ ତାଙ୍କର ବ୍ୟକ୍ତ ମାନବରୂପରେ ବିରାଜମାନ କରି ନିଜର ପରିଚୟ **ପ୍ରଦାନ କରି ସାରିଛନ୍ତି** । 'ଚରମ', 'ଚୈତନ୍ୟ'ର ସରଳ ଭାବାର୍ଥ ଓ ମହାଯଜ୍ଞର ଉଦ୍ଦେଶ୍ୟ ସମ୍ପର୍କରେ **ଯଜ୍ଞ ଉପଲକ୍ଷେ ପ୍ରକାଶିତ** ସ୍ମରଣିକାରେ ଉଲ୍ଲେଖ କରି ସାରିଛନ୍ତି । ତଥାପି କିଛି ଦିବ୍ୟାତ୍ମା ମାୟା **ଶିକୁଳିର ପ୍ରଭାବରେ ଉକ୍ତ** ଚିରନ୍ତନ ସତ୍ୟ ଓ ବାସ୍ତବତାକୁ ଗ୍ରହଣ ନକରି ନିଜର ଅଜ୍ଞାନ, ଅଚେତନ ରୂପକ **ଅନ୍ଧକାର ମଧ୍ୟରେ ନିଜକୁ** ହଜାଇଦେଇ ମାଳିକାର ପ୍ରମାଣ ଖୋଜୁଛନ୍ତି, ସେ ସମ୍ପର୍କରେ ବିଭିନ୍ନ **ପ୍ରଶ୍ନ ମଧ୍ୟ ଉତ୍ଥାପନ କରୁଛନ୍ତି** । ଏହାହିଁ କାଳସୂତ୍ରର ପ୍ରହେଳିକା ଏବଂ ଭାବଚ଼ହଲା ପଥର ଜ୍ୱଳନ୍ତ **ଉଦାହରଣ ଅଟେ । ସମ୍ମୁଖରେ** କୋଟିସୂର୍ଯ୍ୟଙ୍କର ମହାଜ୍ୟୋତି ଉଦ୍ଭାସିତ ହେଉଥିବା ସମୟରେ, ସେହି ଜ୍ୟୋତିକୁ **ପଶ୍ଚାଦ୍‌ଭାଗରେ** ରଖି ନିଜର ଅଚେତନରୂପୀ ଛାୟାକୁ ଅନ୍ଧକାର ଭାବି ତା' ମଧ୍ୟରେ କ୍ଷୁଦ୍ରାତିକ୍ଷୁଦ୍ର ଖଦ୍ୟୋତର **ଆଲୋକକୁ ଖୋଜିବାରେ** ସମୟ ବିତାଇଚ଼ାଲିଛନ୍ତି । କେବଳ ସେତିକି ନୁହେଁ, ଯେଉଁ ସ୍ଥାନରେ ଉକ୍ତ ଯଜ୍ଞୋତ୍ସବ **ଅନୁଷ୍ଠିତ ହେଉଛି**, ସେ ସ୍ଥାନ ସମ୍ପର୍କରେ ବର୍ଣ୍ଣିତ ମାଳିକା ପ୍ରାସଙ୍ଗିକତାକୁ ମଧ୍ୟ ଅତି ବ୍ୟାକୁଳ ହୋଇ **ଅନୁସନ୍ଧାନ କରିବାକୁ** ବ୍ୟଗ୍ର ହୋଇ ଉଠୁଛନ୍ତି । ଏହି ସମସ୍ତ ଐନ୍ଦ୍ରଜାଲିକ ମାୟାର ଆସ୍ତରଣ ପଛରେ **ଯେଉଁ କେତୋଟି ଅବୋଧ** ସତ୍ୟ ଲୁକ୍କାୟିତ ହୋଇ ରହିଯାଇଛି, ସେଥିମଧ୍ୟରୁ କିୟଦଂଶ ଆଲୋଚ଼ନାର ପ୍ରଥମ **ଭାଗରେ** ଉପସ୍ଥାପନ କରିବାର ପ୍ରୟାସ କରୁଛୁ ଏବଂ ଆଶା ରଖୁଛୁ ସନ୍ଦେହୀ ତଥା ଅବୁଝା ମନର **ଦ୍ୱନ୍ଦ୍ୱ କିଛି ପରିମାଣରେ** ସମାହିତ ହେବା ସହ ପୂଜ୍ୟ ଦିବ୍ୟାତ୍ମାଗଣ ଜିଜ୍ଞାସୁ ପତଙ୍ଗ ସମ ବ୍ରହ୍ମଲୀଳା ଏବଂ **ବ୍ରହ୍ମସୂତ୍ର ରୂପକ ଆଲୋକବର୍ତ୍ତିକା** ନିକଟକୁ ଆକର୍ଷିତ ହେବେ ।

ପୂଜନୀୟ ଦିବ୍ୟାତ୍ମାଗଣଙ୍କର ସ୍ମରଣ ଥାଇପାରେ ଯେ ଇଂରାଜୀ ସନ୨୦୦୦ ମସିହା ସେପ୍ଟେମ୍ବର ମାସ ୧୩ ତାରିଖରୁ ଅକ୍ଟୋବର ମାସ ୦୩ ତାରିଖ ପର୍ଯ୍ୟନ୍ତ ମାହାଙ୍ଗାସ୍ଥ ସ୍ୱର୍ଣ୍ଣକ୍ଷେତ୍ରରେ ଚରମେଶ୍ୱରଙ୍କର ପୁତ୍ରାଭିଷେକ ଉତ୍ସବ ପାଳନ ହୋଇଥିଲା । ଉକ୍ତ ଅଭିଷେକର ନାମକରଣ ସମ୍ପର୍କରେ ସଂକ୍ଷେପ ଆଲୋଚନା କଲେ, ଆପଣମାନେ ଉପଲବ୍ଧି କରିପାରିବେ ଯେ କିଏ ଏହି ଅବ୍ୟକ୍ତର ବ୍ୟକ୍ତରୂପ **ଶ୍ରୀ କେଶବଚନ୍ଦ୍ର** । କେତେ ଚତୁରତାର ସହ ସେ ଧରିତ୍ରୀଙ୍କ ସହ ତାଙ୍କର ସମ୍ପର୍କ ସେତୁ ପ୍ରତିଷ୍ଠା କରି ନିଜର ପରିଚୟ ପ୍ରଦାନ କରିଥିଲେ । ତଥାପି କାଳର ଅଖଣ୍ଡ ପ୍ରଭାବ ତଥା କଳିମହାରାଜଙ୍କ ପ୍ରଚଣ୍ଡ ସଂଘାତରେ ସେ ସମସ୍ତ ହ୍ଲାଦିନୀ ଶକ୍ତି ନିଷ୍ପ୍ରଭ ହୋଇଯାଇଅଛି । କାରଣ ସମ୍ପ୍ରତି ମନୁଷ୍ୟର ମନ ମଧ୍ୟରୁ ପ୍ରେମ, ଭକ୍ତି, ଶ୍ରଦ୍ଧା, ଅହିଂସା, ଜ୍ଞାନ, ବିବେକ (ଚେତନା) ଆଦି ସୁଗୁଣ ଅପସରି ଯାଇ ହିଂସା, ଦ୍ୱେଷ, ପରଶ୍ରୀକାତରତା, ଅବିବେକିତା (ଅଚେତନତା), ଅଜ୍ଞାନତା ଆଦି କୁଗୁଣଗୁଡ଼ିକ ଜମାଟ ବାନ୍ଧିଯାଇଛି । ସମାଜରେ ବର୍ତ୍ତମାନ ଉପସ୍ଥିତ ଥିବା ଅଜବ ତଥା ବିକଳ୍ପ ଯୁକ୍ତି, ବିଜ୍ଞାନର କ୍ଷଣିକ ଚମତ୍କାରିତା ଏବଂ ଅଜ୍ଞାନର ଦୃଢ଼ ପରଦାର ପ୍ରଭାବ ବାସ୍ତବତାକୁ ଅସ୍ୱୀକାର କରିଚାଲିଛି । ସେହି କାରଣରୁ ସ୍ନେହ, ପ୍ରୀତି, ମମତା ଆଦି ସାତ୍ତ୍ୱିକଗୁଣଗୁଡ଼ିକର ଅଭାବରେ ଧରାପୃଷ୍ଠରେ ଶାନ୍ତି, ସଂହତି, ସତ୍ୟ ପ୍ରତିଷ୍ଠା ପ୍ରାୟତଃ ଅସମ୍ଭବ ମନେହେଉଛି । ଉକ୍ତ ସୁଗୁଣଗୁଡ଼ିକର ଅଧିକାରୀ ହେବାକୁ ହେଲେ ସ୍ରଷ୍ଟାଙ୍କର ପ୍ରତ୍ୟକ୍ଷ ଅବା ପରୋକ୍ଷ ଆଶୀର୍ବାଦ ଏକାନ୍ତ କାମ୍ୟ । ନତୁବା ଦିବ୍ୟଗୁଣ ତଥା ଦିବ୍ୟସତ୍ତା ମନୁଷ୍ୟ ମଧ୍ୟରେ ଅଙ୍କୁରିତ ହେବା ଆଦୌ ସମ୍ଭବପର ହେବନାହିଁ । କେବଳ ସେହି କାରଣରୁ ହିଁ ଆଗାମୀ ସନ୍ଧିକ୍ଷଣରେ ଜୀବଜଗତକୁ ପ୍ରଳୟର କ୍ରୁରଚକ୍ରରୁ ରକ୍ଷାକରି ଅମୃତତ୍ୱର ସ୍ୱାଦୋପଲବ୍ଧି କରାଇବାର ଲକ୍ଷ୍ୟନେଇ କଲ୍ୟାଣମୟ ଠାକୁରେ ଗୋଟିକ ପରେ ଗୋଟିଏ ଜୀବ-ପରମ ମିଳନର ସେତୁ ପ୍ରତିଷ୍ଠା କରିଚାଲିଛନ୍ତି । ତାଙ୍କର ମାନସ ସନ୍ତାନ ପତ୍ରିକା 'ଚରମ' ପୃଷ୍ଠାରେ ଲିଖିତ ଭାବରେ, ସତ୍‌ସଙ୍ଗର ଆଲୋଚନା ମାଧ୍ୟମରେ ଏବଂ ସମୟାନୁକ୍ରମେ ଦିବ୍ୟବାଣୀ/ସନ୍ଦେଶ ଜରିଆରେ କଲ୍ୟାଣ ବର୍ଷାକରି ଚାଲିଛନ୍ତି । ଅତ୍ୟନ୍ତ ନିଗୂଢ଼ ରହସ୍ୟ, ଯାହା ଆଜି ପର୍ଯ୍ୟନ୍ତ ଧରାବତରଣ କରି ନଥିଲା, ସେଗୁଡ଼ିକ ପର୍ଯ୍ୟାୟକ୍ରମେ ଅନାବରଣ କରିଚାଲିଛନ୍ତି । ତଥାପି ଅବୁଝା ମନ ବୁଝିବାକୁ କୁଣ୍ଠିତ । ଏହାସତ୍ତ୍ୱେ ସେ ପରଂବ୍ରହ୍ମ ପରମେଶ୍ୱର ନିର୍ବିକାର ଚିତ୍ତରେ ତାଙ୍କର ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେଇ ଚାଲିଛନ୍ତି ।

ଆସନ୍ତୁ, ସେହିପରି ଏକ ଅନାଲୋଚିତ, ଅବୋଧ ତଥା ଗୋପନସୂତ୍ରର ଆଲୋଚନା ମଧ୍ୟକୁ ମନୋନିବେଶ କରିବା । ଆମେ ସମସ୍ତେ ଆମର ଏ ପବିତ୍ର ଭୂମିକୁ ଧରିତ୍ରୀ, ପୃଥିବୀ, ମୃତ୍ତିକା ଇତ୍ୟାଦି ନାମରେ ସମ୍ବୋଧନ କରିଚାଲିଛେ । କିନ୍ତୁ ଏହାର ଉତ୍ପତ୍ତି କିପରି, କେବେ, କେଉଁ ଅବସ୍ଥାରେ ହୋଇଥିଲା, ସେହି ଗୂଢ଼ ରହସ୍ୟକୁ ଭେଦ କରିବାର ସାମର୍ଥ୍ୟ ଆମ୍ଭମାନଙ୍କର ନାହିଁ । ସେଇଥି ପାଇଁ ଏହି ସ୍ମରଣିକାର ପ୍ରାସଙ୍ଗିକତା ନଥିଲେ ମଧ୍ୟ ଆମ୍ଭ ଜନ୍ମଭୂମିର ଧରାବତରଣ ରହସ୍ୟକୁ ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ବିଗତ ସନ ୨୦୦୦ ମସିହାର ରହସ୍ୟମୟ **ଅଭିଷେକ** ମହାପର୍ବର କିଛି ଅଂଶକୁ ସ୍ମରଣ କରିବା ଉଚିତ ମନେ କରୁଅଛୁ ।

ପୁତ୍ରର ଅଭିଷେକ = ପୁତ୍ରାଭିଷେକ । **କିଏ ପୁତ୍ର ? କାହାର ପୁତ୍ର ? କିଏ ଅଭିଷେକ କରିଥିଲେ? କାହିଁକି ଅଭିଷେକ କରିଥିଲେ ?** ପୂର୍ବ ପ୍ରକାଶିତ ସ୍ମରଣିକା, ସତ୍‌ସଙ୍ଗ ଅନୁଷ୍ଠାନ ମାଧ୍ୟମରେ ଆମେ ବାରମ୍ବାର ଉଦ୍‌ଘୋଷଣା କରିଛୁ ଯେ ସ୍ରଷ୍ଟାଙ୍କ ଇଚ୍ଛା ହିଁ ସୃଷ୍ଟି । ତାଙ୍କର ଲୀଳା ହେଉଛି ସୃଷ୍ଟିର ଚଳନକ୍ରିୟା । ସ୍ୱ ସୃଷ୍ଟ ନୀତି ଓ ନିୟମକୁ କଦାପି ସେ ଅନାଦର କରନ୍ତି ନାହିଁ । ସୀମା ଲଂଘନ ମଧ୍ୟ କରନ୍ତି ନାହିଁ ।

ସ୍ୱଇଚ୍ଛାରେ ନିଜକୁ ସୃଷ୍ଟି କରାଇ ମାନବ ଅଙ୍ଗରେ ଅବତରି ଆସିଥିଲେ ମଧ୍ୟ ପଞ୍ଚଭୂତର ଆଧାରରେ ନିର୍ମିତ ଏହି ଧରିତ୍ରୀର ନିୟମ ପାଳନ କରିବା ପାଇଁ ସେ ବାଧ୍ୟ ହୋଇଛନ୍ତି । ସେହି ନିୟମାବଳୀର ନୀତି ପାଳନ ପ୍ରକ୍ରିୟାରେ ଧରିତ୍ରୀରେ ସେ ଲୀଳା, ଖେଳା କରୁଥିଲେ ମଧ୍ୟ ତାଙ୍କୁ ମା' ଧରିତ୍ରୀ ପୁତ୍ରରୂପେ ସ୍ୱୀକୃତି ଦେବା ଏକ ଅନିବାର୍ଯ୍ୟ ବିଧି ଅଟେ । ଅବଶ୍ୟ ଏହି ସ୍ଥଳରେ ଏକ ଦ୍ୱନ୍ଦ୍ୱ ଉପୁଜିବା ସ୍ୱାଭାବିକ । ତାହା ହେଉଛି, ଜନ୍ମ ନେଇ ଭୂମିଷ୍ଠ ହେବା ମାତ୍ରେ ଧରିତ୍ରୀର ସନ୍ତାନଭାବେ ସ୍ୱୀକୃତି ଆପେ ଆପେ ପ୍ରାପ୍ତ ହୋଇଯାଏ । ତେଣୁ ପରିଣତ ବୟସର ପୁନଃ ସ୍ୱୀକୃତିର ପ୍ରୟୋଜନ ନାହିଁ, ଏହା ସତ୍ୟ । ଏହି ପରିପ୍ରେକ୍ଷୀରେ କେତେଗୋଟି ଉଦାହରଣ ଦିଆଯାଇପାରେ । ସାଧାରଣ ପରିବାରରେ ଶିଶୁଟିଏ ଜନ୍ମ ନେଲେ, ସୂକ୍ଷ୍ମସୂତ୍ରର ଅଦୃଶ୍ୟ ତତ୍ତ୍ୱରେ ତା'ର ଜନ୍ମର ଏକୋଇଶି ଦିନ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ବିଧାନ ଅନୁସରଣ କରି ଶେଷଦିନ ଏକୋଇଶିଆ ପର୍ବ ପାଳନ କରିବାର ଯଥାର୍ଥତା କ'ଣ ହୋଇପାରେ ? ଏହା ଅନୁସୃତ ହୁଏ, କେବଳ ଧରିତ୍ରୀଙ୍କର ସ୍ୱୀକୃତି ଲାଭ କରିବା ନିମିତ୍ତ । ଏହା ବ୍ୟତୀତ ବଂଶାନୁକ୍ରମିକ ପ୍ରକ୍ରିୟାରେ ଜଣେ ରାଜାଙ୍କର ପୁତ୍ର (ରାଜକୁମାର) ଉତ୍ତରାଧିକାର ସୂତ୍ରରେ ରାଜସିଂହାସନର ଅଧିକାରୀ । ତାହା ସତ୍ତ୍ୱେ ତାଙ୍କୁ ପୁନର୍ବାର ସିଂହାସନରେ ଅଭିଷେକ କାହିଁକି କରାଯାଏ ? କେବଳ ଧରିତ୍ରୀଙ୍କ ନିକଟରୁ ରାଜାର ସ୍ୱୀକୃତି ଲାଭ କରିବାପାଇଁ । ସମାଜରେ ଅପରିଚିତ ପୁଅ ଓ ଝିଅ ପୃଥକ ଭାବରେ ରହିଥା'ନ୍ତି । ପୁରୋହିତ ମାଧ୍ୟମରେ ବୈଦିକ ପ୍ରଥା ଅଥବା ଯେକୌଣସି ପ୍ରଚଳିତ ସ୍ୱୀକୃତ ପ୍ରଥା ଦ୍ୱାରା ଉଭୟଙ୍କ ବିବାହ କାର୍ଯ୍ୟ ସମ୍ପାଦନ କରା ନଗଲେ ସମାଜ ସେମାନଙ୍କୁ ସ୍ୱାମୀ ସ୍ତ୍ରୀର ମର୍ଯ୍ୟାଦା ପ୍ରଦାନ କରିଥାଏ କି ? ଠିକ୍ ସେହିପରି ସ୍ରଷ୍ଟା ସ୍ୱୟଂ ଅବତରିତ ହୋଇ ଧରିତ୍ରୀ କୋଳରେ ଲୀଳା ପ୍ରକଟ କରିଚାଲିଥିଲେ ମଧ୍ୟ ପ୍ରକୃତିରାଣୀଙ୍କ ଅବଧାରିତ ନିୟମାନୁସାରେ ତାଙ୍କୁ ଧରିତ୍ରୀରେ ପରିଚିତ କରିବା ପାଇଁ ବୈଦିକ ସ୍ୱୀକୃତି ଅପରିହାର୍ଯ୍ୟ ଅଟେ । ବିଗତ ଯୁଗମାନଙ୍କରେ ମଧ୍ୟ ଅବତାର ଏବଂ ଅବତାରୀ ପୁରୁଷ ପୁଙ୍ଗବଗଣ ଏହି ନିୟମ ସୂତ୍ରରେ ଅଭିଷିକ୍ତ ହୋଇଥିଲେ । ସେହି କ୍ରମରେ କେବଳ ଅବତାର, ଅବତାରୀ ନୁହଁନ୍ତି, ସମସ୍ତ ବରପୁତ୍ର ଯେଉଁମାନେ ସୃଷ୍ଟିରକ୍ଷା, ପାଳନ ତଥା ସଂହାରାଦି କ୍ରିୟାପାଇଁ ଆଶୀର୍ବାଦଯୁକ୍ତ ହୋଇ ପ୍ରେରିତ ହୋଇଛନ୍ତି ଏବଂ ଭବିଷ୍ୟତରେ ହେବେ, ସେମାନଙ୍କର ମଧ୍ୟ ଅଭିଷେକ ହୋଇଅଛି ଏବଂ ହେବ । ଏହି କ୍ରିୟା ବ୍ୟତିରକେ ଧରିତ୍ରୀର ଋଣୀ ହୋଇ ରହିଯିବାକୁ ହେବ । ଧରିତ୍ରୀ, ପୁତ୍ରର ସ୍ୱୀକୃତି କଦାପି ଦେବେ ନାହିଁ । କାହିଁକି ଏତେ କଠୋର ବିଧି ସ୍ଥିରୀକୃତ ହୋଇଛି ? ତାହାର କାରଣ -

ମର୍ତ୍ତ୍ୟଭୂମି ନିର୍ମାଣର ଅନେକ ପୂର୍ବରୁ କଳ୍ପଯୁଗ ଭୋଗର **୫୪ (ଚଉବନ)** କଳ୍ପରେ ବ୍ରହ୍ମଦେବ ପ୍ରକୃତିଙ୍କ ପଞ୍ଚପ୍ରଧାନ ଅଂଶରୁ ଏକ ଅଂଶ 'ମା' ଧରିତ୍ରୀ'ଙ୍କୁ ତପ ଆଚରଣ କରିବାପାଇଁ ନିର୍ଦ୍ଦେଶ ଦେଲେ । ସେତେବେଳେ ଧରିତ୍ରୀଙ୍କର କେଣସି ରୂପ ନଥିଲା, ଆକାର ନଥିଲା, ପ୍ରକୃତି, ପ୍ରବୃତ୍ତି ବା ନିବୃତ୍ତି କିଛି ହିଁ ନଥିଲା । ଶୁଦ୍ଧ ସ୍ଫଟିକ ଜ୍ୟୋତିର ଆଭାରେ ଶୂନ୍ୟସତ୍ତାରେ ଭାସମାନ ଅବସ୍ଥାରେ ଥିଲେ । ବ୍ରହ୍ମାଙ୍କର ନିର୍ଦ୍ଦେଶାନୁକ୍ରମେ ମା' ଧରିତ୍ରୀ କଠୋର ତପ ଆଚରଣ କରିଥିଲେ । ତପ ସିଦ୍ଧ ପରେ ବ୍ରହ୍ମଦେବ ତାଙ୍କୁ ମର୍ତ୍ତ୍ୟଭୂମି ନିର୍ମାଣର ଆଧାର ହେବା ପାଇଁ ଆଶୀର୍ବାଦଯୁକ୍ତ ଆଜ୍ଞା ପ୍ରଦାନ କଲେ । ଆଜ୍ଞାପାଳନ ପାଇଁ ମା' ଧରିତ୍ରୀ ବ୍ରହ୍ମଙ୍କ "ହିମାର୍ଣ୍ଣି" ଦ୍ୱାରକୁ ମାଧ୍ୟମ କରି ମର୍ତ୍ତ୍ୟଧାମକୁ ପ୍ରବେଶ କରିବାପାଇଁ "ମୃତ୍ତିକା" ଆକାର ଧାରଣ କଲେ ।

ସେହି ମୃତ୍ତିକାର ଆଧାରଶିଳା ଉପରେ ଆଜି ଏ ମର୍ତ୍ତ୍ୟଭୂମିର ସୃଷ୍ଟି । ମୃତ୍ତିକା ରୂପ ନେଇ ମର୍ତ୍ତ୍ୟଭୂମି ସୃଷ୍ଟିର କାରଣରୂପେ ବିରାଜିତ ହେବା ପୂର୍ବରୁ ମା' ଧରିତ୍ରୀ ତପର ଫଳସ୍ୱରୂପ ନିମ୍ନୋକ୍ତ ବରପ୍ରାପ୍ତ ହୋଇଥିଲେ ।

**୧.** ସୃଷ୍ଟିନିର୍ମାଣ, ପାଳନ, ସଂହାର ତଥା ପରିଚାଳନା ଏବଂ ବ୍ରହ୍ମସୂତ୍ର, ବ୍ରହ୍ମଲୀଳା ସଂରଚନା ପାଇଁ ପ୍ରେରିତ ସମସ୍ତ ବରପୁତ୍ର ଓ ସୃଷ୍ଟିରେ ଉତ୍ପନ୍ନ ହେବାକୁ ଥିବା ସମସ୍ତ ଜୀବଜଗତ ତାଙ୍କରି କୋଳରେ ଆଶ୍ରୟ ନେବେ ଓ ଧରିତ୍ରୀକୁ ମା'ର ମର୍ଯ୍ୟାଦା ପ୍ରଦାନ କରିବେ ।

**୨.** ପର୍ଯ୍ୟାୟ କ୍ରମରେ ସାଧୁ, ସନ୍ଥ, ସାଧକ, ସିଦ୍ଧପୁରୁଷ, ମହାପୁରୁଷ, ମୁନି, ଋଷି, ଯୋଗୀ, ଅବତାର, ଅବତାରୀ ତାଙ୍କରି କୋଳରେ ଆବିର୍ଭାବ ହେବେ ଓ ଲୀଳା ପ୍ରକଟ କରିବେ । କିନ୍ତୁ ମର୍ତ୍ତ୍ୟକୁ ଧରାବତରଣ କରିବାମାତ୍ରେ ମା' ଧରିତ୍ରୀଙ୍କୁ ସୂକ୍ଷ୍ମରେ ନିଜର ଦର୍ଶନ ଓ ପରିଚୟ ପ୍ରଦାନ କରିବେ ।

**୩.** ଅବତାରୀ ହୁଅନ୍ତୁ ବା ଅବତାର ଅଥବା ସ୍ୱୟଂ ଅବ୍ୟକ୍ତ ଯଦି ବ୍ୟକ୍ତରୂପରେ ଧରିତ୍ରୀ (ମୃତ୍ତିକା-ମର୍ତ୍ତ୍ୟଭୂମି)କୁ ଆସନ୍ତି, ତେବେ ସେ ବ୍ରହ୍ମବେଳାରେ ମା' ଧରିତ୍ରୀଙ୍କୁ ସୂକ୍ଷ୍ମ ଦର୍ଶନ ଦେବେ ତଥା ମା' ତାଙ୍କୁ କୋଳରେ ଧାରଣ କରି ପୁତ୍ରର ସ୍ୱୀକୃତି ପ୍ରଦାନ କରିବେ । ଏହି ସୂକ୍ଷ୍ମକ୍ରିୟାର ସ୍ଥୂଳ ପରିପ୍ରକାଶ **ଅଭିଷେକ** ନାମରେ ନାମିତ ହୋଇ ଜୀବଜଗତରେ ପ୍ରକାଶିତ ହେବ ।

**୪.** ଯୋଗମାୟାଙ୍କ ଯୋଗାଙ୍ଗୀ ତତ୍ତ୍ୱ ଓ ମହାମାୟାଙ୍କ ମୋହିନୀ ତତ୍ତ୍ୱର ଲୀଳାଂଶ ସେ (ଧରିତ୍ରୀ) ନିଜେ ହିଁ ହେବେ । ଏହି ବର ପ୍ରଭାବରେ ଶିଶୁଟିଏ ଜନ୍ମ ହୋଇ ଧରିତ୍ରୀରେ ଭୂମିଷ୍ଠ ହେବାମାତ୍ରେ ସେ ସମ୍ପୂର୍ଣ୍ଣ ଭାବରେ ମୋହାଚ୍ଛନ୍ନ ହୋଇଥାଏ । କିନ୍ତୁ ଅବତାର, ଅବତାରୀ, ବରପୁତ୍ରମାନେ ଜାତସ୍ମର ହୋଇଥିବାରୁ ଭୂମିଷ୍ଠ ହେବାର ପୂର୍ବକ୍ଷଣରେ ମା' ଧରିତ୍ରୀଙ୍କୁ ମା' ସମ୍ବୋଧନ କରି ସୂକ୍ଷ୍ମ ଦର୍ଶନ ଦେଉଥିବାରୁ, ତାଙ୍କୁ ମାୟାଂଶ ବା ମୋହାବସ୍ଥା ସ୍ପର୍ଶ କରି ନଥାଏ । ଉଭୟ ପ୍ରଜାତିର ଆତ୍ମା, ଶରୀର ଧାରଣ କରି ଧରିତ୍ରୀ ସ୍ପର୍ଶ କରିବାମାତ୍ରେ ଜୀବନର ପୂର୍ଣ୍ଣାଙ୍ଗ ପ୍ରାପ୍ତି ପାଇଁ ସାଧନ କ୍ରିୟା, ସିଦ୍ଧିପ୍ରାପ୍ତିର ଆଧାର ମଧ୍ୟ ଏହି ମର୍ତ୍ତ୍ୟଭୂମି ହୋଇଯାଇଛି । ତେଣୁ ମର୍ତ୍ତ୍ୟ ବୈକୁଣ୍ଠର ଭାବ, ପ୍ରେମ, ସ୍ନେହ, ଶ୍ରଦ୍ଧାର ସମସ୍ତ କାରଣ, କ୍ରିୟା, ଶକ୍ତି, କର୍ତ୍ତବ୍ୟ ଧରିତ୍ରୀଙ୍କ ଦ୍ୱାରା ହିଁ ସମ୍ପନ୍ନ ହେଉଅଛି । ତାହାରି ସୂକ୍ଷ୍ମପ୍ରଭାବ, ସ୍ଥୂଳ ରୂପରେ ଜନ୍ମଦାତ୍ରୀ ଜନନୀଙ୍କ ମଧ୍ୟରେ ପୂର୍ଣ୍ଣମାତ୍ରାରେ ବିକଶିତ ହୋଇଥାଏ । ଏହି କାରଣରୁ ଜନ୍ମଦାତ୍ରୀ ମା' ପ୍ରକୃତିଙ୍କ ଅସୀମ ସତ୍ତାକୁ ଧାରଣ କରି ବିଶ୍ୱଜନନୀ ହେବାର କ୍ଷମତା ରଖିଥିଲେ ମଧ୍ୟ ଧରିତ୍ରୀରେ ଯୋଗମାୟାଙ୍କ ଯୋଗାଙ୍ଗୀ ତତ୍ତ୍ୱ ଓ ମହାମାୟାଙ୍କ ମୋହିନୀ ତତ୍ତ୍ୱରେ ବନ୍ଦିନୀ ହୋଇ ସଂକୁଚିତ ହୋଇଯାଉଛି ଏବଂ କେବଳ ନିଜର ଗର୍ଭଜ ସନ୍ତାନପ୍ରତି ଏକାଙ୍ଗ ଭାବେ ମୋହାଚ୍ଛନ୍ନ ହୋଇ ମାତୃତ୍ୱର ବିଶାଳତା ଠାରୁ ଅପହଞ୍ଚ ଦୂରତାକୁ ଚାଲିଯାଉଛି ।

**୫.** ତାଙ୍କରି (ଧରିତ୍ରୀ) କୋଳରେ ସୃଷ୍ଟି ହେଉଥିବା ପ୍ରକୃତିଜଗତ, ବୃକ୍ଷଲତା, ନଦନଦୀ ଓ ପାହାଡ଼ପର୍ବତ ଇତ୍ୟାଦିର ଚଳନକ୍ରିୟା, କ୍ରମବିକାଶ କେବଳ ତାଙ୍କରି (ଧରିତ୍ରୀ) ଇଚ୍ଛାନୁସାରେ ହିଁ ସମାହିତ ହେବ, ଏହି ବରର ଫଳପ୍ରାପ୍ତି ସ୍ୱରୂପ ଅବ୍ୟକ୍ତ ପ୍ରକୃତି ମଣ୍ଡଳରୁ ଧରିତ୍ରୀଙ୍କୁ **''କନଗ''** ମାୟା ପ୍ରାପ୍ତ ହୋଇଅଛି । ସେହି ଅନୁଯାୟୀ ସେ (ଧରିତ୍ରୀ) **''କନଗ''** ମାୟା ମାଧ୍ୟମରେ ଏ ବିଶ୍ୱ, ଏ ପୃଥିବୀ, ଏ ସୃଷ୍ଟିକୁ ପରିଚାଳନା କରୁଛନ୍ତି ।

**୬.** ସୃଷ୍ଟିର ସମସ୍ତ କଷଣ, ଯାତନା, ନିର୍ଯ୍ୟାତନା, ଯନ୍ତ୍ରଣା ବାହିନେବାର ଶକ୍ତି, ଉପରାଲୋଚିତ **''କନଗ''** ମାୟା ସହିତ ଏହି ପ୍ରଚଣ୍ଡ ଶକ୍ତି ଧରିତ୍ରୀଙ୍କୁ ପ୍ରଦାନ କରାଯାଇଛି । ସେଥିପାଇଁ ପ୍ରତି ପୂର୍ଣ୍ଣିମାରେ ସେ (ଧରିତ୍ରୀ)ମୋକ୍ଷ, ପବିତ୍ର ହେବାପାଇଁ ବ୍ରହ୍ମଦର୍ଶନ କରିଥା'ନ୍ତି ଏବଂ ସର୍ବଦା ଶୁଦ୍ଧ ଓ ପବିତ୍ର ହୋଇ

ରହିଥାଆନ୍ତି । ତାଙ୍କ ଉପରେ ଚାଲିଥିବା ସମସ୍ତ ଅତ୍ୟାଚାରକୁ ସହନଶୀଳତାର ମହାନତାରେ ନିର୍ବିକାରଭାବରେ ସହିନେଉଛନ୍ତି ଏବଂ ବାହି ଚାଲିଛନ୍ତି ।

**୭.** ଯୁଗ ଲୀଳାର ଅନ୍ତିମ ମୁହୂର୍ତ୍ତ ଉପସ୍ଥିତ ହେଲେ ବିଶ୍ୱଭୂମି (ଧରିତ୍ରୀ)ରୁ ସମସ୍ତ ଅନାଚାର, ବ୍ୟଭିଚାର, କଳୁଷର ସ୍ଥାୟୀ ଦୂରୀକରଣ ଲଗ୍ନର ଭବିଷ୍ୟ ସୂଚନା ମା' ଧରିତ୍ରୀ ପ୍ରାପ୍ତ ହେବେ । ଉପଯୁକ୍ତ ଲଗ୍ନର ସାରଣୀ ଉପସ୍ଥିତ ହେଲେ, ତାଙ୍କ କୋଳରେ ଖେଳୁଥିବା ଅବ୍ୟକ୍ତରୁ ବ୍ୟକ୍ତ ହୋଇ ପୁରୁଷୋତ୍ତମଙ୍କୁ ଭବିଷ୍ୟବାଣୀ ଦେଇ **'ଅଭିଷେକ'** ପାଇଁ ସୂଚନା ଦେବେ । ଏହି **ଅଭିଷେକ ପର୍ଯ୍ୟାୟକ୍ରମେ** ଚାରିଗୋଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ହେବ । ପ୍ରଥମ ପର୍ଯ୍ୟାୟ ଅଭିଷେକରେ ସେ (ଧରିତ୍ରୀ) ପୁରୁଷୋତ୍ତମଙ୍କୁ ସୂକ୍ଷ୍ମରେ କୋଳରେ ଧାରଣ କରି ପୁତ୍ରର ସ୍ୱୀକୃତି ପ୍ରଦାନ କରିବେ । ତେଣୁ ବସ୍ତୁତଃ, **ଧରିତ୍ରୀ ମା'ରୂପରେ ଅବତୀର୍ଣ୍ଣ ହୋଇ ଅବ୍ୟକ୍ତରୁ ବ୍ୟକ୍ତ ପୁରୁଷଶ୍ରେଷ୍ଠଙ୍କୁ ପୁତ୍ର ହିସାବରେ ଅଭିଷେକ କରାଇବେ । ଏହି ଅଭିଷେକର ନାମ ''ପୁତ୍ରାଭିଷେକ'' । ଯେଉଁ ପବିତ୍ର ତଥା ଦୁର୍ଲ୍ଲଭ** ମହୋତ୍ସବ ଗତ ସନ ୨୦୦୦ମସିହାରେ ସମାହିତ ହୋଇଯାଇଛି ।

ଉକ୍ତ ମହୋତ୍ସବ ଦୀର୍ଘ ଦି୨୧ନ **ବ୍ୟାପି ମହାସମାରୋହ** ତଥା ବହ୍ୱାଡ଼ମ୍ବରରେ ପାଳିତ ହୋଇଥିଲା । ସେହି ଏକୋଇଶି ଦିନ ବ୍ୟାପି **ଯଜ୍ଞାନୁଷ୍ଠାନ ଅନ୍ତର୍ଗତ ପୂଜନକ୍ରମରେ** ପ୍ରତ୍ୟେକ ଦିବସରେ ଯଥାକ୍ରମେ - ୧ମ:- ଆଦି, ଅନାଦି ପୂଜନ, **୨ୟ** :- ହିରଣ୍ୟପିଣ୍ଡ (ଶକଟକ) ପୂଜନ, **୩ୟ**:- ପୁରୁଷପିଣ୍ଡ ପୂଜନ, ୪ର୍ଥ:-ପିତାମାତା ପୂଜନ, **୫ମ**:-ନିଃଶବ୍ଦ ପୂଜନ, **୬ଷ୍ଠ** :- ଶକଟକ ବ୍ରହ୍ମପୂଜନ, **୭ମ**:- ନକ୍ଷତ୍ରପୂଜନ, ୮ମ:-ମାୟାପୂଜନ, ୯ମ:-ନାଦବ୍ରହ୍ମପୂଜନ, ୧୦ମ:-ଭୂତପୂଜନ, ୧୧ଶ:-ଦୀପଦାନପୂଜନ, ୧୨ଶ:- ଜ୍ଞାନ, ବିଜ୍ଞାନ ପୂଜନ, **୧୩ଶ**:-ଅକ୍ଷୟପିଣ୍ଡଦାନ ପୂଜନ, ୧୪ଶ:-ବ୍ରହ୍ମାଣ୍ଡତତ୍ତ୍ୱ ପୂଜନ, ୧୫ଶ:- ନାଭିଯଜ୍ଞ ପୂଜନ, ୧୬ଶ:- ଅଷ୍ଟାଦଶ ସୂତ୍ରୀକକ୍ଷ ପୂଜନ, ୧୭ଶ:-ଲୀଳାସୂତ୍ରକ ପୂଜନ ୧୮ଶ:-ଚାରିଚୈତନ୍ୟ ପୂଜନ, ୧୯ଶ:- ଚାରିପୁରୁଷ ପୂଜନ, ୨୦ଶ:- ତାରକବ୍ରହ୍ମମଣ୍ଡଳ ପୂଜନ, ଓ ୨୧ତି:- ବର୍ଣ୍ଣ ବୈରାଗ୍ୟମଣ୍ଡଳ ପୂଜନ ସମାପ୍ତ ହୋଇଯାଇଅଛି ।

ସୁତରାଂ 'ଚରମ' ଯଜ୍ଞ ଆରମ୍ଭ ପୂର୍ବରୁ ସେ **(ଗୁରୁସ୍ୱାମୀ-କେଶବଚନ୍ଦ୍ର)** ନିଜେ ନିଜର ସମସ୍ତ ସ୍ଥୂଳକର୍ମ/ପୂଜନ ଇତ୍ୟାଦି ସମାପ୍ତ କରି ବର୍ତ୍ତମାନ ଯୁଗନିର୍ଯ୍ୟାସ କାର୍ଯ୍ୟପାଇଁ କ୍ଷିପ୍ରଗତିରେ ଆଗେଇ ଚାଲିଛନ୍ତି । କିନ୍ତୁ, ଆମେ ମୂଢ ମାନବ ତାଙ୍କ ଉପସ୍ଥିତିର ପ୍ରମାଣ ଅନୁସନ୍ଧାନ ଆମକୁ ବ୍ୟସ୍ତ ରଖିବାକୁ ଉଚିତ ମନେକରି ବନ୍ଧାକୋବିରୁ ପତ୍ର କାଢ଼ିକାଢ଼ି କୋବି ଖୋଜିବା ପରି ଏବଂ ଓଲି ପିଆଜର ଖୋଳପା ଛଡ଼ାଇ ଛଡ଼ାଇ ପିଆଜକୁ ଖୋଜିବା ଭଳି ଅପଚେଷ୍ଟା କରିଚାଲିଛେ ।

ହେ ବ୍ରହ୍ମସ୍ୱରୂପ ସଦାତ୍ମାବୃନ୍ଦ ! ଉପରବର୍ଣ୍ଣିତ ନିଗୂଢ଼ ତତ୍ତ୍ୱ/ସତ୍ୟର ଆଲୋଚନା କରିବାପରେ ଆମେ ଆଶା ରଖୁଛୁ ଯେ ଏବେ ଠାରୁ ଆଉ ତାଙ୍କର (ସ୍ୱୟମ୍ଭୁ/ଅବ୍ୟକ୍ତରୁ ବ୍ୟକ୍ତ) ମାଳିକା ନିର୍ଣ୍ଣିତ ପରିଚୟ ଅନ୍ୱେଷଣ କରିବାରେ ସମୟ ଅପଚୟ କରିବାର ଆବଶ୍ୟକତା ରହିବ ନାହିଁ ।

ଏହାପରେ ଯଜ୍ଞସ୍ଥାନ ନିରୂପଣ କରିବାର ମାଳିକା ପ୍ରମାଣ କଥା:- ଏ ସମ୍ପର୍କରେ ଆମେ ଆପଣମାନଙ୍କୁ ସନ ୧୯୯୮ ମସିହା ମାର୍ଚ୍ଚମାସ ୧୪ ତାରିଖ ଶନିବାର ଦିନର ଅଭୁଲା ସ୍ମୃତିକୁ ସ୍ମରଣ କରାଉଛୁ ।

ସେହିଦିନ କଟକଜିଲ୍ଲା ଅନ୍ତର୍ଗତ ବାରୁଣୀମଠ ତୋଟା (କେଳାପଡ଼ିଆ) ବେଗୁନିଆପଦା ଠାରେ ପ୍ରଭୁ ପରମେଶ୍ୱର **''ଚରମ ଯଜ୍ଞ''**ର ସଂକଳ୍ପ କରିଥିଲେ । ସେହି ମର୍ମରେ ପ୍ରକାଶିତ ସ୍ମରଣିକାରେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ, **''କେଉଁଦିନ କେଉଁଠାରେ ଏ ଯଜ୍ଞ ହେବ, ତାହା କେବଳ ଯଜ୍ଞକର୍ତ୍ତା ତ୍ରିଲୋକସ୍ୱାମୀଙ୍କୁ ହିଁ ଜଣା । ଅନ୍ୟକେହି ସେ ଦିବସ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କହିପାରିବେ ନାହିଁ ।** ଗୁଣୀଜନ ଅର୍ଥାତ୍ ସିଦ୍ଧସାଧକ (ଯୋଗୀ)ମାନେ ସେମାନଙ୍କର ଧ୍ୟାନ (ସମାଧି) ମାଧ୍ୟମରେ ଗୁଣି ଅର୍ଥାତ୍ ଆତ୍ମା-ପରମାତ୍ମା ମିଳନ କରାଇ ଯଦି ଚାହିଁବେ, ତେବେ ଯଜ୍ଞାରମ୍ଭ ଓ ପୂର୍ଣ୍ଣାହୁତି ଦିବସ ସମ୍ପର୍କରେ ଠାବ ପାଇବେ ବା ଜାଣିପାରିବେ । ଅନ୍ୟମାନଙ୍କ ପାଇଁ ଯଜ୍ଞ ନ ହେବାଯାଏ ଦିବସଟି ସମ୍ପୂର୍ଣ୍ଣ ଅଜଣା ରହିଯିବ ।''

ପୂର୍ବରୁ ଆଲୋଚନା କରିଛୁ, ଏ ଧରିତ୍ରୀ ତାଙ୍କୁ ପୁତ୍ରାଭିଷେକ କରାଇ ପୁତ୍ରରୂପେ ଗ୍ରହଣ କରି ସାରିଛନ୍ତି । ଏ ସମଗ୍ର ବିଶ୍ୱ ତାଙ୍କର ଲୀଳାକ୍ଷେତ୍ର । **ସେ ତାଙ୍କର ଇଚ୍ଛାନୁଯାୟୀ ଯେଉଁଠି, ଯେତେବେଳେ ଚାହିଁବେ, ଏ ଯଜ୍ଞ କରିପାରିବେ ।** ସେଥିପାଇଁ କୌଣସି ଭବିଷ୍ୟପୁରାଣ, ମାଳିକା ପ୍ରମାଣର ଆବଶ୍ୟକତା ଆଉ ନାହିଁ ।

ବର୍ତ୍ତମାନ ଆଜିର ବିଷୟବସ୍ତୁ ମଧ୍ୟକୁ ପ୍ରବେଶ କରିବା । ପରମପୁରୁଷ, ଅବ୍ୟକ୍ତରୁ ବ୍ୟକ୍ତ ନରତନୁଧାରୀ କଲ୍ୟାଣମୟ ବିରାଜମାନ କରିଥିବା ଚରମ ମଣ୍ଡପର ବାମପାର୍ଶ୍ୱରେ **''ମହାଦେବୀ ବିଷ୍ଣୁମାୟା''**କୁ ସିଂହାସନରୂଢ଼ା କରାଇ ପୂଜା ସମର୍ପଣ କରାଉଛନ୍ତି । ଏହାର କାରଣ ସୁସ୍ପଷ୍ଟ । ସୃଷ୍ଟିର ସକଳ ପ୍ରକୃତି, ପ୍ରବୃତ୍ତି, ନିବୃତ୍ତି, କାରଣ, କ୍ରିୟା, ସମ୍ମୋହନ, ବଶୀକରଣ, ଚଳନପ୍ରକ୍ରିୟା, ପରିଚାଳନାଗତ ନିଷ୍ପତ୍ତି, ସୁଗୁଣ, କୁଗୁଣ, ଦେବତ୍ୱ, ମାନବତ୍ୱ, ରାକ୍ଷସତତ୍ତ୍ୱ, ସତ୍ତ୍ୱ-ରଜ-ତମଗୁଣ ଇତ୍ୟାଦି ସମସ୍ତ ସଂଚାଳନ କ୍ରିୟାର କେନ୍ଦ୍ରବିନ୍ଦୁ ହେଉଛନ୍ତି ଏହି **''ବିଷ୍ଣୁମାୟା''** ଯିଏ କି ଅବ୍ୟକ୍ତ ରୂପିଣୀ ମହାଦେବୀ ଆଦ୍ୟାଶକ୍ତି **''ପ୍ରକୃତି ଦେବୀ''**ଙ୍କର ଏକ ଅଂଶ । ପୂର୍ବ (ତୃତୀୟଚରଣ) ସ୍ମରଣିକାରେ ବର୍ଣ୍ଣନା ଓ ଚିତ୍ରିତ କରାଯାଇଥିଲା ଯେ ଅବ୍ୟକ୍ତରୁ କିପରି ପୁରୁଷ ବ୍ୟକ୍ତ ହୋଇ ନରତନୁ ଧାରଣ କରିଛନ୍ତି, ଯାହାକି ଏଥିସହିତ ସଂଲଗ୍ନିତ ଚିତ୍ର ନଂ-୧ ଏବଂ ଚିତ୍ର ନଂ-୨ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଅଛି । ଠିକ୍ ସେହି କ୍ରମରେ ଅବ୍ୟକ୍ତଙ୍କ ଇଚ୍ଛାମତେ ସୃଷ୍ଟି ନିର୍ମାଣ, ପାଳନ ଓ ସଂହାର କ୍ରିୟାକୁ ସାକାର ରୂପ ଦେବାପାଇଁ **''ଅବ୍ୟକ୍ତ ମଣ୍ଡଳ''**ରୁ **''ପ୍ରକୃତି ମଣ୍ଡଳ''** ସୃଷ୍ଟି ହୋଇଗଲା । ଏଠାରେ ଆଦିମାତା **''ପ୍ରକୃତି''** ନିର୍ଗୁଣମୟୀ ହୋଇ **''ସତ୍-ଚିତ୍ ଆନନ୍ଦ''**ର ପୂର୍ଣ୍ଣ ଆଧାରରେ **''ହ୍ଲାଦିନୀ''** ନାମ ନେଇ ଅବ୍ୟକ୍ତ ଭାବରେ ରହିଗଲେ । ପର୍ଯ୍ୟାୟକ୍ରମେ ନିଜର ତ୍ରିଗୁଣାତ୍ମିକା ମାୟାଚନ୍ଦ୍ରିକା ବିସ୍ତାର କରି ଅବ୍ୟକ୍ତଙ୍କ ସୂକ୍ଷ୍ମ ଆଜ୍ଞାରେ **''ହିରଣ୍ୟଗର୍ଭ''** ନିର୍ମାଣ କଲେ । ଏହି ହିରଣ୍ୟଗର୍ଭରୁ ସମଗ୍ର ସୃଷ୍ଟି ଓ ସୃଷ୍ଟିର ପ୍ରତ୍ୟେକ ଜୀବଜନ୍ତୁ, ବୃକ୍ଷଲତା, କୀଟପତଙ୍ଗ ଆଦିଙ୍କର ସୂକ୍ଷ୍ମରେ ପିଣ୍ଡପୁରୁଷ କୁଣ୍ଡଳୀ ନିର୍ମିତ ହୋଇ ଜଗତ (ଜନନୀ-ଗର୍ଭ-ତତ୍ତ୍ୱ) ସୃଷ୍ଟି ହେଲା । ଆଦି ଓ ଆଦ୍ୟାଶକ୍ତିଙ୍କ ଇଚ୍ଛାରେ ହିରଣ୍ୟଗର୍ଭରୁ ଜୀବଜଗତ ଲୀଳା ସଂରଚନ ପାଇଁ ଧରାପୃଷ୍ଠକୁ ଆସୁଥିବାରୁ ସେ (ପ୍ରକୃତି) **''ଜଗତଜନନୀ''**, **'ମାଆ'**ର ସଂଜ୍ଞା ବହନ କଲେ । ଜନନୀଙ୍କର ଏହି ହିରଣ୍ୟଗର୍ଭରୁ ସମସ୍ତ ଜୀବଜଗତ ସୃଷ୍ଟିହୋଇ ସ୍ୱସ୍ୱ କାର୍ଯ୍ୟନିର୍ବାହ ପରେ ପୁନଶ୍ଚ ସେହି ହିରଣ୍ୟଗର୍ଭକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲେ । ଏହା ଏକ ଚିରନ୍ତନ ପ୍ରଥା ହୋଇ ରହିଗଲା ଓ ରହିଥିବ ମଧ୍ୟ ।

ହିରଣ୍ୟଗର୍ଭର ସୃଷ୍ଟିପରେ, ପ୍ରକୃତିଦେବୀ ଅବ୍ୟକ୍ତଙ୍କ ସୂକ୍ଷ୍ମଇଚ୍ଛାରେ ବ୍ରହ୍ମଲୀଳାର ସୂକ୍ଷ୍ମ ଅଣୁଚନ୍ଦ୍ରିକା ଆଧାରକୁ ମାଧ୍ୟମ କରି ସପ୍ତଲୋକ ସୃଷ୍ଟିକଲେ । ଯଥା :-ଭୂଃଲୋକ, ଭୁବଃଲୋକ, ସ୍ୱଃଲୋକ, ମହଃଲୋକ, ଜନଃଲୋକ, ତପଃଲୋକ ଓ ସତ୍ୟମ୍ ଲୋକ । ଏହାପରେ ସଚରାଚର ବ୍ରହ୍ମାଣ୍ଡକୁ ସଂଚାଳନ କରିବାପାଇଁ

ମାୟାବଳରେ ତିନୋଟି ଗୁଣସୂତ୍ର ଯଥା :- ସତ୍ତ୍ୱ, ରଜ ଓ ତମ ସୃଷ୍ଟିକରି ହିରଣ୍ୟଗର୍ଭରୁ ଭୂଃଲୋକ ପର୍ଯ୍ୟନ୍ତ ସମସ୍ତ ବ୍ରହ୍ମାଣ୍ଡକୁ ତନ୍ମଧରେ ଆବଦ୍ଧ କରିଦେଲେ । ଫଳରେ ହିରଣ୍ୟଗର୍ଭରୁ ବ୍ରହ୍ମଲୀଳାର ଅଂଶସ୍ୱରୂପ ଜୀବଜଗତ ସୃଷ୍ଟି ହୋଇ ''ହ୍ଲାଦିନୀ''ଙ୍କର ତ୍ରିଗୁଣାତ୍ମିକା ମାୟାର ପ୍ରଭାବରେ ସର୍ବୋତଭାବେ ତାଙ୍କର ଗୁଣାଧୀନ ହୋଇ ରହିଲେ ଏବଂ ଆଦ୍ୟାଜନନୀ ତାଙ୍କ ବିସ୍ତାରିତ ମାୟା ଫାଶରେ ସମଗ୍ର ସୃଷ୍ଟିକୁ ବନ୍ଧନ କରି ବ୍ରହ୍ମଲୀଳା ସଂରଚନା କାର୍ଯ୍ୟରେ ମଗ୍ନ ରହିଲେ । ତ୍ରିଗୁଣର ଗୁଣସୂତ୍ର ମାଧ୍ୟମରେ ନିଜେ ସୂକ୍ଷ୍ମରେ ଜୀବଶରୀରରେ ''ଶକ୍ତି'' ହୋଇ ଅବସ୍ଥାନ କଲେ ଏବଂ ଅବ୍ୟକ୍ତଙ୍କ ଇଚ୍ଛା କାର୍ଯ୍ୟକାରୀ କରାଇଲେ । ତେଣୁ ବାସ୍ତବରେ ଏହି ଜଗତ୍ ସୃଷ୍ଟିକାରିଣୀ ଆଦ୍ୟାଶକ୍ତିଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପନାହିଁ, ଗୁଣନାହିଁ । ସେ ଅରୂପା, ଅଣାକାର, ନିରାକାର, ଗୁଣରହିତ ସୂକ୍ଷ୍ମ ମହାଶକ୍ତି । ଅବ୍ୟକ୍ତଙ୍କର ଇଚ୍ଛାଶକ୍ତି । ମାତ୍ର, ସୃଷ୍ଟିର ଆବଶ୍ୟକତା ସମୟରେ, ଭକ୍ତଜନଙ୍କର ଆକୁଳ ନିବେଦନରେ ସେ ଗୁଣମୟୀ, ତ୍ରିଗୁଣାତ୍ମିକା ମାହେଶ୍ୱରୀ, ବହୁରୂପା ଓ ସର୍ବରୂପା ।

ବର୍ତ୍ତମାନ ସମ୍ପୂର୍ଣ୍ଣ ବୋଧଗମ୍ୟ ହୋଇଥିବ ଯେ, ଅବ୍ୟକ୍ତଙ୍କର ପ୍ରଥମ ସାକାର ରୂପ ହେଉଛି ''ପ୍ରକୃତିଦେବୀ'', ବ୍ରହ୍ମସ୍ୱରୂପିଣୀ ଆଦ୍ୟାଶକ୍ତି ''ହ୍ଲାଦିନୀ'' । ''ପ୍ରକୃତି'' ଅର୍ଥାତ୍ 'ପ୍ର'-'କୃ'-'ତି' - ଅର୍ଥ ଅବ୍ୟକ୍ତ ଇପ୍‌ସିତ ସୃଷ୍ଟିର ଯାବତୀୟ ବସ୍ତୁର ସମଷ୍ଟି, ନିସର୍ଗ, ସ୍ୱଭାବ, ଧାତୁ, ପଞ୍ଚଭୂତ, ଆଦ୍ୟାଶକ୍ତି, ଅବିଦ୍ୟା ବା ମାୟା, ନାରୀ, ପଞ୍ଚମହାଭୂତ, ପରମାତ୍ମା କେବଳ ସେହି ଅବ୍ୟକ୍ତ ଅଟନ୍ତି । ପୁରୁଷ ଭାବରେ ନିଜକୁ ନିଷ୍କ୍ରିୟ, ଅଣାକାର ରଖି ପ୍ରକୃତି ରୂପରେ ସାକାରତ୍ୱ ଧାରଣ କଲେ । ତେଣୁ ଅଣାକାର, ଅଦୃଶ୍ୟ, **ଅବ୍ୟକ୍ତଙ୍କ ପ୍ରଥମ ସାକାର ସ୍ୱରୂପ ହେଉଛନ୍ତି ଆଦ୍ୟାଶକ୍ତି ''ପ୍ରକୃତି''** । ଏ 'ପ୍ରକୃତି' ମଧ ଅବ୍ୟକ୍ତ । କିନ୍ତୁ ଅଣାକାରଙ୍କ ସୂକ୍ଷ୍ମ ଇଚ୍ଛା ବା ଆଜ୍ଞାକୁ କାର୍ଯ୍ୟକାରୀ କରି ଏବଂ କରାଇବାର ସମ୍ପୂର୍ଣ୍ଣ ଭାର ଗ୍ରହଣ କରିଛନ୍ତି । ସୁତରାଂ, ଉଭୟଙ୍କ ମଧରେ କେହି ଶ୍ରେଷ୍ଠ ବା ନ୍ୟୁନ ନୁହଁନ୍ତି । ଉଭୟେ ଏକ ଏବଂ ଅଭିନ୍ନ । ଆହୁରି ସରଳ ଭାବରେ କହିବାକୁ ଗଲେ **''ପୁରୁଷ ବା ଅଣାକାର''**ଙ୍କର କାର୍ଯ୍ୟକାରିଣୀ ଶକ୍ତିର ନାମ **''ପ୍ରକୃତି''** । ପୁରୁଷ ଏବଂ ପ୍ରକୃତି ଉଭୟଙ୍କ ମିଳନ ଅବସ୍ଥାର ନାମ **''ବ୍ରହ୍ମ''** ।

ପୁରୁଷଶ୍ରେଷ୍ଠଙ୍କର ଇଚ୍ଛାର ସାକାର ଅବସ୍ଥା ବ୍ରହ୍ମସ୍ୱରୂପିଣୀ ଆଦ୍ୟାଶକ୍ତି ଅବ୍ୟକ୍ତ ''ହ୍ଲାଦିନୀ''ଙ୍କର ଲୀଳା ସଂରଚନ ମାଧ୍ୟମର ପ୍ରଥମ ସ୍ୱରୂପ ହେଉଛି **''ମୋହିନୀ''** । ଏହି **'ମୋହିନୀ'** ଶବ୍ଦ ଉଚ୍ଚାରିତ ହେବାମାତ୍ରେ ମନୁଷ୍ୟ କଳ୍ପନା ଦୃଷ୍ଟିରେ ସ୍ୱତଃ ଏକ ନାରୀ ରୂପର ଛାୟା ଉଭାସିତ ହୋଇଯାଏ । ମାତ୍ର ତାହା ବାସ୍ତବ ନୁହେଁ । ଠିକ୍ ମା' ''ହ୍ଲାଦିନୀ''ଙ୍କ ପରି ''ମୋହିନୀ''ମଧ ଅବ୍ୟକ୍ତ । ଏହା ଏକ ଅଦୃଶ୍ୟ, ଶୂନ୍ୟ,, ସୂକ୍ଷ୍ମ ମହାଶକ୍ତି । ଏହାଙ୍କ ମାଧ୍ୟମରେ ମହାଦେବୀ, ଅବ୍ୟକ୍ତବ୍ରହ୍ମଙ୍କ ଇଚ୍ଛାକୁ ତାଙ୍କ ସୂକ୍ଷ୍ମ ଆଶିଷ ରୂପରେ ସଚରାଚର ପ୍ରଦାନ କରିଥାଆନ୍ତି । ଏହାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନଥିବା ହେତୁ ତାଙ୍କୁ ସ୍ଥୂଳ ଚକ୍ଷୁରେ ଦର୍ଶନ କରି ହୁଏନାହିଁ । କାରଣ ଏହା ଜନନୀଙ୍କ ମାୟାର ସୂକ୍ଷ୍ମାତିସୂକ୍ଷ୍ମ ଅଣୁଚନ୍ଦ୍ରିକା । କିନ୍ତୁ ସୂକ୍ଷ୍ମ ଚକ୍ଷୁ, ଦିବ୍ୟ ଚେତନା ଓ ପୁରୁଷଙ୍କର ପୌରୁଷ ସତ୍ତା ଯଥା :- ବୁଦ୍ଧି, ବିବେକ ଓ ଜ୍ଞାନ ଦ୍ୱାରା ଅନୁଭବ କରିହୁଏ ଏବଂ ମାୟାର ସୂକ୍ଷ୍ମସ୍ତର ଭେଦକରି ସିଦ୍ଧାନ୍ତ ସତ୍ୟରେ ଉପନୀତ ହୋଇପାରେ । ଉଦାହରଣ ସ୍ୱରୂପ - ଅଗ୍ନି ପ୍ରଜ୍ୱଳିତ ହେଲେ ଅଗ୍ନିଶିଖା ଦେଖିହୁଏ । କିନ୍ତୁ ଅଗ୍ନିର ଦହନ ଶକ୍ତି କିମ୍ବା ଉତ୍ତାପ (ତେଜ) ଦେଖିହୁଏ ନାହିଁ । ତେଣୁ ହ୍ଲାଦିନୀଙ୍କର ମାୟାରୂପକ ଜଠରାଗ୍ନି ହେଉଛି ଜୀବମାନଙ୍କର କର୍ମପ୍ରବାହ । ସେହି ସ୍ଥୂଳକର୍ମ ଦେଖିହୁଏ । ମାତ୍ର, ଯେଉଁ ସୂକ୍ଷ୍ମ ଆଧାରରେ ସେହି ଅଗ୍ନି ପ୍ରଜ୍ୱଳିତ ହେଉଛି, ଜ୍ୱଳନ ସମୟରେ

ଯେଉଁ ଉତ୍ତାପ ବା ତେଜ ସୃଷ୍ଟି ହୋଇଥାଏ, ତାହାକୁ ଦେଖିହୁଏ ନାହିଁ । ସୁତରାଂ, କର୍ମ ଅଗ୍ନିରେ ''ମୋହିନୀ'' ହେଉଛନ୍ତି ଉତ୍ତାପ ବା ତେଜ ଓ ଅଗ୍ନିଙ୍କର ଦହନ ଶକ୍ତି । ତାଙ୍କୁ କେବଳ ଅନୁଭବ କରିହେବ । ସ୍ଥଳ ବିଶେଷରେ ସାଧକ, ଭକ୍ତ ଯଦି ନିଜର ଅଖଣ୍ଡ ଅଭ୍ୟାସକର୍ମ, ନିଷ୍ଠା, ଏକାଗ୍ରତା, ଭକ୍ତି ଓ ଦୃଢ଼ତା ବଳରେ କୌଣସି ଏକ ନିର୍ଦ୍ଦିଷ୍ଟ ରୂପର ପରିକଳ୍ପନା କରି ଦର୍ଶନ ପାଇବାର ବ୍ୟାକୁଳତା ପ୍ରକାଶକରେ, ତେବେ ମହାଦେବୀ ତତ୍‌କ୍ଷଣାତ୍ ସାଧକର ସେହି ଇପ୍‌ସିତ ରୂପ ଧାରଣ କରି ତା' ସମ୍ମୁଖରେ ଅବତୀର୍ଣ୍ଣା ହୋଇଥାଆନ୍ତି ଏବଂ ସାଧକ ଭକ୍ତଙ୍କର ମନୋବାଞ୍ଛା ପୂର୍ଣ୍ଣ କରି ବର ପ୍ରଦାନ କରନ୍ତି । ଥରେ ଗୋଟିଏ ରୂପ ଗ୍ରହଣ କରି ଜିଜ୍ଞାସୁ ନିକଟରେ ଆବିର୍ଭାବ ହୋଇଯିବାପରେ ସେହିରୂପ ବ୍ରହ୍ମାଣ୍ଡରେ ସ୍ଥାୟୀ ହୋଇ ରହିଯାଏ ଏବଂ ଉତ୍ତର ସାଧକଭକ୍ତମାନେ ତନ୍ମଧ୍ୟରୁ ସେମାନଙ୍କ ରୁଚି ଓ ଶ୍ରଦ୍ଧା ଅନୁସାରେ ଯେକୌଣସି ରୂପ ପ୍ରତି ଆସକ୍ତ ହୋଇ କର୍ମଯୋଗ ମାଧ୍ୟମରେ ଦର୍ଶନ ଓ ଆଶୀର୍ବାଦ ପାଇଁ ବ୍ୟାକୁଳ ହୋଇ ଉଠନ୍ତି । ସେହି କ୍ରମ ତଥା ପର୍ଯ୍ୟାୟରେ ଜଗତ୍‌ଜନନୀ ଦୁର୍ଗା, ଗାୟତ୍ରୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀ ଆଦି ଭିନ୍ନ ଭିନ୍ନ ରୂପରେ ସ୍ୱୀକୃତ ହୋଇ ଜୀବଜଗତକୁ ପରିଚାଳନା, ଆଶୀର୍ବାଦଯୁକ୍ତ କରିଚାଲିଛନ୍ତି । **ଏହାହିଁ ''ପ୍ରକୃତି ତତ୍ତ୍ୱ''ର ସାରମର୍ମ ଅଟେ ।**

ପୂର୍ବ ଆଲୋଚିତ ''ମୋହିନୀ''ଙ୍କର ଅନ୍ୟନାମ **''ମାୟା''** । ମାୟାର ରଜ୍ଜୁ ସର୍ବତ୍ର ପରିବ୍ୟାପ୍ତ । ସତ୍ୟଲୋକରୁ ଦେବଲୋକ, ଦେବଲୋକରୁ ତପଲୋକ, ତପଲୋକରୁ ମର୍ତ୍ତ୍ୟଲୋକ, ମର୍ତ୍ତ୍ୟଲୋକରୁ ପାତାଳଲୋକ ପର୍ଯ୍ୟନ୍ତ ସଚରାଚର ବ୍ରହ୍ମାଣ୍ଡକୁ ବନ୍ଧନ କରିଅଛି । ଏହି 'ମାୟା' ପର୍ଯ୍ୟାୟକ୍ରମେ ଦୁଇ ଅଂଶରେ ବିଭାଜିତ ହୋଇଅଛି । ପ୍ରଥମ ପର୍ଯ୍ୟର ନାମ **''ବିଷ୍ଣୁମାୟା''** । ଉକ୍ତ ମହାଦେବୀ ବିଷ୍ଣୁମାୟା ପୁନଶ୍ଚ ତିନିଗୋଟି ଧାରାରେ ନିଜକୁ ପ୍ରସାରିତ କରିଛନ୍ତି । ପ୍ରଥମ ଧାରାରେ ଦେବଲୋକରେ କାୟାବିସ୍ତାର କରି ଦେବତାମାନଙ୍କୁ ନିୟନ୍ତ୍ରଣ ତଥା ପରିଚାଳନା କରୁଅଛନ୍ତି । ଦ୍ୱିତୀୟ ଧାରା ବା କାୟାକୁ ପୁନଶ୍ଚ ତିନିଗୋଟି ପର୍ଯ୍ୟାରେ ବିସ୍ତାର କରିଛନ୍ତି । ଏହି ତିନି କାୟାର ନାମ **୧-ବୈଷ୍ଣବୀମାୟା, ୨- ଯୋଗମାୟା** ଓ ୩ - **ମହାମାୟା** । ଉକ୍ତ ମାୟାଂଶର ମହାଦେବୀମାନେ ନିଜ ଇଚ୍ଛାମତେ ଅବ୍ୟକ୍ତଙ୍କ ଇଚ୍ଛାକୁ ପରିପୂର୍ଣ୍ଣ କରିବା ନିମିତ୍ତ ସମଗ୍ର ସୃଷ୍ଟିକୁ କବଳିତ କରି ମାୟା ଶିକୁଳିରେ ବନ୍ଧନ କରି ଦେଇଛନ୍ତି ।

ଜୀବର ଶରୀର(ପିଣ୍ଡ)ରେ ଥିବା ଜୀବକୋଷଗୁଡ଼ିକ ଉଭୟ ପ୍ରକୃତି (ମୋହିନୀ-ମାୟା) ଓ ପୁରୁଷଙ୍କ ଦ୍ୱାରା ସୂକ୍ଷ୍ମରେ ନିୟନ୍ତ୍ରିତ, ପରିଚାଳିତ ହେଉଛନ୍ତି । ତନ୍ମଧ୍ୟରୁ ବୁଦ୍ଧି, ବିବେକ, ଜ୍ଞାନକୋଷ ପୁରୁଷଙ୍କ କର୍ତ୍ତୃତ୍ୱାଧୀନ ହୋଇଥିବା ସ୍ଥଳେ ଅନ୍ୟ ସମସ୍ତକୋଷ ମହାଦେବୀ ବିଷ୍ଣୁମାୟା (ମୋହିନୀ-ପ୍ରକୃତିଦେବୀ)ଙ୍କ ଲୀଳା ଅନ୍ତର୍ଗତ ହୋଇଛନ୍ତି । ଶରୀରର ଶାରିରୀକ କ୍ରିୟା, ଆଚରଣ, ଉଚ୍ଚାରଣ, ମନର ନିୟନ୍ତ୍ରଣ (ସଂଯମ/ ଅସଂଯମ ଅବସ୍ଥା) ଓ କାର୍ଯ୍ୟସାରଣୀରେ ସୃଷ୍ଟି ହେଉଥିବା ବିଭିନ୍ନତା, ମୋହିନୀ (ବିଷ୍ଣୁମାୟା)ଙ୍କର ଉପର ଆଲୋଚିତ ବିସ୍ତାରିତ ତ୍ରିମାୟା କାରଣରୁ ହିଁ ସଂଘଟିତ ହେଉଅଛି । ଜୀବର ଏହି 'ମାୟା' ସମ୍ପର୍କରେ ବାସ୍ତବ ଅନୁଭବ ନଥିବା କାରଣରୁ ତା'ର ମନରେ ଅନେକ ଦ୍ୱନ୍ଦ୍ୱ, ସନ୍ଦେହ, ପ୍ରଶ୍ନ ତଥା ଭାବ ଚହଲା ପଥର ଉଦ୍ରେକ ହେଉଅଛି । ଯଦି ଶରୀରର ବିଭିନ୍ନ ଅଂଶରେ ଉକ୍ତ ମାୟା ପ୍ରଭାବ କିପରି ଭାବରେ ପ୍ରତିଫଳିତ ହେଉଛି ଜାଣି ହେଉଥାଆନ୍ତା ଏବଂ ସେହି ପ୍ରଭାବରୁ ମୁକ୍ତ ହେବାର କୌଶଳ ପ୍ରକାଶିତ ହୋଇଥାଆନ୍ତା,

ତେବେ ଅମୃତର ସନ୍ତାନମାନଙ୍କ ମଧ୍ୟରେ ବିଷର ପ୍ରାବଲ୍ୟକୁ ପ୍ରତିରୋଧ କରାଯାଇପାରନ୍ତା । ମାତ୍ର, ସ୍ରଷ୍ଟାଙ୍କ ଅପୂର୍ବ ଲୀଳା ସଂରଚିତ କୌଶଳରେ ତାହା ଆଜିପର୍ଯ୍ୟନ୍ତ ଅଜ୍ଞାତ ହୋଇ ରହିଯାଇଅଛି । ଉକ୍ତ ପ୍ରକ୍ରିୟା ମଧ୍ୟ ସେହି ମହାଦେବୀ ବିଷ୍ଣୁମାୟାଙ୍କ ପ୍ରଚଣ୍ଡ ମାୟାର ପ୍ରଭାବ କହିଲେ ଅତ୍ୟୁକ୍ତି ହେବନାହିଁ ।

ସେଥିପାଇଁ **ଆଦ୍ୟାଶକ୍ତିଙ୍କର** ତ୍ରିମାୟାର କେଉଁ ଅଂଶୀୟ ଭାବ ରଜ୍ଜୁ ଦ୍ୱାରା ଜୀବ ଶରୀରର କେଉଁ ଜୀବକୋଷ ପ୍ରଭାବିତ **ହୋଇ କିପରି** ତାହାର ସ୍ୱଭାବ, ପ୍ରକୃତି, ପ୍ରବୃତ୍ତି ଓ ନିବୃତ୍ତିକୁ ନିୟନ୍ତ୍ରଣ କରୁଅଛି, ତାହାର ବିସ୍ତୃତ ତଥା ବିଶଦ **ଆଲୋଚନା ଅପରିହାର୍ଯ୍ୟ** ହୋଇପଡ଼ିଛି । କିନ୍ତୁ ଉକ୍ତ କ୍ଷୁଦ୍ର ପତ୍ରିକା 'ସ୍ମରଣିକା' ମାଧ୍ୟମରେ ସମ୍ପୂର୍ଣ୍ଣ ଆଲୋଚନା **ସମ୍ଭବପର ନୁହେଁ** । କାରଣ ସମ୍ପୂର୍ଣ୍ଣ, ବିସ୍ତୃତ ବିଶ୍ଳେଷଣ କଲେ ତାହା ଏକ ମହାଗ୍ରନ୍ଥର ରୂପ ନେବ । **ତେଣୁ ଯଥା ସମ୍ଭବ ସେଗୁଡ଼ିକୁ** ଏଠାରେ ବର୍ଣ୍ଣନା କରାଯାଉଅଛି । ବିଶେଷକରି ଯେଉଁ ମୁଖ୍ୟାଂଶ ଜୀବକୁ ଏକ **ଅବିଶ୍ୱାସ ବଳୟ ମଧ୍ୟରେ** ଆବଦ୍ଧ କରି ଦେଉଛି, ସମସ୍ତ ସୁଗୁଣକୁ ପ୍ରତିହତ କରି କୁଗୁଣକୁ ଆଧାର କରି **ଦେଉଛି, କେବଳ ସେତିକି ଉକ୍ତ** ସ୍ମରଣିକାରେ ସୀମିତ ରଖିବାକୁ ବାଧ୍ୟ ହେଉଛୁ ।

ଆଲୋଚନା ଆରମ୍ଭ **ପୂର୍ବରୁ ମାୟାର କାୟାଦ୍ୱାରା** ଜୀବର ଗତିପଥ କିପରି ସ୍ଥିରୀକୃତ ହେଉଅଛି, ତାହାର ଏକ କ୍ଷୁଦ୍ର ବର୍ଣ୍ଣନା ନିମ୍ନରେ **ଦେଉଅଛୁ । ତତ୍‌ସହିତ** ମାୟାଙ୍କ କାୟାକଳ୍ପ ସମ୍ପର୍କିତ ଦୁଇଗୋଟି ଚିତ୍ରକୁ ଚିତ୍ର ନଂ - ୩ ଓ ୪ ମାଧ୍ୟମରେ **ଏଥିସହିତ ସଂଲଗ୍ନ କରୁଅଛୁ** ।

ମାୟାରେ ଜନମ ମାୟାରେ ମରଣ
**ମାୟାରେ ବିତୁଛି ଜୀବନ ।**
**ମାୟାକୁ ଚିହ୍ନିଲେ ଅନ୍ଧାର ତୁଟିବ**
**ଜୀବନ ହୋଇବ ଧନ୍ୟ ॥**
**ଯେଉଁମାୟା ବନ୍ଦୀ କରଇ ଚୈତନ୍ୟ**
ସେହି ମାୟା ଦିଏ ଅମୃତ ।
ମାୟାବିନା ଜୀବ ଗତିପଥ କେବେ
ହୋଇପାରେ ନାହିଁ ସଂଯତ ॥
ଗୁରୁ ଆଶୀର୍ବାଦେ କୃପା ଯୁକ୍ତ ହେଲେ
ଭାରତୀ ଦିଅନ୍ତି ଜ୍ଞାନ ।
ସେହି ଜ୍ଞାନବଳେ ଅଚେତନ ଜୀବ
ପାଏ ଚରମ ଚୈତନ୍ୟ ॥

ଆଲୋଚ୍ୟ ସନ୍ଦର୍ଭରେ କୁହାଯାଇଛି ଯେ ଜୀବଜଗତ ମଧ୍ୟରେ ମହାଦେବୀ ବିଷ୍ଣୁମାୟା ତିନିଗୋଟି ମାୟା ବିସ୍ତାର କରାଇଛନ୍ତି । ଯଥା :- **ବୈଷ୍ଣବୀମାୟା, ଯୋଗମାୟା ଓ ମହାମାୟା** । ପ୍ରତ୍ୟେକ ମାୟା ୩୬ (ଛତିଶି) ଗୋଟି ଭାବାଂଶ ହୋଇ ''ମାୟା''ର ମୋଟ ୧୦୮ (ଏକଶତ ଆଠ) ଅଂଶ ସୃଷ୍ଟି ହୋଇଅଛି । ସେହି ଅଂଶୀୟ ଭାବମାୟା ଜୀବକୁ ସର୍ବତୋଭାବେ ନିୟନ୍ତ୍ରଣ କରୁଛନ୍ତି । ପୃଥକଭାବରେ ପ୍ରତି ''ମାୟା''ର ଭାବାଂଶ ନିମ୍ନରେ ବର୍ଣ୍ଣିତ ହେଉଅଛି ।

**ବୈଷ୍ଣବୀମାୟା : ଭାବାଂଶ - ୩୬ (ଛତିଶି)**

୧. ଆଭୂମା
୨. ଭୂମା
୩. ଉତୁଙ୍ଗ
୪. କୁକ୍ଷୁଞ୍ଜନା
୫. ଶକଟକ
୬. କୌମଦକୀ
୭. ଘୃତାରୀ
୮. ଭୂମାଯୋଗ୍ନୀ
୯. ବ୍ରହ୍ମ''ର ଢୁଆଁ''
୧୦. ଖୈଡ଼ାକପାଳୀ
୧୧. ଖର୍ପରୀ
୧୨. ଧୌତିବାମ୍ନୀ
୧୩. ମୌନିମୁଖା
୧୪. ଅନୁଶୁକା
୧୫. ରତିକାନ୍ତ
୧୬. ଲେଲିହା
୧୭. ଖଗଳା
୧୮. ଘର୍ଘରାନାଦ
୧୯. ''ଶବ୍ଦ''ଶୌରୀ
୨୦. ଶଙ୍ଖଚୂର୍ଣ୍ଣା
୨୧. ଦନ୍ତପଦ୍ମା
୨୨. ଅନୁଧୂର୍ଣ୍ଣା
୨୩. ଚୂଡ଼ାକୃତା
୨୪. ମାନିନୀ
୨୫. ନାଦଦେହ୍ୟାୟା
୨୬. ଟମକାଧ୍ୱନି
୨୭. ଠାମ୍ବରୀ
୨୮. ରୁଦ୍ରାକାଣ୍ଡାରୀ
୨୯. ବନ୍ଧାମକ୍ଷିକା
୩୦. ବିନ୍ଧାରୀ
୩୧. କନ୍ଥକଲ୍ୟ
୩୨. ଗୌତୁଙ୍ଗତ
୩୩. ଖୁରାଭୁଧା
୩୪. ଗଣ୍ଡୁକ୍ରିୟା ବା ଭୂରାକ୍ଷୀ
୩୫. ଭୃଣନ୍ଧ
୩୬. ଶୌପାଞ୍ଚଳି

## ଯୋଗମାୟା : ଭାବାଂଶ - ୩୬ (ଛତିଶି)

୧. ସିଝୂନ୍ନା
୨. ଅବନିତ
୩.- ଶୌରୀତ
୪. ଗୌତିକ
୫. କାନ୍ତାରୀ
୬. ସପତଣୀ
୭. ଉମାଭୂମା
୮. ଅବନ୍ନିତା
୯. କାଣ୍ଡାରିକା
୧୦. ସ୍ୱସ୍ତିମାଳି
୧୧. ଭୋଜବୃନ୍ତା
୧୨. ଘୁମ୍ବାରୀକା
୧୩. ନୟନାଁତ
୧୪. ବ୍ରହ୍ମଚ୍ଚମ୍ନରୀ
୧୫. ଚେଦ୍ରୁକ
୧୬. ଶଂସାବୁରୀ
୧୭. କଳ୍ପକହୁ
୧୮. ଝଙ୍କାରୀମୁଖା
୧୯. ହରାଦିକ
୨୦. ଉର୍ମାଳି
୨୧. ଯାମ୍ଯଳି
୨୨. ହୁମ୍ବାହେୟା
୨୩. ସ୍ୱାଗାୟିତ୍ରୀ
୨୪. ଚକ୍ରାକୃତି
୨୫. ହଚ୍ଚକାକ୍ଷ
୨୬. ଅଶ୍ୱଘୁହ୍ୟ
୨୭. ଊରମ୍ବିକା
୨୮. ବ୍ରହ୍ମବଗଳା
୨୯. ନହୁସ୍ୱାରୀ
୩୦. ରିତୁଗୁର୍ଝରୀ
୩୧. ନେତ୍ରୁକ୍ରତୁ
୩୨. ଶ୍ରୀଧାରିକ୍ଷା
୩୩. ମତୃସାଗ
୩୪. ଧୋଶୃରୀକ୍ଷ
୩୫. ଧୃଣାବର୍ବରୀ
୩୬. କୈଶନ୍ନିକା

## ମହାମାୟା : ୩୬ (ଛତିଶି)

୧. ସ୍ୱ ''ରକ୍ତୁ''
୨. ଶାଣିତ
୩. ଅର୍ଚ୍ଚନା
୪. ତପତୀ
୫. ଅରିତୃଙ୍ଗ
୬. ଆସୁରୀ
୭. ବାଁଶୋରୀ
୮. ଗଣନ୍ନି
୯. ଡାକିନୀ
୧୦. ଭୁରୁକା
୧୧. ଖଡେୟୀ
୧୨. ଚମ୍ନରୀ
୧୩. ବଜ୍ରଦମନୀ ବା ଇନ୍ଦ୍ର ସୁଭାରୀ
୧୪. ତଡ୍ରେୟା
୧୫. ରାମାଦିକ
୧୬. ଧୂର୍ମାଳି

୧୭. ଶୌକାନ୍ତି
୧୮. ସୌରୀମସ୍ତୀ
୧୯. ରୁଦ୍ରାପିନାକୀ
୨୦. କ୍ଷୌରବାବସ୍ତୀ
୨୧. ନାଦଗର୍ଦ୍ଦଣ
୨୨. ଭୂକ୍ଷୋରି
୨୩. ଧୃତିତୃଷ୍ଣା
୨୪. ପୁଷ୍ପାରିକା
୨୫. ମାନମୟର୍ଣ୍ଣା
୨୬. ବୈଖାରୀୟ
୨୭. ଦାବାନଳ
୨୮. ଚୌକିଳାଂସାରୀ
୨୯. ଧୀକ୍ଷାରୀକା
୩୦. ଫଣିଫଁୟା
୩୧. ନିର୍ଦ୍ଧେଶ୍ରବ
୩୨. ତ୍ରୟତୌଶା
୩୩. ଉନର୍ମଦାରୀହ
୩୪. ଧୃଜୟନ୍ତି
୩୫. ମୁକ୍ତାଦ୍ବରୀ
୩୬. ସାବର୍ଣ୍ଣିଦ୍ବରା

ଉପରବର୍ଣ୍ଣିତ ସମସ୍ତ ଭାବାଂଶକୁ ବିସ୍ତୃତ ଭାବେ ଏଠାରେ ଆଲୋଚନା କରିବା ଆଦୌ ସମ୍ଭବପର ନୁହେଁ । ତେଣୁ ତନ୍ମଧ୍ୟରୁ କେବଳ ମୁଖ୍ୟାଂଶଗୁଡ଼ିକ ବର୍ଣ୍ଣନା କରାଯାଉଛି, ଯେଉଁଗୁଡ଼ିକ ଜୀବର ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହେଉଅଛି ।

ଚିଦ୍ ଶକ୍ତିର ଛାୟା ପ୍ରକୃତିରେ ଥିବା **ବହିରଙ୍ଗା ଶକ୍ତିମାୟା** ସମଗ୍ର ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ । ମାୟା ହିଁ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର ସାଧନକାରୀ **ଶକ୍ତି**, ମାୟାର ତତ୍ତ୍ୱ ମଧ୍ୟ ନିଗୂଢ଼ ଓ ନିଗମ । ଅନେକ ସମୟରେ ଉକ୍ତ ମାୟା ପ୍ରସଙ୍ଗ ମହାଜ୍ଞାନୀମାନଙ୍କୁ ମଧ୍ୟ ଦ୍ୱନ୍ଦ୍ୱ ଓ ସଂଶୟର ଗହ୍ୱର ମଧ୍ୟକୁ ନିକ୍ଷେପ କରିଥାଏ । ତା'ର ସମାଧାନ ନିମନ୍ତେ ନିମ୍ନରେ ସଂକ୍ଷେପ ଆକାରରେ **ବର୍ଣ୍ଣନା କରୁଅଛୁ ।**

ବୈଷ୍ଣବୀ (ବିଷ୍ଣୁ) ମାୟା ଅବ୍ୟକ୍ତଙ୍କ ଇଚ୍ଛାମତେ **ମହାଶୂନ୍ୟରେ ବ୍ରହ୍ମଶକଟକର** ୧୦୮ ମଣ୍ଡଳ ପର୍ଯ୍ୟନ୍ତ ତା'ର କାୟା ବିସ୍ତାରକରି ରହିଛି । ଏହାର ବର୍ଣ୍ଣ **ନୀଳ, ଚକ୍ଷୁ ଗୋଲାକାର** ତଥା ଲାଲବର୍ଣ୍ଣ । ଆପାଦଲମ୍ବିତ କଳାକୁଞ୍ଚିତ କେଶ । ଅବ୍ୟକ୍ତଙ୍କ ଇଚ୍ଛାରେ ଏହା **ହିରଣ୍ୟଗର୍ଭକୁ ବ୍ୟାପକଭାବରେ** ଜଗିରହିଅଛି । **ଶ୍ରସ୍ଥୂଳି** ଦ୍ୱାର ହେଉଛି ବୈଷ୍ଣବୀ । ଏହାଙ୍କର ମାୟା କୋଟି ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ବ୍ୟାପି ରହିଛି । ଉକ୍ତ ମହାଦେବୀ ଚଉଦଭୁବନ ପର୍ଯ୍ୟନ୍ତ ସୃଜନୀ, ସତ୍ୟ ଓ ମାୟାର ସ୍ୱରୂପନେଇ ନୀଳବର୍ଣ୍ଣ ଧାରଣ କରି ବିସ୍ତାରିତ ହୋଇଛନ୍ତି । ଏହା କାରଣ ଜଗତରୁ ଆଶିଷର ଧାରା ସୂକ୍ଷ୍ମରୁ ସ୍ଥୂଳ ପିଣ୍ଡ ପର୍ଯ୍ୟନ୍ତ ଦାନ କରାଇବାରେ ସହାୟକ ହୋଇଥାଏ । ଇଷ୍ଟଦେବାଦେବୀମାନଙ୍କର ପୂଜାର୍ଚ୍ଚନା ବିଧି ପଦ୍ଧତିର **ଜ୍ଞାନଲୀଳା, ଉକ୍ତ ମାୟା** ମାଧ୍ୟମରେ ଯାତାୟତ କରେ । ଏହାରି ପ୍ରଭାବରୁ ପୂଜକ, ଉପାସକ ତଥା ସେବକ **ସଂକଳ୍ପବଦ୍ଧ** ହୋଇଥାଏ । କଳ୍ପ ପର୍ଯ୍ୟାୟରେ ପ୍ରତିକଳ୍ପରେ ଉକ୍ତ ମାୟା ଏକଟକ ବ୍ରହ୍ମମଣ୍ଡଳରେ ନୀଳବର୍ଣ୍ଣର **ବର୍ଷାଧାରା** ପରି ବର୍ଷିଯାଏ । ଏହାଫଳରେ ବ୍ରହ୍ମଙ୍କ କରୁଣାରୁ ଏବଂ ମା' ମହାଦେବୀଙ୍କ କରୁଣାରୁ ଜ୍ଞାନତତ୍ତ୍ୱ ଓ ବ୍ରହ୍ମବିଜ୍ଞାନ ପରିପକ୍ୱ ଅବସ୍ଥା ପ୍ରାପ୍ତ ହୋଇଥାଏ । ଏହି ମାୟା ପ୍ରଭାବ ବିସ୍ତାର କରୁନଥିଲେ, ଜ୍ଞାନୀପୁତ୍ରମାନେ ପରିପକ୍ୱ ଜ୍ଞାନର

ଅଧିକାରୀ ହୋଇପାରିବେ ନାହିଁ କିମ୍ବା ପୂଜକ, ଉପାସକ ତଥା ସେବକମାନେ ଦେବାଦେବୀ ପୂଜାର୍ଚ୍ଚନା ପାଇଁ ଦୃଢ଼ ସଂକଳ୍ପ କରିପାରିବେ ନାହିଁ । ଏହି ମହାଦେବୀ ବିଷ୍ଣୁମାୟା ମାଧ୍ୟମରେ ମହାଶୂନ୍ୟରେ ବ୍ରହ୍ମମହାବିଜ୍ଞାନ ସୃଷ୍ଟିକରି ଅବ୍ୟକ୍ତ ତାହାକୁ ଭାସମାନ ଅବସ୍ଥାରେ ରଖିଥାଆନ୍ତି । ମହାଶୂନ୍ୟର କାରଣଜଗତରେ ପରା, ବଧିଃ କାରଣଜଗତରେ ପଶ୍ୟନ୍ତି, ଦୃଷ୍ଟା ସୂକ୍ଷ୍ମାଦି କାରଣଜଗତରେ ମଧ୍ୟମା ଓ ଓଧହେ କାରଣଜଗତରେ ବୈଖାରୀ ବ୍ରହ୍ମସୂତ୍ରାଦି ଜ୍ଞାନବିଜ୍ଞାନ ତତ୍ତ୍ୱ ରହିଅଛି । ଏହାର ଆକାର ଶଗଡ଼ଚକ ପରି ଗୋଲାକାର ଏବଂ ବର୍ଣ୍ଣ ଧୂସର ଅଟେ । ଏହା ବୈଷ୍ଣବୀ ମାୟାଙ୍କ କପାଳରେ ଥାଏ । ବ୍ରହ୍ମଙ୍କ ଆଦେଶ, ଆଜ୍ଞା ପ୍ରାପ୍ତ ମହାମାନବ, ମୁନି, ଋଷି, ଯୋଗୀମାନେ ଏହା ଅନୁଭବ କରି ଅନୁଭୁତିରେ ଆଣିବାରେ ସକ୍ଷମ ହୋଇଥାନ୍ତି । ଏଥିପାଇଁ ମହାଦେବୀ ବିଷ୍ଣୁମାୟାଙ୍କ ଆଶୀର୍ବାଦ ଅପରିହାର୍ଯ୍ୟ ଅଟେ । ସାଧାରଣ ମାନବମାନେ ଏହି ପରା, ପଶ୍ୟତି, ମଧ୍ୟମା, ବୈଖାରୀ ବ୍ରହ୍ମସୂତ୍ରାଦି ଜ୍ଞାନବିଜ୍ଞାନ ତତ୍ତ୍ୱ ଠିକ ଭାବରେ ପ୍ରାପ୍ତ/ଲାଭ କରିପାରନ୍ତି ନାହିଁ । ସେହି ସାଧାରଣ ମାନବମାନଙ୍କ ହୃଦୟରେ ଦିବ୍ୟଜ୍ଞାନ ପ୍ରକାଶ କରିବାପାଇଁ ବ୍ରହ୍ମ, କୃପାଙ୍କ ମାଧ୍ୟମରେ ବୈଷ୍ଣବୀଙ୍କୁ ଆଦେଶ ଦିଅନ୍ତି । ପାଞ୍ଚକଳ୍ପ ଭୋଗ ସାରିବାପରେ ବୈଷ୍ଣବୀ ମହାବିଜ୍ଞାନ ବ୍ରହ୍ମତତ୍ତ୍ୱକୁ ବ୍ରହ୍ମଙ୍କ ଇଚ୍ଛାମତେ କ୍ଷୁଦ୍ର କ୍ଷୁଦ୍ର ଜ୍ଞାନ ମଣ୍ଡଳରେ ବିଭକ୍ତ କରିଦିଅନ୍ତି । ଏହାଙ୍କ ପ୍ରଭାବଶାଳୀ କ୍ରିୟାରୁ ବିଭିନ୍ନ ସୂତ୍ରାଦୀୟ କ୍ଷୁଦ୍ରଜ୍ଞାନ ଖଣ୍ଡରେ ପରିଣତ ହେବାପରେ ତାହା 'ସୌର ବିଜ୍ଞାନ' ତନ୍ତ୍ରରେ ପରିଣତ ହୁଏ । 'ସୌର ବିଜ୍ଞାନ' ତନ୍ତ୍ରରେ ପରିଣତ ଖଣ୍ଡିତ ଜ୍ଞାନ ସୂର୍ଯ୍ୟାଲୋକ ସହିତ ଜ୍ଞାନସ୍ୱରୂପ ଧରାପୃଷ୍ଠକୁ ଅବତରଣ କରିଥାଏ । ଏହାପରେ ଏହି ଜ୍ଞାନକୁ ସର୍ବସାଧାରଣ ଲାଭ କରିପାରନ୍ତି ।

ଧରାଧାମରେ ପରିଲକ୍ଷିତ ହୁଏ ଯେ ପଶୁପକ୍ଷୀ, କୀଟପତଙ୍ଗ, ସରୀସୃପ ଏପରିକି ମନୁଷ୍ୟମାନେ ଜୀବନଚର୍ଯ୍ୟା ଚଳଣି ନିମନ୍ତେ କେତେକ ଜ୍ଞାନ ଆବଶ୍ୟକ କରନ୍ତି । ଏହି ଜ୍ଞାନ ତାଙ୍କୁ କୌଣସି ଗୁରୁ ବା ଶିକ୍ଷକ ଶିକ୍ଷା ଦେଇ ନଥା'ନ୍ତି । ତଥାପି ପର୍ଯ୍ୟାୟକ୍ରମେ ସେମାନେ ସେହିଜ୍ଞାନ ସ୍ୱତଃ ଲାଭ କରିଥାଆନ୍ତି । ଏହି କାର୍ଯ୍ୟ ମହାଦେବୀ ବିଷ୍ଣୁମାୟାଙ୍କ କଲ୍ୟାଣରେ ହିଁ ସମ୍ଭବପର ହୋଇଥାଏ । ତାଙ୍କରି କଲ୍ୟାଣରୁ ଧରାଧାମରେ ଜୀବ ନିଜନିଜର ପ୍ରକୃତିଗତ ଶୃଙ୍ଖଳା ରକ୍ଷାକରି ସୃଷ୍ଟିକୁ ଶୃଙ୍ଖଳିତ କରିପାରିଛନ୍ତି ।

ପ୍ରାଣୀଜଗତକୁ ପର୍ଯ୍ୟବେକ୍ଷଣ କଲେ ଦେଖାଯାଏ ଯେ, ସଦ୍ୟଜାତ ଶିଶୁ ମାତୃସ୍ତନ ପାନ କରିବାର ଶୈଳୀ ସ୍ୱତଃ ଶିକ୍ଷା କରିଥାଏ । ଏହା କେବଳ ମାନବ ଶିଶୁ ପକ୍ଷରେ ନୁହେଁ, ପଶୁ ଶାବକମାନେ ମଧ୍ୟ ଏହି କ୍ରିୟାରେ ସକ୍ଷମ ଅଟନ୍ତି । ଖାଦ୍ୟ, ଅଖାଦ୍ୟ ବାରିବାର ଜ୍ଞାନ ମଧ୍ୟ ପଶୁଶାବକମାନେ ଶୈଶବରୁ ସ୍ୱତଃ ଶିକ୍ଷା କରିଥାଆନ୍ତି । ଗୋଟିଏ ବ୍ୟାଘ୍ର ଶାବକକୁ ନଡ଼ା ବା ଘାସ ଦେଲେ ସେ କଦାପି ଭକ୍ଷଣ କରେନାହିଁ । ସେହିପରି ଛାଗଶିଶୁ ଓ ଗାଭିଶିଶୁକୁ ମାଂସ ଖଣ୍ଡେ ଦେଲେ ସେ ଗ୍ରହଣ କରେ ନାହିଁ । ଏହି ସମସ୍ତ କ୍ରିୟା ସ୍ୱୟଂଚାଳିତ ହୋଇ ବିଷ୍ଣୁମାୟା ପ୍ରଭାବରୁ ସଂଚାଳିତ ହୋଇ ଚାଲିଅଛି । ଚାଲିଥିବ । କିନ୍ତୁ ଯେତେବେଳେ ସୃଷ୍ଟିଦତ୍ତ ପ୍ରକୃତିରେ ବିକୃତି ଆସେ, ସେତେବେଳେ ହିଁ ସମସ୍ତ ଅସୁବିଧା ଓ ସମସ୍ୟା ସୃଷ୍ଟି ହୋଇଯାଏ ।

ମାନବ ସମାଜରେ ମଧ୍ୟ ଉକ୍ତ ମହାଦେବୀଙ୍କ ମହତ୍ ଇଚ୍ଛା ତଥା ଅପାର କରୁଣାରୁ ଯୌବନ ଉପସ୍ଥିତ ହେବାପୂର୍ବରୁ ତତ୍ ସମ୍ପର୍କିତ ଜ୍ଞାନ ସ୍ୱତଃ କିଶୋର, କିଶୋରୀ, ଯୁବକଯୁବତୀମାନେ ଆହରଣ

କରିପାରନ୍ତି । ଏହା ତାଙ୍କୁ କେହି ଶିକ୍ଷା ଦେଇ ନଥାନ୍ତି । ସୌର ବିଜ୍ଞାନ ତନ୍ତ୍ରରେ ପରିଣତ ଖଣ୍ଡିତ ଜ୍ଞାନ ଧରାପୃଷ୍ଠକୁ ଖସିବା ଫଳରେ ଧରାଧାମରେ ଜଣେ ବ୍ୟକ୍ତି ଅନ୍ତତଃ ଗୋଟିଏ ଜ୍ଞାନରେ ସମ୍ୟକ୍ ଦକ୍ଷତା ଅର୍ଜନ କରିବାରେ ସମ୍ଭବ ହୋଇପାରୁଛି । କୃଷକ କୃଷି କାର୍ଯ୍ୟରେ, ବଢ଼େଇ ନିର୍ମାଣ କାର୍ଯ୍ୟରେ ଓ ଏହିପରି ଅନେକ ଦୃଷ୍ଟାନ୍ତ ସର୍ବଦା ବିଦ୍ୟମାନ ହୋଇ ରହିଅଛି । ଏହାହିଁ ମହାଦେବୀ **ବିଷ୍ଣୁମାୟାଙ୍କ** ସ୍ୱୟଂସିଦ୍ଧ କରୁଣାର ପ୍ରତିବିମ୍ବ ।

ନିଗୂଢ଼ ରହସ୍ୟାବୃତ୍ତ ସୃଷ୍ଟି, ପ୍ରକୃତି ଓ ଏହାର ମହାନାୟକ ସ୍ୱୟଂ ସ୍ରଷ୍ଟାପୁରୁଷ **ବ୍ରହ୍ମ** । ଏହାଠାରୁ ଅଧିକ ରହସ୍ୟାଛନ୍ନ ତାଙ୍କର କର୍ମସାରଣୀ । **ନିଗମତତ୍ତ୍ୱ ସମ୍ବଳିତ ଏହି ପ୍ରକୃତି ଓ ମାୟା ତତ୍ତ୍ୱପୁରୁଷ ଅବ୍ୟକ୍ତଙ୍କ ସମତୁଲ୍ୟ ସୂକ୍ଷ୍ମସତ୍ତା** । ସ୍ଥୂଳତଃ ଏହାର କାର୍ଯ୍ୟଫଳ ଦୃଶ୍ୟମାନ ସତ୍ୟ, ମାତ୍ର ଏହାର ପ୍ରକୃତ କାର୍ଯ୍ୟ ସୂକ୍ଷ୍ମରେ ସଂଘଟିତ ହେଉଥିବାରୁ ଜାଗତିକ ବୁଦ୍ଧି ବା ଜ୍ଞାନ ବଳରେ ଏହା ଭେଦ କରିବା ସମ୍ଭବପର ହେଉନାହିଁ । ଏହା ମଧ୍ୟ ତାଙ୍କର ମହତ୍ ଇଚ୍ଛା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । ସୃଷ୍ଟି ସର୍ଜନା କରି ସୃଷ୍ଟି ଆଢୁଆଳରେ ଲୁଚିଛପି ସେ ରହିଯାଇଛନ୍ତି । ପ୍ରତିକ୍ଷଣରେ ଏହି ସୃଷ୍ଟିରେ ଖେଳୁଛନ୍ତି ଓ ଜୀବଜଗତକୁ ଖେଳାଉଛନ୍ତି । ଏହି ଖେଳର ମାଧ୍ୟମ ହିଁ ମହାଶକ୍ତି **'ମାୟା' (ବିଷ୍ଣୁ/ବୈଷ୍ଣବୀ/ଯୋଗ/ମହାମାୟା)** ।

ମାୟାଦେବୀ ମଣ୍ଡଳ ବିଭାଗୀୟ ଅଟନ୍ତି । ପର୍ଯ୍ୟାୟକ୍ରମରେ ଏହା ବିଶାଳ ଆକୃତିର ହରିଦ୍ରା ରଶ୍ମିଦ୍ୱାରା ନିଜର ସ୍ଥିତି ବଜାୟ ରଖନ୍ତି । ଯେଉଁ ମୁହୂର୍ତ୍ତରେ ପ୍ରକୃତିଦେବୀଙ୍କ ସହିତ ମାୟାଦେବୀଙ୍କର ଭେଟ ହୁଏ, ସେହି ଦର୍ଶନ ତତ୍ତ୍ୱର ମାୟାଦେବୀ ବ୍ରହ୍ମସ୍ୱରୂପା ହୋଇ ଦେଖା ଦିଅନ୍ତି । ଭାବ, ଜ୍ଞାନ, ଭକ୍ତି ତଥା ଚୈତନ୍ୟାଦି ଯାହାସବୁ ତାଙ୍କ ଦ୍ୱାରା ପ୍ରଦତ୍ତ ହୁଏ, ଭକ୍ତ ତାହାହିଁ ଗ୍ରହଣ କରିଥାଆନ୍ତି ।

ପ୍ରତ୍ୟେକ ଦେବୀ ତାଙ୍କର ସହଚରୀମାନଙ୍କୁ ଧରି ନୀଳ, ଗୈରିକ, ହରିଦ୍ରା, ଶ୍ୟାମଳାଦି ବର୍ଣ୍ଣରେ ଶକ୍ତିର ଅଧିକାରିଣୀ ହୋଇ ମହାଶୂନ୍ୟରେ ଭାସମାନ ଅବସ୍ଥାରେ ଥାଆନ୍ତି । ବୈଷ୍ଣବୀ (ବିଷ୍ଣୁମାୟା)ଙ୍କ ଏକ ପ୍ରତ୍ୟଂଶ କୁକୁଞ୍ଜନା ମାୟାର ଶକ୍ତିର ନାମ **କୁକ୍ଷୁଝ୍ୟ ଶକ୍ତି । ଏହା ଦେଖିବାକୁ** ରକ୍ତବର୍ଣ୍ଣ (ଲାଲ) ସୂର୍ଯ୍ୟଭଳି ହୋଇଥାଏ । ଏହି କୁକ୍ଷୁଝ୍ୟ ଶକ୍ତି ମଧ୍ୟରେ ଦେବୀମାନେ ଶକ୍ତିର ଅଧିକାର ନେଇ ଗୋପନରେ ରହିଥାଆନ୍ତି । ଏହି ଅବସ୍ଥାରେ 'କୁକୁଞ୍ଜନା' ନିଜର ସୀମା ଓ କର୍ମ ପରିସର ମଧ୍ୟରେ ଗୁପ୍ତରେ ରହି ବ୍ରହ୍ମାଣ୍ଡର ମାୟାକୁ ନିଜ ଦୃଷ୍ଟି ପଥରେ ଆଣିଥାଆନ୍ତି । ଏହି କାର୍ଯ୍ୟରେ ବ୍ୟତିକ୍ରମ ହେଲେ ବ୍ରହ୍ମ ନିଜେ ଇଚ୍ଛାକରି ମାୟାକୁ ଦୂରେଇ ଦିଅନ୍ତି । ମାୟା ଦୂରହେବାପରେ ସ୍ୱୟଂ ବ୍ରହ୍ମ ଆପେ କର୍ତ୍ତୃତ୍ୱ ଜାହିର କରନ୍ତି । ଏହାହିଁ ହେଉଛି ମାୟା-ପ୍ରକୃତିଙ୍କୁ ବ୍ରହ୍ମଙ୍କର ଦଣ୍ଡାଦେଶ । ଯେଉଁଦିନ ମାୟା ଧାରଣ କରିଥିବା ବର୍ଣ୍ଣର ବଳୟ ଉପରେ ୪୨(ବୟାଳିଶି) ଗୋଟି ଲାଲ ଆଲୋକ ରେଖା ଅଙ୍କିତ ହେବ, ସେହିଦିନ 'ମାୟା' ଦଣ୍ଡାଦେଶରୁ ମୁକ୍ତ ହୋଇ ପୁନଶ୍ଚ ପୂର୍ବବତ୍ କାର୍ଯ୍ୟକ୍ଷମ ହୁଅନ୍ତି ।

ମର୍ତ୍ତ୍ୟଧାମରେ ଯେଉଁ ସାଧକ ସିଦ୍ଧିଲାଭ କରିବାପରେ ଦର୍ଶନ ଲାଭ କରନ୍ତି, ସେହି ସମୟରେ 'କୁକୁଞ୍ଜନା' ମାୟାର ୨୦୩୨ (ଦୁଇହଜାର ବତ୍ରିଶି)ଟି ଧବଳବର୍ଣ୍ଣର ଗୋଲାକାର ଆକୃତି ବିଶିଷ୍ଟ ସ୍ଫଟିକ ସ୍ୱଚ୍ଛଜ୍ୟୋତିଃ ପିଣ୍ଡ ଦେବୀଶକ୍ତିଙ୍କ ଚତୁଃପାର୍ଶ୍ୱରେ ଘୂରିବୁଲନ୍ତି । ଉକ୍ତ ଘୂର୍ଣ୍ଣନ ଅବସ୍ଥାରେ ଯଦି ସାଧକର ଜ୍ଞାନପ୍ରାପ୍ତ ହୁଏ, ତେବେ ଦେବୀଶକ୍ତିଙ୍କ ଜ୍ୟୋତିର୍ମୟ ରୂପ ମଧ୍ୟରେ ସବୁଜ ବର୍ଣ୍ଣର ରଶ୍ମିରେଖା ଦେଖାଯିବ ।

ସାଧକ ଅନୁଭବ କରିବ ଯେ, ତାହାର ପ୍ରକୃତ ଜ୍ଞାନପ୍ରାପ୍ତି ହେଲା । ଏହି ଅବସ୍ଥାକୁ ମା' କୃପାଙ୍କ ଆଶିଷ ପ୍ରଦାନ କୁହାଯାଏ । ଉକ୍ତ ଦୁର୍ଲ୍ଲଭ ଅବସ୍ଥା ମଧ୍ୟ ମହାଦେବୀ ''ବିଷ୍ଣୁମାୟା''ଙ୍କ ବିନା ଆଶୀର୍ବାଦରେ ଅସମ୍ଭବ ହୋଇଥାଏ ।

ଏହିପରି ଅସରନ୍ତି କ୍ରିୟା ପ୍ରଭାବଯୁକ୍ତ ମା' ବିଷ୍ଣୁମାୟାଙ୍କ ବହୁରୂପ, ଅଶେଷ ମାୟା, ଅସୁମାରୀ ତତ୍ତ୍ୱ ବିସ୍ତାରିତ ଭାବେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ତେଣୁ ବର୍ତ୍ତମାନ ସେହି ମହାଦେବୀଙ୍କ ସଂକଳ୍ପ ଓ ବିକଳ୍ପ କ୍ରିୟାକୁ କିଛିମାତ୍ରାରେ ବର୍ଣ୍ଣନା କରି ବିଷୟକୁ ସମାପ୍ତ କରିବାକୁ ଉଚିତ ମନେ କରୁଅଛୁ ।

ବିଷ୍ଣୁ (ବୈଷ୍ଣବୀ) ମାୟାଙ୍କ ଏକ ଅଂଶ ଶକଟକ ମାୟା ତାଙ୍କର ମାୟାରଶ୍ମି ସାହାଯ୍ୟରେ ମର୍ତ୍ତ୍ୟଭୂମିକୁ ଆବୃତ୍ତ କରି ରଖିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବୃକ୍ଷ,ଲତା, ଉଦ୍ଭିଦମାନଙ୍କୁ ଆଲୋଚନା ପରିସର ମଧ୍ୟକୁ ନିଆଯାଉ । ଉଦ୍ଭିଦ ଜୀବଦାନ ପାଇବାକ୍ଷଣି ଅଙ୍କୁରୋଦ୍‌ଗମ ସମୟରେ ଏହି ମାୟାଂଶ ଧୂସର ବର୍ଣ୍ଣ ଧାରଣ କରି ମୂଳରେ ଅବସ୍ଥାନ କରେ । ଫଳରେ ସ୍ୱୟଂଚାଳିତ ପ୍ରକ୍ରିୟାରେ ବୃକ୍ଷ,ଲତା ବର୍ଦ୍ଧିତ ହୋଇଚାଲେ । ଆଲୋକଚକ୍ର ପରି ସୂକ୍ଷ୍ମଅବସ୍ଥା ପ୍ରାପ୍ତ ହୋଇ ଏହି ମାୟାଂଶ ଉଦ୍ଭିଦମାନଙ୍କ ମୂଳରେ ରହିଥିବାରୁ, ସେମାନଙ୍କୁ ଦେଖିବାମାତ୍ରେ ମନୁଷ୍ୟମାନଙ୍କ ଶରୀରରେ ଥିବା ଉକ୍ତ ମାୟାର ସୂକ୍ଷ୍ମାଂଶ ସହ ମିଳିତ ହୋଇଯାଏ । ଫଳରେ ମନୁଷ୍ୟ ମନରେ ଉଦ୍ଭିଦ ପ୍ରତି ସ୍ୱତଃ ଶ୍ରଦ୍ଧା ଜାତ ହୋଇଯାଏ ।

ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚ୍ୟ ପ୍ରାଣୀ ଜଗତ । ଉଦ୍ଭିଦମାନଙ୍କ ପରି ଉକ୍ତ ମାୟାଂଶର ରଶ୍ମିପୁଞ୍ଜ ଧୂସର ବର୍ଣ୍ଣ ଧାରଣ କରି ଜଳଚର, ସ୍ଥଳଚର ଓ ସରୀସୃପ ପ୍ରାଣୀମାନଙ୍କ ଶରୀରରେ ପ୍ରବେଶ କରେ । ଏହାରି ପ୍ରଭାବରେ ସେମାନେ ସ୍ୱୟଂଚାଳିତ କ୍ରିୟାରେ ଏକତାବଦ୍ଧ ହୁଅନ୍ତି ଏବଂ ସେମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ, ମମତା, ସହାନୁଭୂତି ସୂକ୍ଷ୍ମସ୍ତରୀୟ ଅବସ୍ଥା ନେଇ ଜମାଟ ବାନ୍ଧି ରହେ ।

ତୃତୀୟ ପର୍ଯ୍ୟାୟରେ ଆଲୋଚନା କରିବା, ଉପରୋକ୍ତ ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟତା ସମ୍ପର୍କରେ । ଦେବତାମାନେ ଏହି ମାୟାର ପ୍ରଭାବରେ ନିଜ ନିଜ ମଧ୍ୟରେ ସ୍ନେହବନ୍ଧନରେ ଆବଦ୍ଧ ହେବା ସଙ୍ଗେ ସଙ୍ଗେ ମର୍ତ୍ତ୍ୟଭୂମିର ସମସ୍ତ ସୃଷ୍ଟି ପ୍ରତି ସମପରିମାଣ, ସମଭାବରେ ସ୍ନେହଶୀଳ ହୋଇଥାଆନ୍ତି । ବୃକ୍ଷ, ଲତା, ଉଦ୍ଭିଦ, ଗୁଳ୍ମରାଜି, ନଦ, ନଦୀ, ହ୍ରଦ, ପର୍ବତ, ପାହାଡ଼, ପ୍ରାଣୀଜଗତ ଏମାନେ ପ୍ରତ୍ୟେକ ସ୍ନେହ, ସହାନୁଭୂତିର ଆଧାର ହୋଇଥିଲେ ମଧ୍ୟ ଜ୍ଞାନ, ବିବେକ, ବାକ୍‌ଶକ୍ତିଧାରୀ ମନୁଷ୍ୟ ଦ୍ୱାରା ଆଦର, ଯତ୍ନ, ସ୍ନେହ ପାଉଛନ୍ତି । ଏହାହିଁ ଅଦ୍ଭୁତ ମହାଶକ୍ତି ବିଷ୍ଣୁମାୟାଙ୍କ ଚମତ୍କାରିତା ନୁହେଁ ତ ଆଉ କ'ଣ ହୋଇପାରେ ?

ସେହି ମହାଶକ୍ତି 'ବିଷ୍ଣୁମାୟା' ଜୀବକୁ ଲାଳନପାଳନ କରିବା ଅବସ୍ଥାରେ ଯେତିକି ପରିମାଣରେ ସଦ୍‌ବୁଦ୍ଧି, ଜ୍ଞାନବିଜ୍ଞାନ ତତ୍ତ୍ୱ, ବିବେକ ତଥା ସମଭାବ ପ୍ରଦାନ କରିଥା'ନ୍ତି, ଠିକ୍ ସମପରିମାଣରେ ଜୀବକୁ ଜଡ଼ତା, ଅଜ୍ଞାନତା, ମୂଢ଼ତା, ଆସୁରିକ ପ୍ରବୃତ୍ତି, ହିଂସା, ଦ୍ୱେଷ, ପରଶ୍ରୀକାତରତା ଦେଇଥା'ନ୍ତି ଏବଂ ଭୟାତୁରା କରାଇ ଥାଆନ୍ତି । ଏହିକ୍ରିୟା ପିଣ୍ଡସ୍ଥ ନାଦଗର୍ଦ୍ଦଣ କୋଷ ମାଧ୍ୟମରେ ସମାହିତ ହୋଇଥାଏ । ନିଜର ସୁଅଭ୍ୟାସ, ସୁସଙ୍ଗ, ସୁଚିନ୍ତା, ସୁକର୍ମ ଦ୍ୱାରା ଯାହାର ନାଦଗର୍ଦ୍ଦଣ କୋଷ ଯେତିକି ବିକଶିତ, ତାହା

ମଧ୍ୟରେ ମହାଦେବୀଙ୍କ ଆଶିଷ ସେତିକି କଲ୍ୟାଣମୟ । ମନୁଷ୍ୟ ଯେଉଁ ଭାବରେ ମଜ୍ଜିରହିଥାଏ, ମହାଦେବୀ ତାକୁ ଠିକ୍ ସେହିଭାବରେ ଦୃଢ଼ କରାଇଦିଅନ୍ତି । କିନ୍ତୁ ଯେତେବେଳେ ମନୁଷ୍ୟ କୁକର୍ମ କରିବାକୁ ଅଗ୍ରସର ହୁଏ, ସେତେବେଳେ ମହାଦେବୀ ତା' ମଧ୍ୟରେ ଭୟସୃଷ୍ଟି କରାଇ ସେ ଅପକର୍ମରୁ ନିବୃତ୍ତ କରିବାକୁ ପ୍ରୟାସ କରନ୍ତି । ଯେଉଁବ୍ୟକ୍ତି ସେହି ସଙ୍କେତ ବୁଝିପାରି ନିଜକୁ ସଂଯତ କରିନିଏ, ମହାଦେବୀ ତା'ର ପଥ ପରିଷ୍କାର କରି ବ୍ରହ୍ମାଭିମୁଖୀ କରାଇଦିଅନ୍ତି । ମାତ୍ର, ଯଦି ବ୍ୟକ୍ତି ସଙ୍କେତ ଗ୍ରହଣ ନକରି କୁକର୍ମରେ ଲିପ୍ତ ହୋଇଯାଏ, ତେବେ ମହାଦେବୀ ତାକୁ ପତନର ଦ୍ୱାରକୁ ନିକ୍ଷେପ କରିଦିଅନ୍ତି । ଫଳସ୍ୱରୂପ ସେ ବ୍ରହ୍ମ ଅନୁରାଗୀ ହେବା ପରିବର୍ତ୍ତେ ବ୍ରହ୍ମଦ୍ରୋହୀ ତଥା ବ୍ରହ୍ମବିରୋଧୀ ହୋଇ ଜନ୍ମଜନ୍ମାନ୍ତର ଚକ୍ରରେ କେବଳ ଦୁଃଖ, କଷ୍ଟ ତଥା ଯନ୍ତ୍ରଣା ଭୋଗ କରି ଚାଲିଥାଏ । ବ୍ରହ୍ମ ଅନୁକମ୍ପାର ଲେଶମାତ୍ର ଅନୁଭବ ସେ କରିପାରେ ନାହିଁ ।

ଆଜି ସୃଷ୍ଟିରେ ଉପରୋକ୍ତ ଦ୍ୱିତୀୟ ପର୍ଯ୍ୟାୟଭୁକ୍ତ ମନୁଷ୍ୟ ବହୁଳଭାବରେ ରହିଛନ୍ତି । ଯୁଗଯୁଗଧରି ଭିନ୍ନ ଭିନ୍ନ ଯୋନିରେ ସେମାନେ ଜନ୍ମଗ୍ରହଣ କରି ବାସ୍ତବତାର ଏକ ଅପହଞ୍ଚ ଦୂରତାକୁ ଚାଲିଯାଇଛନ୍ତି । ସେଇଥିପାଇଁ ପରମକାରୁଣିକ ଚରମପୁରୁଷ ଆଜି ସେମାନଙ୍କର ଭାର ସ୍ୱୟଂ ବହନ କରି ଧରାପୃଷ୍ଠକୁ ଅବତରୀ ଆସିଛନ୍ତି । ସେମାନଙ୍କ ଜାଗତିକ ମୋହକୁ ବିନାଶ କରି ଅତିମାନସ ସ୍ତରର 'ଚରମଚୈତନ୍ୟ' ଜ୍ଞାନ ବିକଶିତ କରାଇବାର ଲକ୍ଷ୍ୟ ନେଇ କ୍ରମାଗତ ଭାବେ **'ଚରମ ଚୈତନ୍ୟ ମହାଯଜ୍ଞ'** କରାଇ ଚାଲିଛନ୍ତି । ଉଦ୍ଦେଶ୍ୟ - ଉକ୍ତ ଯଜ୍ଞରେ ସୃଷ୍ଟି ହେଉଥିବା ଆହୁତିଜନିତ ଧୂମ୍ରକୁଣ୍ଡଳୀ ଶରୀରରେ ସ୍ପର୍ଶ ଦେବାମାତ୍ରେ ନାଦଗର୍ଦ୍ଦଣ କୋଷର ଛାଣୁତ୍ୱ ଦୂର ହୋଇ ମନୁଷ୍ୟ ଦିବ୍ୟସତ୍ତା ପାଇଁ ବ୍ୟାକୁଳ ହେବ । ତା'ର ମନରେ ସ୍ନେହ, ମମତା, କରୁଣା, ସମବେଦନା, କ୍ଷମା, ସହନଶୀଳତା, ଅହିଂସା, ପ୍ରତିଶ୍ରୁତିବଦ୍ଧତା, ଦୃଢ଼ତା ଓ ବ୍ରହ୍ମାଭିମୁଖୀ ହେବା ଇତ୍ୟାଦି ଦିବ୍ୟଗୁଣ ପ୍ରାପ୍ତିର ଆତୁରତା ସୃଷ୍ଟି ହେବ । ସମସ୍ତ ତାମସିକ, ପାଶବିକ ଗୁଣର ବିନାଶ ହୋଇ ଅତିମାନସ ସ୍ତରୀୟ ଦିବ୍ୟଗୁଣ ବିକଶିତ ହେବ ।

କିନ୍ତୁ ପିଣ୍ଡରେ ଏହି କ୍ରିୟା ସମ୍ପାଦନ କରିବାପାଇଁ **'ମହାଦେବୀ ବିଷ୍ଣୁମାୟା'**ଙ୍କ ସହାୟତା ଏକାନ୍ତ ଆବଶ୍ୟକ । ସେଥିପାଇଁ ସୃଷ୍ଟିର କଲ୍ୟାଣ କରିବାର ସଂକଳ୍ପ ନେଇ କରୁଣାମୟ **'ବିଷ୍ଣୁମାୟା'**ଙ୍କୁ ଆଜି ସ୍ୱୟଂ ଆବାହନ କରି ଜୀବକୁ ତାଙ୍କ ଶକ୍ତ ମାୟା ଶିକୁଳିରୁ ମୁକ୍ତ କରିବାକୁ ତାଙ୍କୁ ପୂଜା ସମର୍ପଣ କରୁଛନ୍ତି ।

ହେ ପୂଜନୀୟ ଦିବ୍ୟାତ୍ମାଗଣ ! ପ୍ରଳୟ ଆଜି ଦ୍ୱାର ଦେଶରେ ପହଞ୍ଚିସାରିଛି । ସମ୍ମୁଖରେ ସମୟ ଖୁବ୍ ସ୍ୱଳ୍ପ, କିନ୍ତୁ ଆମକୁ ଯିବାକୁ ଅଛି ଅନେକ ଦୂରପଥ । ଏହି ସ୍ୱଳ୍ପ ସମୟ ମଧ୍ୟରେ ନିଜେ ନିଜକୁ ସେହି କଲ୍ୟାଣମୟଙ୍କ ପାଦପଦ୍ମରେ ସମ୍ପୂର୍ଣ୍ଣ ସମର୍ପିତ କରାଇ ମା' ବିଷ୍ଣୁମାୟାଙ୍କ ବନ୍ଧନରୁ ମୁକ୍ତ ହୋଇ ଯାଆନ୍ତୁ ଏବଂ ଅମୃତ ପାନ କରି ଅବ୍ୟକ୍ତ ପଞ୍ଜରରେ ନିଜ ପାଇଁ ଏକ ସ୍ଥାନ ନିଶ୍ଚିତ କରିନିଅନ୍ତୁ ।

ଯୁଗସନ୍ଧି ସମୟରେ ମହାଦେବୀଙ୍କର କରୁଣା ଅପରିହାର୍ଯ୍ୟ ମନେକରି ପରମ କାରୁଣିକ ଚରମେଶ୍ୱର ସନ ୧୯୯୬ ମସିହା ଫେବୃୟାରୀ ମାସ ୨୦ ତାରିଖରେ ଏକ ଅପୂର୍ବ ଅଦ୍ଭୁତ ସନ୍ଦେଶ ଦେଇଥିଲେ । ଯାହାକି :-

''ମାଆ, ମାଆ, ଡାକ ରହିଥାଉ ।
ମାଆ ମୋ ମହତ୍ ମାୟାଜଉ ॥
ମୋହ ଜାଲରେ ତୁ ଡାକିଦେଲୁ ।
ମୋହିନୀ ରୂପରେ ଫାନ୍ଦ କଲୁ ॥
ତନୁମନ ତୋର ତରଙ୍ଗ ପିଣ୍ଡ ।
ବନ୍ଧନ ତୁ ଫିଟା ଦେଖେ ବ୍ରହ୍ମାଣ୍ଡ ॥''

ଉପରୋକ୍ତ ବାଣୀକୁ ଗମ୍ଭୀରତାର ସହ ଲକ୍ଷ୍ୟ କଲେ ଦେଖିବେ, ପ୍ରଥମ ଦୁଇଟି ଧାଡ଼ିରେ ସେ ସ୍ପଷ୍ଟ ଉଲ୍ଲେଖ କରି ଦେଇଛନ୍ତି ଯେ, ମାଆ (ବିଷ୍ଣୁମାୟା) ତାଙ୍କର ମାୟାଜଉ । ସେହି ଜଉର ଅଠାରେ ସମସ୍ତେ ବନ୍ଦୀ । ତେଣୁ ସେ ବନ୍ଧନ ଫିଟିବା ନିହାତି ଆବଶ୍ୟକ । ଶେଷ ଦୁଇଧାଡ଼ିରେ ଜୀବଜଗତ ଉଦ୍ଦେଶ୍ୟରେ ଉଲ୍ଲେଖ କରି ନିର୍ଦ୍ଦେଶ କରିଛନ୍ତି ଯେ, ମାଆ (ବିଷ୍ଣୁମାୟା)କୁ ଆକୁଳ ନିବେଦନ କରି ନିଜେ ନିଜକୁ ସଂସ୍କାରିତ କରାଇନିଅ ଏବଂ ବନ୍ଧନ ଖୋଲିବାପାଇଁ ପ୍ରାର୍ଥନା କର । ନଚେତ୍ ମୋହ, ମାୟା ବନ୍ଧନରୁ ମୁକ୍ତି ଅସମ୍ଭବ ।

ହେ ମାନନୀୟ ଶ୍ରଦ୍ଧାଳୁ ବ୍ରହ୍ମଜିଜ୍ଞାସୁଗଣ ! 'ମାୟା' ସମ୍ପର୍କରେ, ଯଜ୍ଞ ସମ୍ବନ୍ଧରେ ତଥା ଚରମେଶ୍ୱରଙ୍କ କ୍ରିୟମାଣ ଇଚ୍ଛା ପ୍ରକାଶ କରିବାପରେ ବୋଧହୁଏ ଆଉ କୌଣସି ସନ୍ଦେହ, ଦ୍ୱନ୍ଦ୍ୱ, ଅବିଶ୍ୱାସ ମନ ମଧ୍ୟରେ ରହିବ ନାହିଁ । ତେବେ ଆସନ୍ତୁ, ଏକମୁଖ ହୋଇ ପ୍ରାର୍ଥନା କରିବା-''ହେ ଚରମେଶ୍ୱର! ହେ ଚରମେଶ୍ୱରୀ !!! ଆମକୁ ବନ୍ଧନ ମୁକ୍ତ କରି ଆମର କଲ୍ୟାଣ ପଥର ଦ୍ୱାର ଉନ୍ମୁକ୍ତ କରିଦିଅ । ନିତ୍ୟ ରାହାସ ଶାନ୍ତି ପ୍ରଦାନ କର ।

ଏତିକିମାତ୍ର କାମନା କରି ଏହିଠାରେ ବିଦାୟ ନେଉଛୁ ।

''ସର୍ବେ ଭବନ୍ତୁ ସୁଖୀନଃ
ସର୍ବେ ଶନ୍ତୁ ନିରାମୟ
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖଭାଗ ଭବେତ୍ ।''

ଓଁ ଶାନ୍ତିଃ ଓଁ ଶାନ୍ତିଃ ଓଁ ଶାନ୍ତିଃ

# ଆଶ୍ରମ ସମ୍ବାଦ

ତା୨୪.୪.୨୦୧୩ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ରରେ ଚାରିଯୁଗ ଅଷ୍ଟମ ପ୍ରହର ନାମଯଜ୍ଞ ଉପଲକ୍ଷେ ଚାରିମଣ୍ଡପରେ ପୂଜାର୍ଚ୍ଚନା ।

ତା୨୫.୪.୨୦୧୩ରିଖ (ଗୁରୁବାର) : ଚୈତ୍ରପୂର୍ଣ୍ଣମୀ ଦିନ ନାମଯଜ୍ଞର ଶୁଭାଧିବାସ, ଶ୍ରୀକଳସ ଶୋଭାଯାତ୍ରା, ବିମାନ ପରିକ୍ରମା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଅଛି ।

'ଠାକୁର' ଯଦୁନାଥଙ୍କ ବାର୍ଷିକ ତିରୋଧାନ ତିଥି ପାଳନ ଅବସରରେ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।

ତା୨୬.୪.୨୦୧୩ରିଖ (ଶୁକ୍ରବାର) : ସ୍ୱର୍ଣ୍ଣକ୍ଷେତ୍ରରେ ଚତୁର୍ମଣ୍ଡପରେ ଚାରିଯୁଗ ଅଷ୍ଟମପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା ।

ତା୨୭.୪.୨୦୧୩ରିଖ (ଶନିବାର) : ଅଷ୍ଟମପ୍ରହର ନାମଯଜ୍ଞର ବିରତି କରାଯାଇ ନଗର ପରିକ୍ରମା କରାଯାଇଥିଲା ।

ତା୧୩.୫.୨୦୧୩ରିଖ (ସୋମବାର) : ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପରିଷଦ୍ ତଥା ସଂଘର ପ୍ରତିଷ୍ଠା ଦିବସ ପାଳନ ଓ ସନାତନ କେତନର ଜନ୍ମଜୟନ୍ତୀ ମହୋତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଅଛି ।

ଏତଦ୍‌ବ୍ୟତୀତ ପ୍ରତ୍ୟେକ ଶାଖା/କେନ୍ଦ୍ର ଓ ଜିଲ୍ଲା ସଙ୍ଗଠନ ନିଜ ନିଜର ସାମର୍ଥ୍ୟାନୁଯାୟୀ ଏହି ତିଥି ମହୋତ୍ସବକୁ ଯଥାବିଧି ପାଳନ କରିଥିଲେ ।

ତା୧୫.୫.୨୦୧୩ରିଖ (ବୁଧବାର) : ବୃଷ ସଂକ୍ରାନ୍ତି ଦିନ ଭୁବନେଶ୍ୱର ଲକ୍ଷ୍ମୀସାଗର ଗୁରୁଭ୍ରାତା ପ୍ରଭାତ ଭାଇଙ୍କ ବାସଭବନ ପରିସରରେ ସଂଘ ତରଫରୁ ପାରିବାରିକ ବାର୍ଷିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଅଛି ।

ତା୧୬.୫.୨୦୧୩ରିଖ (ଗୁରୁବାର) : ନିଶ୍ଚିନ୍ତକୋଇଲି ଶାଖାର ବାର୍ଷିକ ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବ ସଂଘ ଆନୁକୂଲ୍ୟରେ ଓ କେନ୍ଦ୍ର ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

ତା୨୧.୫.୨୦୧୩ରିଖ (ମଙ୍ଗଳବାର) ଠାରୁ

ତା୨୫.୫.୨୦୧୩ରିଖ (ଶନିବାର)ପର୍ଯ୍ୟନ୍ତ : ସୁନ୍ଦରଗଡ଼ ଜିଲ୍ଲା ବିରବିରା ଠାରେ ସଂଘ ପରିଷଦ୍ ଆନୁକୂଲ୍ୟରେ ଯଜ୍ଞ ଓ ସତ୍‌ସଙ୍ଗ ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୨୭.୫.୨୦୧୩ରିଖ (ସୋମବାର) ଏବଂ

ତା୨୮.୫.୨୦୧୩ରିଖ(ମଙ୍ଗଳବାର) : ଦେବଗଡ଼ ଜିଲ୍ଲା ରେଙ୍ଗାଲବାହାଲ ଠାରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୩୧.୫.୨୦୧୩ (ଶୁକ୍ରବାର) : ଯାଜପୁର ଜିଲ୍ଲା ବନମାଳିପୁର ଗ୍ରାମରେ ସଂଘ ଆନୁକୂଲ୍ୟରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା ।

ତା୫.୬.୨୦୧୩ରିଖ(ବୁଧବାର) : କୁଜିଆକେନ୍ଦ୍ର ଅଧୀନସ୍ଥ କାଳିକାପୁର ଠାରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।

ତା୭.୬.୨୦୧୩ରିଖ(ଶୁକ୍ରବାର) : ଦେରାବିଶ ଛକଠାରେ ନିକଟ ହଳଦୀପଦର ଗ୍ରାମରେ ସଂଘ ଆନୁକୂଲ୍ୟରେ ସତ୍‌ସଙ୍ଗ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୮.୬.୨୦୧୩ରିଖ(ଶନିବାର) : ପବିତ୍ର ସାବିତ୍ରୀ ଅମାବାସ୍ୟା ଦିନ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଭଗିନୀମାନଙ୍କ ସାବିତ୍ରୀ ବ୍ରତ ଉପାସନା ପୂଜା, ନାମ ସଂକୀର୍ତ୍ତନ ଯଥାବିଧି ପାଳନ କରାଯାଇଥିଲା ।

ତା୧୪.୬.୨୦୧୩ରିଖ(ଶୁକ୍ରବାର) ଠାରୁ
ତା୧୬.୬.୨୦୧୩ରିଖ(ରବିବାର) ପର୍ଯ୍ୟନ୍ତ : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଗୁରୁଭ୍ରାତା ଅଶୋକ ଭାଇଙ୍କ ପ୍ରଚେଷ୍ଟାରେ ରଜ ଦୋଳି ମହୋତ୍ସବ ମହାସମାରୋହରେ ପାଳନ କରାଯାଇଥିଲା ।

ତା୧୭.୬.୨୦୧୩ରିଖ(ସୋମବାର) : ବାରିପଦା ଠାରେ ଗୁରୁପାଦ ଶ୍ରୀ ବିଜୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ କାଶୀବାରୋଡ ସ୍ଥିତ ବାସଭବନ ପରିସରରେ ଯଥାବିଧି ପାଳନ କରାଯାଇଅଛି ।

ବଡ ପାଲଦା ଶାଖା ଅନ୍ତର୍ଗତ କୁହୁରୀ ଗ୍ରାମର ଗୁରୁଭ୍ରାତା ବୈରାଗୀ ଚରଣ ମଲ୍ଲିକଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୨୬.୬.୨୦୧୩ରିଖ(ବୁଧବାର) : ଅବାଡ଼ବାଗ ପରିସରରେ ଅବଧୂତ ସନ୍ନ୍ୟାସୀ ବ୍ରାହ୍ମଣ ଆର୍ଯ୍ୟଙ୍କ ବାର୍ଷିକ ତିରୋଧାନ ତିଥି ମହୋତ୍ସବ ଯଥାବିଧି ପାଳନ କରାଯାଇଅଛି ।

ତା୧୦.୭.୨୦୧୩ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଅବାଡବାଗ ପରିସରରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ମହାସମାରୋହରେ ପାଳନ ହୋଇଯାଇଅଛି ।

ତା୧୬.୭.୨୦୧୩ରିଖ(ମଙ୍ଗଳବାର) : ସ୍ୱର୍ଣ୍ଣକ୍ଷେତ୍ରର ପ୍ରଥମାଚାର୍ଯ୍ୟ ଯତିବର୍ଯ୍ୟ'ଙ୍କ ବାର୍ଷିକ ଶ୍ରାଦ୍ଧତିଥି ଯଥାବିଧି ଆଶ୍ରମ ପରିସରରେ ପାଳନ କରାଯାଇଥିଲା ।

କର୍କଟସଂକ୍ରାନ୍ତି ତିଥିରେ ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଆଶ୍ରମ ପରିସରରେ ସୁଦର୍ଶନବାବାଙ୍କ ସମାଧିପୀଠ ନିକଟରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା ।

ତା ୧୮.୭.୨୦୧୩ରିଖ (ଗୁରୁବାର) : ଅବାଡବାଗ ପରିସରରେ ତିନି ଠାକୁର ବାହୁଡାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୨୪.୭.୨୦୧୩ରିଖ(ବୁଧବାର) : ଗୁରୁଭ୍ରାତା ଏ ଯାଦବ ଭାଇଙ୍କ ଶ୍ରାଦ୍ଧତିଥି ଯଥାବିଧି ପାଳନ ହୋଇଯାଇଅଛି ।

ତା୧୫.୮.୨୦୧୩ (ଗୁରୁବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସ୍ୱାଧୀନତା ଦିବସ ଯଥାବିଧି ପାଳନ କରାଯାଇଅଛି ।

ତା୨୧.୮.୨୦୧୩ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀପାଦୁକା ସ୍ନାନ ଓ ଝୁଲଣ ଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା ।

ତା୨୮.୮.୨୦୧୩ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଅବାଡବାଗ ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଗୁରୁଭ୍ରାତା ଅଶୋକ ଭାଇଙ୍କ ଉଦ୍ୟମରେ ଯଥାବିଧି ପାଳନ ହୋଇଯାଇଅଛି ।

ତା୨୯.୮.୨୦୧୩ରିଖ (ଗରୁବାର) : ଆଶ୍ରମ ପରିସରରେ ନନ୍ଦୋତ୍ସବ ମହାସମାରୋହରେ ପାଳନ କରାଯାଇଥିଲା ।

ତା୨.୯.୨୦୧୩ରିଖ (ସୋମବାର) : ଭୁବନେଶ୍ୱର କଳାରାହାଙ୍ଗ ଠାରେ ମେନଅପାଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୪.୯.୨୦୧୩ରିଖ (ବୁଧବାର)ଏବଂ
ତା୫.୯.୨୦୧୩ରିଖ (ଗୁରୁବାର) : ଅନୁଗୁଳ ଜିଲ୍ଲା ଲକେଇପଶି ଗ୍ରାମର ଗୁରୁଭ୍ରାତା ଗଙ୍ଗାଧର ଭାଇଙ୍କ ବାସଭବନ ନିକଟରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୭.୯.୨୦୧୩ରିଖ (ଶନିବାର) : ପୂଜକ ୰ ସୁରେନ୍ଦ୍ର ଦାସଙ୍କ ବାର୍ଷିକ ଶ୍ରାଦ୍ଧତିଥି ପାଳନ ହୋଇଯାଇଅଛି ।

ତା୯.୯.୨୦୧୩ରିଖ (ସୋମବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀଗଣେଶ ପୂଜା ଯଥାରୀତି ଅନୁଷ୍ଠିତ ହୋଇଥିଲା ।

ତା୧୨.୯.୨୦୧୩ରିଖ (ଗୁରୁବାର) : ପ୍ରତ୍ୟେକ ଶାଖାରେ ସାପ୍ତାହିକ ଭାଗବତ ପାଠ ପାଇଁ ଶ୍ରୀକଳସ ଶୋଭାଯାତ୍ରା ଓ ଶୁଭାଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।

ତା୧୩.୯.୨୦୧୩ରିଖ (ଶୁକ୍ରବାର) ଠାରୁ
ତା୧୯.୯.୨୦୧୩ରିଖ (ଗୁରୁବାର) ପର୍ଯ୍ୟନ୍ତ : ସପ୍ତାହବ୍ୟାପୀ ପ୍ରତ୍ୟେକ ଶାଖାରେ ଭାଗବର୍ତ ପାଠ ଅନୁଷ୍ଠିତ ହୋଇଯାଇଅଛି ।

ତା୧୯.୯.୨୦୧୩ରିଖ (ଗୁରୁବାର) : ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ୫୯ତମ ମର୍ତ୍ତ୍ୟାବତରଣ ତିଥି ମହୋତ୍ସବ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ନବଦିନବ୍ୟାପୀ ଅନୁଷ୍ଠିତ ହୋଇଯାଇଅଛି ।

ତା୨୭.୯.୨୦୧୩ରିଖ (ଶୁକ୍ରବାର) : ଚରମମୁଦ ଉନ୍ମୋଚନର ବାର୍ଷିକ ତିଥି ପାଳନ ଜଗତପୁରସ୍ଥ କେଶବଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।

ତା୨.୧୦.୨୦୧୩ରିଖ (ବୁଧବାର) : ଜାତରପିତା ମହାତ୍ମାଗାନ୍ଧୀ ଓ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଜୟନ୍ତୀ ପାଳନ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।

ତା୧୮.୧୦.୨୦୧୩ରିଖ (ଶୁକ୍ରବାର) : ଚରମ ମର୍ତ୍ତ୍ୟାବତରଣ ବାର୍ଷିକତିଥି ମହୋତ୍ସବ ଜଗତପୁରସ୍ଥ କେଶବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।

ତା୨୯.୧୦.୨୦୧୩ରିଖ (ମଙ୍ଗଳବାର) : ଫୁଲନଖରା ନିକଟ ମହିଧରପଡ଼ା ମେଡିକାଲ ବଜାରରେ ନିକଟରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୩୦.୧୦.୨୦୧୩ରିଖ(ବୁଧବାର) ଏବଂ
ତା ୩୧.୧୦.୨୦୧୩ରିଖ (ଗୁରୁବାର : କଟକ ନାରାୟଣ ମିଶ୍ର ଲେନ୍‌ର ଗୁରୁଭ୍ରାତା ୰ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ଦଶାହ ଓ ଏକାଦଶାହ କାର୍ଯ୍ୟକ୍ରମ ସଂଘ

ଆନୁକୂଲ୍ୟରେ ଯଥାବିଧି ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।

ତା୩.୧୧.୨୦୧୩ରିଖ (ରବିବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଦିବସବ୍ୟାପୀ ମହାମନ୍ତ୍ର ନାମ ସଂକୀର୍ତ୍ତନ, ପୟାଶ୍ରାଦ୍ଧ ଓ ସନ୍ଧ୍ୟାରେ ଭାଇଭଉଣୀଙ୍କ ଶ୍ରୀଗୁରୁସ୍ୱାମୀଙ୍କ ପ୍ରଦତ୍ତ ବିଧାନରେ ଦୀପଦାନ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୬.୧୧.୨୦୧୩ରିଖ (ବୁଧବାର) : ଠାକୁମା ସୁକାନ୍ତୀଦେବୀଙ୍କ ମହାପ୍ରୟାଣ ବାର୍ଷିକ ତିଥି ପାଳନ ଉପଲକ୍ଷେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସତ୍‌ସଙ୍ଗ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୧୧.୧୧.୨୦୧୩ (ସୋମବାର) : ଜଗତସିଂହପୁର ତରଡାପଡା ଗ୍ରାମରେ ଧୁନିବେଓ୍ୱାଙ୍କ ତିଳତର୍ପଣ ଓ ସତ୍‌ସଙ୍ଗ ମହୋତ୍ସବ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି ।

ତା୧୭.୧୧.୨୦୧୩ରିଖ (ରବିବାର): ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଚରମଘାଟରେ ଚତୁର୍ଥପ୍ରହର ନାମସଂକୀର୍ତ୍ତନ କରିଆ ବନ୍ଦନା ଉତ୍ସବ, ଅସ୍ଥି, କେଶ ବିସର୍ଜନ ଓ ପିଣ୍ଡଦାନ କାର୍ଯ୍ୟକ୍ରମ ଶ୍ରୀଗୁରୁସ୍ୱାମୀଙ୍କ ନିର୍ଦ୍ଦେଶିତ ବିଧାନରେ ଅନୁଷ୍ଠିତ ହୋଇଯାଇଅଛି ।

ତା୨୨.୧୧.୨୦୧୩ରିଖ(ଶୁକ୍ରବାର) : ନିକିରାଇ ହରିପୁର ଗ୍ରାମର ୰ ଜଗଦିଶ ବେହେରାଙ୍କ ଶ୍ରାଦ୍ଧତିଥି ଉପଲକ୍ଷେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୨୭.୧୧.୨୦୧୩ରିଖ (ବୁଧବାର): ଇନ୍ଦୁପୁର ଶାଖାର ଗୁରୁଭ୍ରାତା ବଂଶୀଧର ଭାଇଙ୍କ ବାସଭବନ ପରିସରରେ ସଂଘ ତରଫରୁ କଲ୍ୟାଣ ହୋମଯଜ୍ଞ ଓ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୨୮.୧୧.୨୦୧୩ରିଖ(ଗୁରୁବାର)ଏବଂ
ତା୨୯.୧୧.୨୦୧୩ରିଖ(ଶୁକ୍ରବାର): ଭୁବନେଶ୍ୱର ଆଚାର୍ଯ୍ୟ ବିହାର ନିକଟ IMMT RRL କ୍ୟାମ୍ପସ୍‌ରେ ଗୁରୁଭ୍ରାତା ଭାଗ୍ୟଧର ଭୋଇଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୪.୧୨.୨୦୧୩ରିଖ(ବୁଧବାର) ଠାରୁ
ତା ୭.୧୨.୨୦୧୩ରିଖ(ଶନିବାର) ପର୍ଯ୍ୟନ୍ତ : ଚାୟାଁପାଳ ଧନୁଭାଇ, ମନୁଭାଇ, ଅନୁଭାଇ ଓ ରେନୁଭାଇଙ୍କ ବାସଭବନ ପରିସରରେ ସତ୍‌ସଙ୍ଗ ଓ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି ।

ତା୨୦.୧୨.୨୦୧୩ରିଖ (ଶୁକ୍ରବାର) : ଲକ୍ଷ୍ମୀସାଗର ତାରେଣୀ ମନ୍ଦିର ନିକଟରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି ।

ବି.ଦ୍ର : କେତେକ ଅନିବାର୍ଯ୍ୟ କାରଣବଶତଃ ଉପରୋକ୍ତ ସନ୍ଦେଶ ୪୯ତମ ଚରମରେ ପ୍ରକାଶିତ ନ ହୋଇ ଏହି ଚରମରେ ପ୍ରକାଶିତ କରାଗଲା ।

## DECLARATION FORM-I

(Rule-8)

## THE CHARAM PUBLICATION

| | | | |
|---|---|---|---|
| 1. | Place of Publication | : | Swarnakshetra, Kshitijyoti Ashram, Mahanga, Cuttack - 754206 |
| 2. | Periodicity of Publication | : | Bi-Monthly |
| 3. | Place of Printing | : | Rasad Ad Agency, Cuttack-12 |
| 4. | Publisher' Name | : | General Secretary, |
| | Address | | Viswa Bhratrutwa Dibyatma Parishad |
| | | : | Swarnakshetra, Mahanga - 754206 |
| | Nationality | : | Indian |
| 5. | Editor's Name | : | Keshab Das Brundaban |
| | Nationality | : | Indian |
| | Address | : | Swarnakshetra, Kshitijyoti Ashram, Mahanga Cuttack - 754206 |
| 6. | Name & Address of Individual who owns the magazine | : | General Secretary, Viswa Bhratrutwa Dibyatma Parishad Swarnakshetra, Mahanga, Cuttack - 754206 |
| 7. | Partner or Share Holders Holding more than one percent of the total capital | : | NIL |

Published by Keshab Chandra Samal on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack and printed at Rasad Ad Agency, Cuttack and published at Kshitijyoti Ashram Swarnakshetra, Mahanga, Cuttack. Editor - Keshab Das Brundaban.

I, Keshab Chandra Samal, General Secretary, on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack, Odisha do hereby declare that I am the publisher of the periodical magazine entitled "THE CHARAM" printed at Cuttack City and published at the office of the 'THE CHARAM PUBLICATION" Kshitijyoti Ashram, Swarna Kshetra, Mahanga, Cuttack-754206 and the particulars in respect of the said magazine given above are true to the best of my knowledge and belief.

Sd/-

**Place : Mahanga**
Date : 25-11-2015

**(KESHAB CHANDRA SAMAL)**
Signature of the Publisher

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି